# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ସେପ୍ଟେମ୍ବର ୨୯/୨୦୨୧ (୧୬ ପୃଷ୍ଠା) | Dhenkanal, Wednesday, September 29/2021 | ★★★★★

୧୭ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





# ଜିଏସ୍‌ଟି ଚୋରି ଉପରେ ରୋକ ଲାଗିବ




- ସରକାର ଗଠନ କଲେ ୨ କମିଟି
- ଟିକସ ସ୍ଲାବ୍ ୩କୁ ଖସିପାରେ

ନୂଆଦିଲ୍ଲୀ,୨୮।୯

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଟିକସ ଠକେଇ ମାମଲା ସାମ୍ନାକୁ ଆସୁଛି। ଏହି ମାମଲାଗୁଡିକରେ ବୃହତ୍ ପରିମାଣର ରାଜସ୍ୱ ସରକାରଙ୍କୁ ହରାଇବାକୁ ପଡୁଛି। ଏହାକୁ ନଜରରେ ରଖି ସରକାର ଜିଏସ୍‌ଟି ଠକେଇ ରୋକିବା ଲାଗି ୨ଟି କମିଟି ଗଠନ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଟିକସ ଚୋରିକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଏସ୍‌ଟି ଛାଡ଼ ହେଉଥିବା ସାମଗ୍ରୀଗୁଡିକ ଉପରେ ସମୀକ୍ଷା କରିବା, ଟିକସ ଢାଞ୍ଚାର ପରିବର୍ତ୍ତନ ଉପରେ ପ୍ରସ୍ତାବ ଦେବା ଲାଗି ରାଜ୍ୟ ଅର୍ଥମନ୍ତ୍ରୀଙ୍କ ଏକ କମିଟି ଗଠନ କରାଯାଇଛି। କମିଟି ଏହାର ରିପୋର୍ଟ ୨ ମାସରେ ପ୍ରଦାନ କରିବ ବୋଲି ଜଣାପଡିଛି। ଜିଏସ୍‌ଟିରେ ବର୍ତ୍ତମାନ ୦%, ୫%, ୧୨%, ୧୮% ଏବଂ ୨୮% ଭଳି ୫ଟି ଟିକସ ସ୍ଲାବ୍ ରହିଛି।

୫ ସ୍ଲାବ୍‌କୁ ୩କୁ ଖସାଯାଇପାରେ। ଟିକସର ଏଭଳି ହାରକୁ ତର୍କ ସଙ୍ଗତ ବନାଇବା ଲାଗି ମନ୍ତ୍ରୀ ଗୋଷ୍ଠୀ ଟିକସ ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ କରିବ ବୋଲି କୁହାଯାଉଛି। ଟିକସ ସ୍ଲାବ୍ ଏବଂ ଢାଞ୍ଚାରେ ପରିବର୍ତ୍ତନ ହେବାକୁ ଯାଉଥିବାରୁ ଜିଏସ୍‌ଟି ବାହାରେ ଥିବା କିଛି ସାମଗ୍ରୀ ଟିକସ ପରିସରଭୁକ୍ତ ହୋଇପାରେ। ସେହିଭଳି କିଛି ସାମଗ୍ରୀ ଉପରେ ଟିକସ ହାର ବଢ଼ିପାରେ। ସେହିଭଳି କିଛି ନୂଆ ସାମଗ୍ରୀ ଉପରେ ଟିକସ ଛାଡ଼ ତାଲିକାରେ ମଧ୍ୟ ସ୍ଥାନିତ ହୋଇପାରେ।

ପ୍ରଥମ କମିଟି କର୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ କରାଯାଇଛି। ଉକ୍ତ କମିଟିରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର, କେରଳ ଅର୍ଥ ମନ୍ତ୍ରୀ କେ.ଏନ୍.ବାଲଗୋପାଳ, ବିହାର ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦ ଏବଂ ଅନ୍ୟମାନେ ରହିଛନ୍ତି। ଟିକସର ଆଧାର ବୃଦ୍ଧି, ଇନ୍‌ପୁଟ ଟିକସ କ୍ରେଡିଟ ଏବଂ ଜିଏସ୍‌ଟିରୁ ଛାଡ ପାଇଥିବା ବିଭିନ୍ନ ସାମଗ୍ରୀ ଉପରେ ଏହି କମିଟି ସମୀକ୍ଷା କରିବ। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱରେ ଦ୍ୱିତୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ତାମିଲନାଡୁ ଅର୍ଥମନ୍ତ୍ରୀ ପି.ଟି.ରାଜନ, ଛତିଶଗଡ଼ ଅର୍ଥମନ୍ତ୍ରୀ ଟି.ଏସ୍.ସିଂ ଦେଓ ଏବଂ ଅନ୍ୟମାନେ ସ୍ଥାନିତ ହୋଇଛନ୍ତି। ଟିକସ ଚୋରିର ସ୍ରୋତ ସମ୍ପର୍କରେ ପତ୍ତା ଲଗାଇବା, ରାଜସ୍ୱ ହ୍ରାସ ରୋକିବା ନେଇ ବିଭିନ୍ନ ପ୍ରସ୍ତାବ ଏହି କମିଟି ଦେବ।

# ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୮।୯

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆଇଆଇଏମ୍ ବାଙ୍ଗାଲୋରର ନିର୍ଦ୍ଦେଶକ ପ୍ରଫେସର ଟି. ଋଷିକେଶ କ୍ରିଷ୍ଣନ ଡିଜିଟାଲ ଯୁଗରେ ନବ ଉଦ୍ଭାବନ ଶୀର୍ଷକ ଦୀକ୍ଷାନ୍ତ ଭାଷଣ ଉପସ୍ଥାପନ କରିଥିଲେ। ଦ୍ରବ୍ୟାନୁଭିତ୍ତିକ ନବାଚାର ଓ ତା'ର ପରିସର, ତଥ୍ୟ ସଂରଚନା ଏବଂ ସଂଯୋଜନା, ସମ୍ପ୍ରସାରଣ ପ୍ରକ୍ରିୟା, ମୁକ୍ତ ଜ୍ଞାନକୋଷର ଅନ୍ୱେଷଣ, ସହଯୋଗାତ୍ମକ ଦୂରଦ୍ରଷ୍ଟା ସମ୍ପ୍ରସାରଣ, କ୍ଷିପ୍ର ମୂଲ୍ୟାଙ୍କନ, ପାରମ୍ପରିକ କ୍ଷେତ୍ରରୁ କୃତ୍ରିମ ବୁଦ୍ଧିମତ୍ତାର ପ୍ରକ୍ଷେପଣ ଓ ପ୍ରୟୋଗାତ୍ମକ ମହାନାୟକର ଆବଶ୍ୟକତା ଆଦି ଅଷ୍ଟ ସୂତ୍ରବଳୀର ସଂକ୍ଷିପ୍ତ ବିବୃତ୍ତୀକରଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କୁଳାଧ୍ୟକ୍ଷ ଡ.ବିଶ୍ୱଜିତ ପଟ୍ଟନାୟକ ଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟକୁ ରୂପାନ୍ତରିତ ହେବାର ସ୍ମୃତିଚାରଣ କରିଥିଲେ। ସେ ସମସ୍ତ ପୃଷ୍ଠପୋଷକ, ପରାମର୍ଶଦାତା ଏବଂ ଅଂଶୀଦାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାଏ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର କୌଶିକ ଏନ୍. ଭୂୟାଁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ପ୍ରାକ୍ତନ ଛାତ୍ରୀଛାତ୍ର, ଶୁଭେଚ୍ଛୁ, ଶିକ୍ଷୟିତ୍ରୀ ଶିକ୍ଷକ, ଗବେଷକ, ଶିଳ୍ପ ଏବଂ ବୃତ୍ତି ବିଶେଷଜ୍ଞ ଯୋଗ ଦେଇଥିଲେ।

## ପିଏନ୍‌ବି ଅଧିକାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୮।୯

ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଅଫିସର୍ସ ଆସୋସିଏଶନ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସର୍କଲ ପକ୍ଷରୁ ସର୍କଲ ସେକ୍ରେଟାରି ହିମାଂଶୁ ମହାପାତ୍ରଙ୍କ ଅବସର ଉପଲକ୍ଷେ କାର୍ଯ୍ୟନିର୍ବାହୀ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟନିର୍ବାହୀ ପରିଷଦର ସମସ୍ତ ସଦସ୍ୟ ସର୍ବସମ୍ମତିକ୍ରମେ ସର୍କଲ ସଭାପତି ବୈଲୋଚନ ସାହୁଙ୍କୁ ହିମାଂଶୁ ମହାପାତ୍ରଙ୍କ ସ୍ଥାନରେ ସର୍କଲ ସେକ୍ରେଟାରି ଭାବେ ମନୋନୀତ କରିଛନ୍ତି। ଏହା ସହ ବର୍ତ୍ତମାନର ସର୍କଲ ଉପସଭାପତି ଅରବିନ୍ଦ ଶତପଥୀ ସଭାପତି ପଦବୀକୁ ମନୋନୀତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ରାଉତ ଉପସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ସର୍କଲ ସେକ୍ରେଟାରି ବୈଲୋଚନ ସାହୁ ସୂଚନା ଦେଇଛନ୍ତି ଯେ, ଆସନ୍ତା ମାସ ୨୩ ତାରିଖରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ସାଧାରଣ ସମ୍ପାଦକ ଦିଲୀପ ସାହା ଏବଂ କେନ୍ଦ୍ର ପରିଷଦର ସଭାପତି ସାର୍ ଖଜାନ୍‌ଜୀ ଏହି ବୈଠକକୁ ସମ୍ବୋଧନ କରିବେ । ବୈଠକ ଶେଷରେ ବୈଲୋଚନ ସାହୁ ସମାପ୍ତି ସମ୍ଭାଷଣ ପ୍ରଦାନ କରିଥିଲେ ।

# ଏଲ୍‌ଆଇସି-ଭାରତୀୟ ଡାକ ମଧ୍ୟରେ ଚୁକ୍ତି



ନୂଆଦିଲ୍ଲୀ,୨୮।୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଏବଂ ଡାକ ବିଭାଗ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରିଣ୍ଟ ଟୁ ପୋଷ୍ଟ ସଲ୍ୟୁଶନ ପାଇଁ ଏହା ଉଦ୍ଦିଷ୍ଟ ହେବ। ଏହି ସଲ୍ୟୁଶନ ଡାକ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଛି। ଜୀବନ ବୀମା ପଲିସିଗୁଡିକର ପ୍ରିଣ୍ଟିଂ ଏବଂ ଡେସ୍‌ପ୍ୟାଚ୍ କରିବାରେ ଡାକ ବିଭାଗ କାର୍ଯ୍ୟ କରୁଛି। ଡାକ ବିଭାଗର ଉକ୍ତ ସେବାକୁ ଏଲ୍‌ଆଇସି ହାସଲ କରୁଥିବା ବେଳେ ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୁମ୍ବାଇରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏଲ୍‌ଆଇସି ଅଧ୍ୟକ୍ଷ ଏମ୍.ଆର୍.କୁମାର, ଏମ୍‌ଡି ମୁକେଶ କୁମାର ଗୁପ୍ତା, ରାଜକୁମାର, ମିନି ଇପି, ଇଡି ପ୍ରଭୀନ କୁମାର, ଡାକ ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ଅଜୟ କୁମାର ରଏ,ନୂଆଦିଲ୍ଲୀର ପୋଷ୍ଟ ମାଷ୍ଟର ଜେନେରାଲ ଟିଏମ୍ ଶ୍ରୀଲତା ପ୍ରମୁଖ ଉପସ୍ଥିତ ଥିଲେ। ଏଲ୍‌ଆଇସି ପ୍ରଡକ୍ଟ ଡେଲିଭରିକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଥିବା କୁମାର କହିଛନ୍ତି।

## ଗ୍ଲେନ୍ସ ଇନମୋବିରେ ଅଂଶଧନ କିଣିପାରେ ରିଲାଏନ୍ସ

ନୂଆଦିଲ୍ଲୀ,୨୮।୯: ମୋବାଇଲ କଣ୍ଟେଣ୍ଟ ପ୍ରଦାନକାରୀ ଗ୍ଲେନ୍ସ ଇନମୋବିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଂଶଧନ କିଣିପାରେ। ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଲାଗି ରିଲାଏନ୍ସ ବର୍ତ୍ତମାନ କଥାବର୍ତ୍ତା ଆରମ୍ଭ କରିଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଏଥିଲାଗି ରିଲାଏନ୍ସ ପ୍ରାୟ ୩୦୦ ନିୟୁତ ଡଲାର ନିବେଶ କରିପାରେ। ଆସନ୍ତା କିଛି ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତ ଟ୍ରାଞ୍ଜାଶନ ଶେଷ ହୋଇପାରେ। ଫୋନ ଲକ୍‌ସ୍କ୍ରିନ ଏବଂ ସର୍ଟ ଭିଡିଓ ଦ୍ୱାରା ଏହି କମ୍ପାନୀ ନ୍ୟୁଜ ଏବଂ ଏଣ୍ଟରଟେନମେଣ୍ଟ କଣ୍ଟେଣ୍ଟ ପ୍ରଦାନ କରୁଛି।

## ଇଜିଏମ୍ ଆୟୋଜନ ଲାଗି ଫ୍ୟୁଚର ଗ୍ରୁପ୍‌କୁ ଅନୁମତି

ନୂଆଦିଲ୍ଲୀ,୨୮।୯

ଏକ୍ସଟ୍ରାଅର୍ଡିନାରି ଜେନେରାଲ ମିଟିଂ (ଇଜିଏମ୍) ଆୟୋଜନ କରିବା ଲାଗି ଫ୍ୟୁଚର ଗ୍ରୁପ୍‌କୁ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ମୁମ୍ବାଇ ଅନୁମତି ପ୍ରଦାନ କରିଛନ୍ତି। ଏହାଦ୍ୱାରା ଫ୍ୟୁଚର ଗ୍ରୁପ୍ ଏହାର ଅଂଶୀଦାରଙ୍କ ସହ ବୈଠକ ଆୟୋଜନ କରିବ। ଗ୍ରୁପ୍ ସମ୍ପତ୍ତିକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ବିକ୍ରି କରିବା ଲାଗି ଏହା ଅଂଶୀଦାରଙ୍କ ଅନୁମତି ଲୋଡିବ ବୋଲି ଜଣାପଡିଛି। ମଙ୍ଗଳବାର ଜାରି ହୋଇଥିବା ଅର୍ଡରରେ ଏନ୍‌ସିଏଲ୍‌ଟି କହିଛି, ଇଜିଏମ୍ ଆୟୋଜନ ଲାଗି କମ୍ପାନୀ ଏକ ତାରିଖ ନିର୍ଦ୍ଧାରଣ କରୁ। ଏହି ବୈଠକରେ ଉଭୟ ଅଂଶୀଦାର ଏବଂ ଋଣ ପ୍ରଦାନକାରୀ ଅଂଶ ଗ୍ରହଣ କରିବେ। ଫ୍ୟୁଚର ଗ୍ରୁପ୍‌ର ରିଟେଲ, ହୋଲ୍‌ସେଲ, ଲଜିଷ୍ଟିକ ଏବଂ ୱେରହାଉସିଂ ବିଜ୍‌ନେସକୁ ୨୪,୭୧୩ କୋଟିରେ ରିଲାଏନ୍ସ ଅଧିଗ୍ରହଣ କରିବା ନେଇ ଗତ ବର୍ଷ ଅଗଷ୍ଟରେ ଘୋଷଣା କରିଥିଲା।

# କାର୍ଡିଆକ୍ ସପୋର୍ଟ ଗ୍ରୁପ୍ ଆରମ୍ଭ କଲା ଆମ୍ରି

ଭୁବନେଶ୍ୱର,୨୮।୯

ଆମ୍ରି ହସ୍ପିଟାଲ୍ସ ପକ୍ଷରୁ କାର୍ଡିଆକ ସପୋର୍ଟ ଗ୍ରୁପ୍ ଗଠନ କରାଯାଇଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ପ୍ରମୁଖ ବିଶେଷଜ୍ଞଙ୍କ ଦ୍ୱାରା ଏହା ସେବା ଯୋଗାଣ ଜାରି ରଖିଥିବା କହିଛି। ୱାର୍ଲଡ ହାର୍ଟ ଡେ ଅବସରରେ ହସ୍ପିଟାଲ ପକ୍ଷରୁ ରୋଗୀଙ୍କ ଲାଗି ଏନ୍‌ଗେଜମେଣ୍ଟ ଫୋରମ ଗଠନ କରାଯାଇଛି। ଏହି ସପୋର୍ଟ ଗ୍ରୁପ ସୂଚନା ଆଦାନ ପ୍ରଦାନ ଦ୍ୱାରା ଏକ ନେଟ୍‌ୱର୍କ ଗଠନ କରିବ। ଏହା ହୃଦ୍‌ରୋଗ ଚିକିତ୍ସା ସଂକ୍ରାନ୍ତ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ। କାର୍ଯ୍ୟକ୍ରମ ଅବସରରେ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡ. ଜେ.କେ. ପାଢୀ କହିଛନ୍ତି, ଯେକୌଣସି ବ୍ୟକ୍ତି ବିଶେଷଙ୍କୁ କୌଣସି ବି ସମୟରେ ହାର୍ଟ ଆଟାକ ହେବା ଆଶଙ୍କା ରହିଛି। ୨୦ ବର୍ଷ ପରଠାରୁ ନିୟମିତ ବ୍ୟବଧାନରେ କୋଲେଷ୍ଟରଲ ପରୀକ୍ଷା କରିବା ଆବଶ୍ୟକତା ରହିଛି। ପରିବର୍ତ୍ତିତ ଜୀବନଶୈଳୀ, ଅସ୍ୱସ୍ଥିକର ଖାଦ୍ୟ ପାନୀୟ, ଧୂମପାନ ହୃଦ୍‌ରୋଗ ବୃଦ୍ଧିର କାରଣ ହେଉଥିବା ଡ.ମହେଶ ପ୍ରସାଦ ଅଗ୍ରୱାଲ କହିଛନ୍ତି। ଡ.ଜିତେନ୍ଦ୍ର ନାଥ ପଟ୍ଟନାୟକ, ଡ.ବିଶ୍ୱଜିତ ମହାପାତ୍ର ଏବଂ ବରିଷ୍ଠ ବିଶେଷଜ୍ଞ ଲିଙ୍ଗରାଜ ନାଥ ବିଭିନ୍ନ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ ଉପରେ ମତବ୍ୟକ୍ତ କରିଥିଲେ। ବର୍ତ୍ତମାନର ସଙ୍କଟ ସମୟରେ ଲୋକମାନେ ସ୍ୱାସ୍ଥ୍ୟକୁ ନେଇ ଅଧିକ ସଚେତନ ହେବା ଆବଶ୍ୟକତା ରହିଛି ବୋଲି ୟୁନିଟ ହେଡ୍ ନିଲଞ୍ଜନା ମୁଖାର୍ଜୀ କହିଛନ୍ତି।

## ରାଜ୍ୟ ଖବର

### ସଂକ୍ଷେପରେ

## ଲଘୁଚାପ: ୪ ଯାଏ ବର୍ଷିବ



ଭୁବନେଶ୍ୱର,୨୮।((ବ୍ୟୁରୋ): ବଙ୍ଗୋପସାଗରରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପଶ୍ଚିମ ତଥା ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ମଙ୍ଗଳବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇପାରେ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ଦେବଗଡ଼, ଅନୁଗୋଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲା ପ୍ରବଳ ବର୍ଷା ହେବ। ଏ ନେଇ ଏଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାର ପ୍ରଭାବରେ ତଳିଆ ଅଞ୍ଚଳରେ ବର୍ଷା ପାଣି ଜମି ରହିବ। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା ରହିଛି। ଲଘୁଚାପ ପ୍ରଭାବରେ ଆସନ୍ତା ଅକ୍ଟୋବର ୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ ଅଫିସ,୨୮।୯

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ)ରୁ ଗୁପ୍ତତଥ୍ୟ ଲିକ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏହା ଦେଶର ଜାତୀୟ ତଥ୍ୟ ସୁରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ମାମଲା ହୋଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ତେଣୁ କ୍ରାଇମବ୍ରାଞ୍ଚ ବଦଳରେ ଏହି ମାମଲାର ତଦନ୍ତଭାର ସିବିଆଇ, ଏନ୍‌ଆଇଏ କିମ୍ବା ଏସ୍‌ଆଇଟି ଦ୍ୱାରା କରାଯିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଆଇନଜୀବୀ ଅରୁଣ କୁମାର ବୁଢ଼ିଆ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ କେନ୍ଦ୍ର ଗୃହ ସଚିବ, ପ୍ରତିରକ୍ଷା ସଚିବ, ରାଜ୍ୟ ଗୃହ ସଚିବ, ପୋଲିସ ଡିଜି, ସିବିଆଇ ନିର୍ଦ୍ଦେଶକ, ଏନ୍‌ଆଇଏ ନିର୍ଦ୍ଦେଶକ ଓ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜର(ଆଇଟିଆର) ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ଡିଆରଡିଓରୁ ଗୁପ୍ତତଥ୍ୟ ଲିକ୍ ଘଟଣା



ସୂଚନାଯୋଗ୍ୟ, ଡିଆରଡିଓରୁ ଗୁପ୍ତତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ଗତ ୧୮ ତାରିଖରେ ଆଇଟିଆରର ୫ କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଚାନ୍ଦିପୁର ଥାନା ଝାମ୍ପୁରା ଗ୍ରାମର ବସନ୍ତ ବେହେରା, ଜେନେରେଟର ଅପରେଟର ସଦର ଥାନା ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି, ଆଇଟିଆର୍ ମେନ୍ ଗେଟ୍‌ରେ କାର୍ଯ୍ୟ କରୁଥିବା ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ, ଏସି ଅପରେଟର ଚାନ୍ଦିପୁର ଥାନା ଶ୍ରୀକୋଣା ଗ୍ରାମର ଏସ୍.କେ. ମୁସାଫିର ଓ ସ୍ଥାୟୀ କର୍ମଚାରୀ (ଡ୍ରାଇଭର) ଉତ୍ତରପ୍ରଦେଶ ଅଞ୍ଚଳର ସଚିନ କୁମାର ଛତ୍ତା। ପରେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ୭ ଦିନିଆ ରିମାଣ୍ଡରେ ଆଣି କଟକ ମୁଖ୍ୟାଳୟରେ ଜେରା କରିଥିଲା। ଏହାପରେ ପରେ କୋର୍ଟରେ ହାଜର କରିଥିଲା।

# ରାଜ୍ୟରେ ଏନ୍‌ସିଡି ହାର ଜାତୀୟ ହାରଠାରୁ ଅଧିକ

ଭୁବନେଶ୍ୱର,୨୮।୯

ଓଡ଼ିଶାରେ ଅଣ ସଂକ୍ରାମକ ରୋଗ (ଏନ୍‌ସିଡି) ହାର ଜାତୀୟ ହାରଠାରୁ ଅଧିକ ରହିଛି। ଅସୋସିଏଟ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ୍) ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ରିପୋର୍ଟରୁ ଏହା ସାମ୍ନାକୁ ଆସିଛି। ଓଡ଼ିଶାରେ ଏନ୍‌ସିଡି ହାର ୨୭.୧୯% ଥିବା ବେଳେ ଭାରତରେ ଏହି ରୋଗର ହାର ହେଉଛି ୧୧.୬୩%। ଉକ୍ତ ରିପୋର୍ଟ ଅନୁସାରେ ଓଡ଼ିଶାର ହାଇପରଟେନ୍‌ସନ, ଡାଇବେଟିସ୍, ଶ୍ୱାସକ୍ରିୟା ଓ ହୃଦ୍‌ରୋଗ ସମ୍ପର୍କିତ ସମସ୍ୟାର ହାର ଅଧିକ ରହିଛି। ବାୟୁ ପ୍ରଦୂଷଣ ଅଣ ସଂକ୍ରାମକ ରୋଗର ଅନ୍ୟ ଏକ କାରକ ଭାବେ ଉଭା ହୋଇଛି। ରାଜ୍ୟରେ ଲୋକମାନେ ଦେଶର ଲୋକମାନଙ୍କ ତୁଳନାରେ ଅଧିକ ମାତ୍ରାରେ ବାୟୁ ପ୍ରଦୂଷଣର ଶିକାର ହେଉଥିବା ରିପୋର୍ଟରେ ପ୍ରକାଶ କରାଯାଇଛି। ରିପୋର୍ଟ ମୁତାବକ, ଓଡ଼ିଶାର ୯୧.୬% ବ୍ୟକ୍ତି ଆମିଷ ଭୋଜନ କରୁଛନ୍ତି। ଏହି କ୍ଷେତ୍ରରେ ଜାତୀୟ ହାର ୬୫.୬% ରହିଛି। ସେହିଭଳି ଜାତୀୟ ହାର ତୁଳନାରେ ରାଜ୍ୟରେ କ୍ଷୀର ଓ ଫଳ ଅପେକ୍ଷା ଜଙ୍କ୍‌ଫୁଡ୍ ବ୍ୟବହାର ହାର ଅଧିକ। ଏହି ସମସ୍ତ ବ୍ୟବହାର ହାଇପରଟେନ୍‌ସନ, ହଜମ ସମସ୍ୟା, ହୃଦ୍‌ରୋଗ ଓ ମଧୁମେହ ଭଳି ବିଭିନ୍ନ ପ୍ରକାର ଏନ୍‌ସିଡି ସୃଷ୍ଟି କରିବା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏହି ରିପୋର୍ଟ ଅନୁସାରେ ରାଜ୍ୟର ୫୮% ଲୋକ ନିଜ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତି ନାହିଁ। ଦେଶରେ ଏହି ହାର ୪୭% ରହିଛି। ଏହି ସମସ୍ତ କାରଣ ରାଜ୍ୟରେ ଏନ୍‌ସିଡି ସଂଖ୍ୟା ବୃଦ୍ଧିର କାରଣ ହେଉଛି।

# ଓଡ଼ିଶା ନାମଫଳକକୁ ଲିଭାଇ ଦେଲା ଆନ୍ଧ୍ର

ପଟ୍ଟାଙ୍ଗୀ,୨୮।୯(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ତେବେ ଏହି ବିବାଦକୁ ବେଶି ବଢ଼ାଉଛି ଆନ୍ଧ୍ର। ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ ନ କରି ଆନ୍ଧ୍ର କୋଟିଆରେ ଅନୁପ୍ରବେଶ କରି ନିଜ କାର୍ଯ୍ୟକ୍ରମ ଜାରି ରଖିଛି। କୋଟିଆରେ ପୂର୍ବରୁ ଓଡ଼ିଶା ପକ୍ଷରୁ କୋରାପୁଟ ଜିଲା ପ୍ରଶାସନ ନାମଫଳକ ଲଗାଇଥିଲା। ସୋମବାର ଆନ୍ଧ୍ର କୋଟିଆର ପ୍ରତି ଗ୍ରାମରେ ନିଜର ନାମଫଳକ ଲଗାଇଥିଲା। ତେବେ ଏହି ସମୟରେ ଆନ୍ଧ୍ର ଓଡ଼ିଶା ପକ୍ଷରୁ ନେରେଡିବାଲାସା ଗ୍ରାମରେ ମରାଯାଇଥିବା ନାମଫଳକୁ ଆନ୍ଧ୍ରର ଅଧିକାରୀମାନେ ଲିଭାଇ ଦେଇଥିବା ଦେଖିବାକୁ ମିଳିଛି। ଆନ୍ଧ୍ରର ଏପରି କାର୍ଯ୍ୟକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ଉତ୍କଳ ସମ୍ମିଳନୀର ପଟ୍ଟାଙ୍ଗୀ ବ୍ଲକ ସଭାପତି ଶରତ ଧଳଙ୍କ ସମେତ ଅନ୍ୟମାନେ ଏହାକୁ ନିନ୍ଦା କରି ଓଡ଼ିଶା ସରକାରଙ୍କ ପକ୍ଷରୁ କୋଟିଆରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଆନ୍ଧ୍ର ସହ୍ୟ କରି ପାରୁ ନ ଥିବା ପ୍ରକାଶ କରିଛନ୍ତି। କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ କଡା ପଦକ୍ଷେପ ନେବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ଓଡ଼ିଶା-ଆନ୍ଧ୍ର ସୀମା ବିବାଦ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଆଶ୍ରୟ ନେଇଥିଲେ। ନିକଟରେ ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଉଭୟ ରାଜ୍ୟର ରାଜନୈତିକ ସ୍ତରରେ ସମସ୍ୟା ଆଲୋଚନା କରି ସମାଧାନର ବାଟ ୬ ସପ୍ତାହ ମଧ୍ୟରେ ବାହାର କରିବାକୁ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ଆନ୍ଧ୍ର ଏହାକୁ ଅଣଦେଖା କରି ଓଡ଼ିଶାର କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରି ବିଭିନ୍ନ କାର୍ଯ୍ୟ କରୁଛି।



ଓଡ଼ିଶାର ନାମଫଳକକୁ ଲିଭାଇ ଦେଇଛି ଆନ୍ଧ୍ର।

## କୋଟିଆ ଯିବ ଗୃହ କମିଟି

ଭୁବନେଶ୍ୱର,୨୮।୯(ବ୍ୟୁରୋ)

କୋଟିଆ ଗ୍ରାମପୁଞ୍ଜକୁ ନେଇ ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ମଧ୍ୟରେ ବିବାଦ ଲାଗି ରହିଛି। ଆନ୍ଧ୍ର ପ୍ରଦେଶ ସେହି ଅଞ୍ଚଳରେ ବେଆଇନ ଭାବେ ବିଭିନ୍ନ ଉନ୍ନୟନ କାମ ଜାରି ରଖିଛି। ବାଚସ୍ପତି ସୂର୍ଯ୍ୟନାରାଣ ପାତ୍ର କହିଛନ୍ତି ଯେ କୋଟିଆ ଓଡିଶାର ଅବିଚ୍ଛେଦ୍ୟ ଅଙ୍ଗ। ଏହାକୁ କେହି ଛିନ୍ନ କରି ପାରିବେ ନାହିଁ। କୋଟିଆରେ ଏବେ ଆନ୍ଧ୍ର ପ୍ରଦେଶ ଫଳକ ମାରିଥିବା ଆମ ନଜରକୁ ଆସିଛି। ପିପିଲି ଉପନିର୍ବାଚନ ପରେ ବିଧାନସଭା ଗୃହ କମିଟି କୋଟିଆ ଅଞ୍ଚଳ ଗସ୍ତ କରିବ। ଏ ନେଇ କମିଟି ବସି ଖୁବ୍‌ଶୀଘ୍ର ତାରିଖ ଧାର୍ଯ୍ୟ କରାଯିବ ବୋଲି ବାଚସ୍ପତି କହିଛନ୍ତି। କମିଟି ସେଠାକାର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟିଆ ପାଇଁ ୧୫୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ସେଥିରେ କୋଟିଆ ଅଞ୍ଚଳର ବିକାଶ କାର୍ଯ୍ୟ ଜାରି ରହିଛି।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

### ନାବାଳିକା ବଳାତ୍କାର ପରେ ହତ୍ୟା ମାମଲା

ଝାରସୁଗୁଡ଼ା ଅଫିସ,୨୮।୯

୭ବର୍ଷ ତଳେ ହୋଇଥିବା ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ବିଚାରକରି ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍ ମଦନଲାଲ୍ କେଡିଆ ମଙ୍ଗଳବାର ଅଭିଯୁକ୍ତ ସୁଶାନ୍ତ ବୁଦୁଲା ଓରଫ ଜଙ୍ଗଲିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିରେ ୨ ପୃଥକ୍ ଦଫାରେ ୫୦ହଜାର ଟଙ୍କା ଲେଖାଏ ଜରିମାନା ଅର୍ଥରାଶି ରହିଛି। ଜରିମାନା ରାଶି ଖିଲାପହେଲେ ଅଧିକ ୨ମାସ ସଜା କାଟିବା ଲାଗି ରାୟରେ ନିର୍ଦ୍ଦେଶ ରହିଛି। ଏହି ମାମଲାରେ ସମୁଦାୟ ୩୬ଜଣ ସାକ୍ଷୀଙ୍କ ବୟାନ ପୀଡିତାଙ୍କ ସପକ୍ଷରେ ଯାଇଥିଲା। ପୀଡିତାଙ୍କ ତରଫରୁ ସରକାରୀ ଓକିଲ ପୃଥୀରାଜ ସିଂହଦେଓ ଓ ଅଭିଯୁକ୍ତଙ୍କ ତରଫରୁ ଓକିଲ ଡାକେଶ୍ୱର ପାଣ୍ଡେ ମାମଲା ଲଢୁଥିଲେ। ୨୦୧୪ ଅକ୍ଟୋବର ୩ତାରିଖରେ ଲଇକେରା ଥାନା ଅଞ୍ଚଳର ଜଣେ ୧୬ବର୍ଷିୟା ନାବାଳିକା ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ବଳାତ୍କାର କରି ପରେ ହତ୍ୟା କରିଥିଲେ। ନାବାଳିକାଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକୁ ନେଇ ଲଇକେରା ଥାନା (କେସ୍ ନଂ୧୦୭/୧୪)ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ସେ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ କୋର୍ଟଙ୍କ ନିଷ୍ପତ୍ତିକ୍ରମେ ସେ ଜେଲ୍‌ରେ ସଜା କାଟୁଛନ୍ତି।

# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ସେପ୍ଟେମ୍ବର ୨୯/୨୦୨୧ | Dhenkanal, Wednesday, September 29/2021 | ପୃଷ୍ଠା-୧




## ସୁନୀଲ ନାରିନ ପ୍ଲେୟର ଅଫ୍ ଦି ମ୍ୟାଚ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସର ସୁନୀଲ ନାରିନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୪

୧୨

## ଶ୍ୟାମଳୀ ପାଇଁ ରିଜେକ୍ଟ ହୋଇଥିଲେ ହିନା

ଅଭିନେତ୍ରୀ ହିନା ଖାନ୍ ଏକ ଶୋ'ରେ କଶ୍ମୀର ଝିଅ ଭୂମିକାରେ ଅଭିନୟ କରିବାକୁ ଚାହୁଁଥିଲେ ହେଁ ଶ୍ୟାମଳ ବର୍ଣ୍ଣ ପାଇଁ ତାଙ୍କୁ ପ୍ରତ୍ୟାଖାନ କରାଯାଇଥିଲା।



# ନାଁକୁ ପଲିଥିନ କଟକଣା

***୨୦୧୮ ଅକ୍ଟୋବର ୨ରୁ ଦୁଇଟି ପର୍ଯ୍ୟାୟରେ ରାଜ୍ୟର ୧୧୪ ସହରାଞ୍ଚଳକୁ ପଲିଥିନମୁକ୍ତ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପଲିଥିନ ବ୍ୟବହାରକାରୀ ଓ ଉତ୍ପାଦନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। କରୋନା ମହାମାରୀ ଦେଖାଦେବାଠାରୁ ଅର୍ଥାତ୍ ୨୦୨୦ ମାର୍ଚ୍ଚରୁ ସହରାଞ୍ଚଳଗୁଡ଼ିକରେ ପଲିଥିନ ବ୍ୟବହାର ପୁଣି ବହୁମାତ୍ରାରେ ବଢ଼ିଯାଇଛି। ସରକାରୀ କଟକଣା ସତେ ଯେମିତି ମୂଲ୍ୟହୀନ ହୋଇପଡ଼ିଛି।***

**ଭୁବନେଶ୍ୱର,୨୮।୯(ବ୍ୟୁରୋ)**

ଗାଁଠାରୁ ସହର, ୟୁଆଡ଼େ ଦେଖିବ ପଲିଥିନର ବହୁଳ ବ୍ୟବହାର ଚାଲିଛି। ଶସ୍ତାରେ ଉପଲବ୍ଧ ହେଉଥିବାରୁ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ଏହାକୁ ଏକ ଜରୁରୀ ସାମଗ୍ରୀ ଭାବେ ଧରିନେଲେଣି। ତେବେ ସାଧାରଣ ଭାବେ ବ୍ୟବହାର ହେଉଥିବା ପଲିଥିନ ପରିବେଶ ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏ ଦିଗରେ ଲୋକେ ସଚେତନ ହେଉ ନ ଥିବା ବେଳେ ପଲିଥିନ ନିଷେଧ ପାଇଁ ସରକାରୀ କଟକଣା କେବଳ ନିର୍ଦ୍ଦେଶନାମା ମଧ୍ୟରେ ସୀମିତ ରହିଛି। ପ୍ରଶାସନ ପକ୍ଷରୁ ପ୍ରଭାବୀ ଢଙ୍ଗରେ କଟକଣା ପାଳନ ପାଇଁ ପଦକ୍ଷେପ ନିଆଯାଉନାହିଁ। ପଲିଥିନ ବ୍ୟବହାରକୁ ଯଦି ରୋକା ନ ଯାଏ, ତେବେ ଆଗାମୀ ଦିନରେ ଭୟଙ୍କର ପରିବେଶ ସମସ୍ୟା ଭୋଗିବାକୁ ପଡ଼ିବ ବୋଲି ପରିବେଶବିତ୍ ଚେତାଇ ଦେଇଛନ୍ତି।

୨୦୧୮ ଗାନ୍ଧୀଜୟନ୍ତୀରୁ ପ୍ରଥମେ ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସମେତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ ଘୋଷଣା କରାଯାଇଥିଲା। ଏହାର ଠିକ୍ ବର୍ଷେ ପରେ ଅର୍ଥାତ୍ ୨୦୧୯ ଅକ୍ଟୋବର ୨ରୁ ରାଜ୍ୟର ସମସ୍ତ ୧୧୪ ସହରାଞ୍ଚଳରେ ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ସହିତ ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ।



ସେଥିପାଇଁ ଦଣ୍ଡ ବିଧାନ ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟ୍‌ଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି ହୋଇଛି। ମହାନଗର ନିଗମ କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପୃକ୍ତ ସହରାଞ୍ଚଳରେ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡବିଧାନ କରିପାରିବେ। ପଲିଥିନ କଟକଣାକୁ କଡ଼ାକଡ଼ି ଭାବେ ପାଳନ ପାଇଁ ଜିଲାପାଳ ଅଭିଯାନ ଚଳାଇବେ। ସେଥିରେ ଏଡିଏମ୍, ଏସ୍‌ପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌର ସଂସ୍ଥା ଅଧିକାରୀମାନଙ୍କୁ ସାମିଲ କରିବେ। ପଲିଥିନ ବିକ୍ରି, ଉତ୍ପାଦନ, ଗଚ୍ଛିତ କରୁଥିବା ସଂସ୍ଥା କିମ୍ବା ବ୍ୟବସାୟୀ ବିଜ୍ଞପ୍ତି ପ୍ରକାଶ ପାଇବାର ୧ ମାସ ମଧ୍ୟରେ ସେଗୁଡ଼ିକୁ ନଷ୍ଟ କରିବାକୁ କୁହାଯାଇଥିଲା। କଟକଣା ଲାଗୁ ହେବାର କିଛି ମାସ ମଧ୍ୟରେ ଧରପଗଡ଼ ଜୋରଦାର ☞ପୃଷ୍ଠା-୨

### ପ୍ରସ୍ତୁତ ହେଉଛି ଆକ୍ସନ ପ୍ଲାନ

ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଲୋକମାନେ ପଲିଥିନର ପ୍ରତିକୂଳ ପ୍ରଭାବ ବିଷୟରେ ସଚେତନ ହେବା ଦରକାର। ପଲିଥିନ କଟକଣାକୁ କଡ଼ାକଡ଼ି କରିବା ସହ ଉତ୍ପାଦନ ବନ୍ଦ କରିବା ଓ ଜରିମାନା ବୃଦ୍ଧି ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ପଲିଥିନ ବ୍ୟବହାର ନିଷିଦ୍ଧ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଏହାର ଅନୁମୋଦନ ପରେ ଖୁବ୍‌ଶୀଘ୍ର ରାଜ୍ୟରେ ଲାଗୁ କରାଯିବ।

## ୨ ମାସ ପରେ ପେଟ୍ରୋଲ ମୂଲ୍ୟ ବୃଦ୍ଧି

### ୩ୟ ଦିନ ପାଇଁ ବଢ଼ିଲା ଡିଜେଲ



ଭୁବନେଶ୍ୱର/ନୂଆଦିଲ୍ଲୀ,୨୮।୯: ବିଗତ ୨୩ ଦିନ ପରେ ପ୍ରଥମ ଥର ପାଇଁ ପେଟ୍ରୋଲ ଏବଂ କ୍ରମାଗତ ତୃତୀୟ ଦିନ ଲାଗି ଡିଜେଲ ଦର ପରିବର୍ତ୍ତନ ହୋଇଛି। ଶେଷ ଥର ପାଇଁ ପେଟ୍ରୋଲ ଜୁଲାଇ ୧୭ରେ ବୃଦ୍ଧି ପାଇଥିବା ତୈଳ ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ଡିଜେଲ ୨୮ ପଇସା ଏବଂ ପେଟ୍ରୋଲ ୨୨ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୭.୬୭ ଟଙ୍କା ଏବଂ ପେଟ୍ରୋଲ ୧୦୨.୨୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୯୮.୦୧ ଟଙ୍କା ଓ ପେଟ୍ରୋଲ ୧୦୨.୬୧ ଟଙ୍କାରେ ପହଞ୍ଚିଛି। ସେହିପରି ନୂଆଦିଲ୍ଲୀରେ ମଧ ଡିଜେଲ ୨୫ ପଇସା ଏବଂ ପେଟ୍ରୋଲ ୨୦ ପଇସା ବଢ଼ିଥିବା ଜଣାପଡ଼ିଛି। ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୯.୫୭ ଟଙ୍କା ଏବଂ ପେଟ୍ରୋଲ ୧୦୧.୩୯ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ମେଧା-ସଂରକ୍ଷଣ ଲଢ଼େଇ**

### ଆଜିର ମନ୍ତବ୍ୟ

" ପଞ୍ଜାବରେ ସ୍ଥିର, ପ୍ରଗତିଶୀଳ ସରକାର ଚଳାଇବାରେ କଂଗ୍ରେସର ସ୍ୱାର୍ଥବାଦୀ ନେତା ଅକ୍ଷମ। ପାକିସ୍ତାନ ସହ ସୀମା ବାଣ୍ଟୁଥିବା ଏହି ରାଜ୍ୟର ଲୋକେ ସେମାନଙ୍କଠାରୁ ଏପରି ଆଶା ରଖିପାରିବେ ନାହିଁ।

- ରାଘବ ଚଢ୍ଢା, ଏଏପି ନେତା









# ବିସ୍ଫୋରଣ: ଥାନାରେ କେହି ନ ଥିଲେ

**ପୁରୀ ଜିଲା ପିପିଲି ବିଧାନସଭା ଆସନରେ ଉପନିର୍ବାଚନକୁ ଦୁଇଦିନ ବାକି ଥିବାବେଳେ ସୋମବାର ମଧ୍ୟରାତିରେ ବଳଙ୍ଗା ଥାନାରେ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଥାନା ଓ ମାଲଖାନାର ଛାତ, କାନ୍ଥ ଭୁଶୁଡ଼ିପଡ଼ିଛି। ଏଥିରୁ ମାଲଖାନାରେ ବୋମା ରହିଥିବା ସ୍ପଷ୍ଟ ହେଉଥିବାବେଳେ ତାହା କାହା ବ୍ୟବହାର ପାଇଁ ପୋଲିସ ରଖିଥିଲା ବୋଲି ପ୍ରଶ୍ନ ଉଠିଛି। ଘଟଣାରେ କେହି ଆହତ ହୋଇ ନ ଥିବାହେତୁ ଜଣାପଡ଼େ ଯେ, ରାତିରେ ଥାନା ସମ୍ପୂର୍ଣ୍ଣ କର୍ମଚାରୀବିହୀନ ହୋଇପଡୁଛି।**

**ପୁରୀ ଅଫିସ/ବଳଙ୍ଗା,୨୮।୯(ଡି.ଏନ୍.ଏ.)**



ବିସ୍ଫୋରଣରେ ବଳଙ୍ଗା ଥାନା ଗୃହ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

ସୋମବାର ରାତି ପ୍ରାୟ ୧୨ଟା ୫ରେ ବଳଙ୍ଗା ଥାନା ଭିତରେ ହଠାତ୍ ବିସ୍ଫୋରଣ ଘଟିଥିଲା। କେହି କିଛି ବୁଝିବା ପୂର୍ବରୁ ଥାନା ଓ ମାଲଖାନାର କାନ୍ଥ, ଛାତ ଫାଟି ଖଣ୍ଡଖଣ୍ଡ ହୋଇ ଏଣେତେଣେ ପଡ଼ିଥିଲା। କମ୍ପ୍ୟୁଟର ଆସବାବପତ୍ର ଛିନ୍ନଛତ୍ର ହୋଇଯାଇଥିବାବେଳେ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ଦସ୍ତାବିଜ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ପ୍ରଚଣ୍ଡ ଶବ୍ଦରେ ଆଖପାଖର ଲୋକେ ଭୟଭୀତ ହୋଇଯାଇଥିଲେ। ଏହି ସମୟରେ ବାହାରେ ଡ୍ୟୁଟିରେ ଥିବା ସେଣ୍ଟ୍ରି ସରୋଜ ବେହେରା ଦୌଡ଼ି ପଳାଇ ନିଜ ଜୀବନ ବଞ୍ଚାଇଥିଲେ। ବଳଙ୍ଗାର କେନ୍ଦ୍ରସ୍ଥଳରେ ଥିବା ଥାନା ଭିତରେ ପୋଲିସ ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ ରଖିବା ଏବଂ ରାତି ସାରା ଥାନାକୁ ଜଣେ ସେଣ୍ଟ୍ରିଙ୍କ ଉପରେ ଛାଡ଼ିଦେବାକୁ ନେଇ ପୋଲିସର ଅବହେଳା ସ୍ପଷ୍ଟ ହେଉଛି। ଲୋକେ ନ୍ୟାୟ ପାଇଁ ଧାଉଁଥିବା ଥାନା ଭିତରେ ଯଦି ଏଭଳି ଘଟଣା ଘଟୁଛି, ☞ପୃଷ୍ଠା-୨

# ପଞ୍ଜାବ କଂଗ୍ରେସରେ ଘଡ଼ିକେ ଘୋଡ଼ା

**ଚଣ୍ଡିଗଡ଼/ନୂଆଦିଲ୍ଲୀ,୨୮।୯**



## ସଭାପତି ପଦରୁ ସିଦ୍ଧୁଙ୍କ ଇସ୍ତଫା

ପଞ୍ଜାବ କଂଗ୍ରେସରେ ଘଡ଼ିକେ ଘୋଡ଼ା ଛୁଟୁଛି। ନବ ନିଯୁକ୍ତ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ କ୍ୟାବିନେଟ ସଦସ୍ୟମାନଙ୍କୁ ବିଭାଗ ବଣ୍ଟନର କିଛି ସମୟ ପରେ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ପଦରୁ ନଭଜୋତ୍ ସିଂ ସିଦ୍ଧୁ ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ନିଜ ଇସ୍ତଫାପତ୍ର ପଠାଇଦେଇଛନ୍ତି, ଯାହାକି ଗ୍ରହଣ ହୋଇଛି। ଏହି ଘଟଣାକ୍ରମ ସହ ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଜାବ କଂଗ୍ରେସରେ ନୂଆ ସଙ୍କଟ ଦେଖାଦେଇଛି।

କ୍ରିକେଟରରୁ ରାଜନେତା ସାଜିଥିବା ନଭଜୋତ୍ ସିଂ ସିଦ୍ଧୁ ପଞ୍ଜାବ କଂଗ୍ରେସ ସଭାପତି ପଦ କାହିଁକି ଛାଡ଼ିଲେ ସେନେଇ ସ୍ପଷ୍ଟ ଭାବେ ଉଲ୍ଲେଖ କରିନାହାନ୍ତି। ନିଜ ଇସ୍ତଫାପତ୍ରରେ ସିଦ୍ଧୁ ଲେଖିଛନ୍ତି, ମଣିଷ ସାଲିସ କରିବାରେ ଲାଗିଲେ ଚାରିତ୍ରିକ ସ୍ଖଳନ ଆରମ୍ଭ ହୋଇଥାଏ। ପଞ୍ଜାବର ଭବିଷ୍ୟତ, କାର୍ଯ୍ୟସୂଚୀ ଓ ମଙ୍ଗଳକୁ ନେଇ ସେ ସାଲିସ କରିପାରିବେ ନାହିଁ। ☞ପୃଷ୍ଠା-୨

## ଦିଲ୍ଲୀରେ ଅମରିନ୍ଦର

**ନୂଆଦିଲ୍ଲୀ,୨୮।୯**



### କେନ୍ଦ୍ର କୃଷିମନ୍ତ୍ରୀ ହେବା ନେଇ ଚର୍ଚ୍ଚା

ନଭଜୋତ୍ ସିଂ ସିଦ୍ଧୁଙ୍କ ଯୋଗୁ ମୁଖ୍ୟମନ୍ତ୍ରୀ ପଦରୁ ଅପମାନଜନକ ଭାବେ ବିଦା ହେବା ପରେ କ୍ୟାପ୍‌ଟେନ ଅମରିନ୍ଦର ସିଂ ମଙ୍ଗଳବାର ପ୍ରଥମ ଥର ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିପାରନ୍ତି। ତେଣୁ ଅମରିନ୍ଦର ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟରେ ଅମରିନ୍ଦରଙ୍କୁ କୃଷିମନ୍ତ୍ରୀ କରାଯାଇପାରେ ବୋଲି କେତେକ ମିଡିଆ ହାଉସ୍‌ରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ଏଭଳି ଚର୍ଚ୍ଚାକୁ ଅମରିନ୍ଦରଙ୍କ ଗଣମାଧ୍ୟମ ପରାମର୍ଶଦାତା ରବିନ୍ ଠୁକ୍ରାଲ ଖଣ୍ଡନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ବ୍ୟକ୍ତିଗତ। ☞ପୃଷ୍ଠା-୨





| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ସୀମା |
|---|---|---|
| ₹1,00,000 ପର୍ଯ୍ୟନ୍ତ | 20% | ₹2,000 |
| ₹1,00,001 ରୁ ₹3,00,000 ପର୍ଯ୍ୟନ୍ତ | 25% | ₹2,500 |
| ₹3,00,001 ଓ ଅଧିକ | 30% | ₹3,000 |

# ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବୁବୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାକିସ୍ତାନରେ ୧୨ ବିଦେଶୀ ଆତଙ୍କବାଦୀ ସଂଗଠନ

## ଆମେରିକା କଂଗ୍ରେସ ରିପୋର୍ଟ

**ୱାଶିଂଟନ, ୨୮।୯**

ପାକିସ୍ତାନ ଅନ୍ୟୂନ ୧୨ଟି ବିଦେଶୀ ଆତଙ୍କବାଦୀ ସଂଗଠନକୁ ଆଶ୍ରୟ ଦେଇଥିବା ଆମେରିକା କଂଗ୍ରେସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ସେଥିରୁ ଲଷ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ (ଜେଇଏମ୍) ଭଳି ୫ଟି ସଂଗଠନର ଟାର୍ଗେଟରେ ଭାରତ ରହିଛି। ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପର ପେଣ୍ଠସ୍ଥଳ। ଆତଙ୍କବାଦ ଟାର୍ଗେଟକୁ ନେଇ ଉକ୍ତ ସଂଗଠନଗୁଡ଼ିକୁ ୫ ଭାଗରେ ବିଭକ୍ତ କରାଯାଇଛି। କେତେକ ଗୋଷ୍ଠୀ ପୂରା ବିଶ୍ୱକୁ ଟାର୍ଗେଟ କରୁଥିବାବେଳେ ଅନ୍ୟ କେତେକ ଆଫଗାନିସ୍ତାନ, ଭାରତ ତଥା କଶ୍ମୀର, ଦେଶ ଭିତରେ ଏବଂ ସିଆ ମୁସଲମାନଙ୍କୁ ଟାର୍ଗେଟ କରିଥାନ୍ତି ବୋଲି କଂଗ୍ରେସନାଲ ରିସର୍ଚ୍ଚ ସର୍ଭିସ (ସିଆର୍‌ଏସ୍) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ସପ୍ତାହରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା କ୍ୱାଡ୍ ସମିଟି ଆୟୋଜନ ଅବସରରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା।

୮୦ ଦଶକରେ ପାକିସ୍ତାନରେ ସୃଷ୍ଟ ଲଷ୍କର ସଂଗଠନ ୨୦୦୧ରେ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫ୍‌ଟିଓ) ଭାବେ ପରିଚିତ ହୋଇଥିଲା। ୨୦୦୮ ମୁମ୍ବାଇ ଆକ୍ରମଣ ସହ ଅନେକ ବଡ଼ ଆକ୍ରମଣ ସହ ଏହି ସଂଗଠନ ଜଡ଼ିତ। ୨୦୦୦ରେ କଶ୍ମୀରୀ ଆତଙ୍କବାଦୀ ନେତା ମାସୁଦ୍ ଆଝାରଙ୍କ ଦ୍ୱାରା ଜୈଶ-ଇ-ମହମ୍ମଦ ଗଠିତ ହୋଇଥିଲା ଏବଂ ୨୦୦୧ରେ ଏହା ଏଫ୍‌ଟିଓର ମାନ୍ୟତା ପାଇଥିଲା। ୨୦୦୧ରେ ଭାରତର ପାର୍ଲାମେଣ୍ଟ ଭବନ ସହ ବିଭିନ୍ନ ଆକ୍ରମଣରେ ଏହି ସଂଗଠନ ସମ୍ପୃକ୍ତ। ସୋଭିଏଟ୍ ସୈନ୍ୟବାହିନୀ ସହ ଲଢ଼ିବା ପାଇଁ ୧୯୮୦ରେ ଆଫଗାନିସ୍ତାନରେ ଗଠିତ ହୋଇଥିବା ହରକତ୍-ଉଲ୍ ଜିହାଦ ଇସ୍‌ଲାମୀ (ହୁଜି) ୨୦୧୦ରେ ଏଫ୍‌ଟିଓ ଭାବେ ଗଣାହୋଇଥିଲା। ୧୯୮୯ରୁ ଏହା ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇଛି। ସେହିପରି ୧୯୮୯ରେ ସୃଷ୍ଟି ହୋଇଥିବା ହିଜ୍‌ବୁଲ ମୁଜାହିଦ୍ଦିନ ୨୦୧୭ରେ ଏଫ୍‌ଟିଓ ପରିଚୟ ହାସଲ କରିଥିଲା। ଜମ୍ମୁ-କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ଗ୍ରୁପ୍ ମଧ୍ୟରୁ ଏହା ସବୁଠୁ ପୁରୁଣା ଓ ବୃହତ୍ତମ ସଂଗଠନ ବୋଲି ସିଆର୍‌ଏସ୍ ରିପୋର୍ଟରେ କୁହାଯାଇଛି।

# ପାଠ ପଢ଼ାଇପାରିବେନି ମହିଳା

## ତାଲିବାନ୍ ନିଯୁକ୍ତ କୁଳପତିଙ୍କ ନୂଆ ନିୟମ

**କାବୁଲ, ୨୮।୯**

କାବୁଲ ୟୁନିଭର୍ସିଟିର ଜଣେ ଅଭିଜ୍ଞ ଓ ଉଚ୍ଚଶିକ୍ଷିତ କୁଳପତିଙ୍କୁ ହଟାଇ ତାଲିବାନ୍ କଳାରେ ସ୍ନାତକ ଡିଗ୍ରୀଧାରୀ ଜଣେ ଯୁବ କୁଳପତିଙ୍କୁ ନିଯୁକ୍ତ କରିବା ପରେ ସେ ମହିଳା ବିରୋଧୀ ନିଷ୍ପତ୍ତି ନେବା ଆରମ୍ଭ କରିଛନ୍ତି। ୟୁନିଭର୍ସିଟିରେ ଇସ୍‌ଲାମିକ୍ ପରିବେଶ ସୃଷ୍ଟି ନ ହେବା ପର୍ଯ୍ୟନ୍ତ ମହିଳାମାନେ ପାଠ ପଢ଼ାଇପାରିବେନି ବୋଲି ନୂଆ କୁଳପତି ଅଶ୍ରଫ୍ ଗୈରତ କହିଛନ୍ତି। ଗତ ୨୦ ବର୍ଷ ଧରି ସ୍ୱାଧୀନ ଭାବେ କାମ କରୁଥିବା ମହିଳାଙ୍କୁ ଏବେ ତାଲିବାନ୍ ଶାସନରେ ବନ୍ଦୀ ଜୀବନ ବିତାଇବାକୁ ବାଧ୍ୟ କରାଯାଉଛି। ୟୁନିଭର୍ସିଟିର ଜଣେ ଅଧ୍ୟାପିକା କହିଛନ୍ତି, ଶିକ୍ଷାନୁଷ୍ଠାନ ଭଳି ପବିତ୍ର ସ୍ଥାନରେ କୌଣସି ଅଣ-ଇସ୍‌ଲାମିକ୍ କାର୍ଯ୍ୟ ହେଉନାହିଁ। ଏଠାରେ ହିଁ ଶିକ୍ଷକ, ଇଞ୍ଜିନିୟର, ରାଷ୍ଟ୍ରପତି ଏପରି କି ମୁଲ୍ଲା ଶିକ୍ଷାପ୍ରାପ୍ତ କରୁଛନ୍ତି। କାବୁଲ ୟୁନିଭର୍ସିଟି ଆଫଗାନ୍‌ମାନଙ୍କ ଘର ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ନାଁକୁ ପଲିଥିନ...

ହୋଇଥିଲା। ବ୍ୟବସାୟୀମାନେ ଜରିମାନା ଭୟରେ ପଲିଥିନ ବ୍ୟବହାର ବନ୍ଦ କରି ଦେଇଥିଲେ। ଲୋକେ ବ୍ୟାଗ୍ ନେବା ଆରମ୍ଭ କରିଥିଲେ। କରୋନା ମହାମାରୀ ସଂକ୍ରମଣକୁ ଦେଖି ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ହେଲା। ଏହାପରେ ପଲିଥିନ ବ୍ୟବହାର ବହୁପରିମାଣରେ ବଢ଼ିଯାଇଛି। କଟକଣା କଡ଼ାକଡ଼ି ପାଳନ ହେଉ ନ ଥିବାରୁ ବ୍ୟବସାୟୀ ଏବଂ ଲୋକେ ବିନା ସଙ୍କୋଚରେ ବ୍ୟବହାର କରିଚାଲିଛନ୍ତି। ଏଥିଯୋଗୁ ସହରାଞ୍ଚଳରେ କୁଢ଼କୁଢ଼ ପଲିଥିନ ଆବର୍ଜନା ସୃଷ୍ଟି ହେଉଛି, ଯାହାକି ପରିବେଶ ପ୍ରତି ବିପଦ ସାଜିଛି।

ଭୁବନେଶ୍ୱରରେ ତେଜରାତି ଦୋକାନୀ ବିଜୟ ସାହୁ କହିଛନ୍ତି, ଗ୍ରାହକମାନେ ସାମଗ୍ରୀ ନେବାକୁ ପଲିଥିନ ମାଗୁଛନ୍ତି। ନ ଦେଲେ ଅନ୍ୟ ଦୋକାନକୁ ଚାଲି ଯାଉଛନ୍ତି। ଉତ୍ପାଦନ ହେଉଥିବାରୁ ବଜାରରେ ମିଳୁଛି। ଆମେ ବାଧ୍ୟ ହୋଇ ଆଣୁଛୁ। ପ୍ରଥମେ ପଲିଥିନ ଉତ୍ପାଦନ ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଗ୍ରାହକ ବନମାଳୀ ବେହେରା କହିଛନ୍ତି, ହଠାତ୍ ବାହାରୁ ଜିନିଷ ନେବାକୁ ପଡୁଥିବାରୁ ପଲିଥିନ ଉପରେ ନିର୍ଭର କରିବାକୁ ପଡୁଛି। ଆଗରୁ ଧରପଗଡ଼ ହେଉଥିବାରୁ ବ୍ୟବସାୟୀ ପଲିଥିନ ଦେବାକୁ ମନା କରୁଥିଲେ। ଆମେ ବ୍ୟାଗ୍ ନେଉଥିଲୁ। ଏବେ ସବୁଆଡ଼େ ପଲିଥିନରେ ଲୋକମାନେ ଜିନିଷପତ୍ର ନେଉଛନ୍ତି। ଏପରି କି ଖାଦ୍ୟପଦାର୍ଥ ମଧ୍ୟ ପଲିଥିନରେ ଯାଉଛି। ପରିବେଶ ପାଇଁ ବିପଦ ଥିବାରୁ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। କଡ଼ା କାର୍ଯ୍ୟାନୁଷ୍ଠାନ ନ ହେଲେ ପଲିଥିନ ବ୍ୟବହାର ବନ୍ଦ ହେବ ନାହିଁ ବୋଲି ସେ କହିଛନ୍ତି। ପରିବା ବ୍ୟବସାୟୀ ରାମଚନ୍ଦ୍ର ସାହୁ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ୫୦ ମାଇକ୍ରନରୁ ଊର୍ଦ୍ଧ୍ୱ ମୋଟେଇର ଏକକ ବ୍ୟବହାରଯୋଗ୍ୟ ପଲିଥିନ ବ୍ୟବହାର କରାଯାଇପାରିବ। ହେଲେ ଏହାର ମୂଲ୍ୟ ଅଧିକ ରହୁଛି। ବଜାରରେ କମ୍ ମୂଲ୍ୟରେ ପଲିଥିନ ମିଳିଯାଉଥିବାରୁ ତାହା ଆମେ ଗ୍ରାହକଙ୍କୁ ଦେଉଛୁ। ଏହା ସମ୍ପୂର୍ଣ୍ଣ ବନ୍ଦ ନ ହେଲା ପର୍ଯ୍ୟନ୍ତ ଆମେ ମଧ୍ୟ ବନ୍ଦ କରିପାରିବୁ ନାହିଁ।

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି, କୋଭିଡ୍ କଟକଣା କୋହଳ ହେବା ପରେ ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲିଛି। ପିଲିଥିନ ବ୍ୟବହାର ରୋକିବା ପାଇଁ ସହରରେ ନିୟମିତ ଚଢାଉ ଜାରି ରହିଛି। ମଙ୍ଗଳବାର ଚଢାଉ କରାଯାଇ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପଲିଥିନ ବ୍ୟବହାର ନିୟନ୍ତ୍ରଣରେ ରହିଛି।

କଟକ ମହାନଗର ନିଗମ (ସିଏମ୍‌ସି) ଡେପୁଟି କମିଶନର ଅବିନାଶ ରାଉତ କହିଛନ୍ତି ଯେ, ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ଚାଲିଛି। ଏଥିପାଇଁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ତେଣୁ ୬ ମାସ ହେବ ଚଢାଉ ବନ୍ଦ ରହିଥିବାରୁ ସହରରେ ପଲିଥିନ ବ୍ୟବହାର ବଢ଼ିଛି। ଖୁବ୍‌ଶୀଘ୍ର ବିଭିନ୍ନ ଦୋକାନରେ ଚଢଉ କରାଯାଇ ପଲିଥିନ୍ ବ୍ୟବହାର ଉପରେ ରୋକ୍ ଲଗାଯିବ।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି ଯେ, ସହରରେ କିପରି ପଲିଥିନ୍ ବ୍ୟବହାର ନ ହେବ ସେଥିପାଇଁ ସଚେତନତା ସହିତ ଏନ୍‌ଫୋର୍ସମେଣ୍ଟ ମଧ୍ୟ କରୁଛୁ। ମାତ୍ର ଏବେ କରୋନା ପାଇଁ ମ୍ୟାନ୍ ପାୱାର କମ୍ ଥିବାରୁ ଏନ୍‌ଫୋର୍ସମେଣ୍ଟ ସାମାନ୍ୟ ଧୀମେଇ ଯାଇଛି। କରୋନା ପାଇଁ ବିଏମ୍‌ସିର ବହୁ କର୍ମଚାରୀଙ୍କୁ ଟିକାକରଣ, ସାନିଟାଇଜ୍, ରୋଗୀଙ୍କ ସ୍ଥାନାନ୍ତର, ଲୋକଙ୍କ ଘରେ ଅକ୍ସିଜେନ୍ ସିଲିଣ୍ଡର ପହଞ୍ଚାଇବା ଭଳି ବିଭିନ୍ନ କାମରେ ନିୟୋଜିତ ରହିଥିଲେ। ତେବେ ସମ୍ପୂର୍ଣ୍ଣ ଭାବେ ଏନ୍‌ଫୋର୍ସମେଣ୍ଟ ବନ୍ଦ ହୋଇନାହିଁ, ଏବେ ବି କିଛି କିଛି ସ୍ଥାନରେ ଚଢାଉ ହୋଇ ପଲିଥିନ୍ ଜବତ ହେଉଛି।

### ୨ ମାସ ପରେ...

ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୪ରୁ ୨୭ ପଇସା ବଢ଼ି ଯଥାକ୍ରମ ୯୪.୧୭ ଟଙ୍କା, ୯୨.୬୭ ଟଙ୍କା ଏବଂ ୯୭.୨୧ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୧୯ରୁ ୨୫ ପଇସା ବଢ଼ି ଯଥାକ୍ରମେ ୯୯.୧୫ ଟଙ୍କା, ୧୦୧.୮୭ ଟଙ୍କା ଏବଂ ୧୦୭.୪୭ ଟଙ୍କାରେ ରହିଛି। ଗତ କିଛିଦିନ ହେବ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଉଚ୍ଚା ରହିବା ସାଙ୍ଗକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବର୍ଦ୍ଧିତ ଟିକସ ଯୋଗୁ ଖାଉଟି ଉଚ୍ଚା ଦରରେ ତେଲ କ୍ରୟ କରୁଛନ୍ତି ବୋଲି ତୈଳ କମ୍ପାନୀଗୁଡିକ ମତ ଦେଇଛନ୍ତି। ବର୍ତ୍ତମାନ ଭାରତର ୨୪ଟି ରାଜ୍ୟରେ ପେଟ୍ରୋଲ ୧୦୦ ଉପରେ ବିକ୍ରି ହେଉଥିବା ବେଳେ ୧୯ଟି ରାଜ୍ୟରେ ଡିଜେଲ ଦର ୯୦ ଉପରେ ରହିଛି। ମଙ୍ଗଳବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୫୫% ବୃଦ୍ଧି ପାଇ ବ୍ୟାରେଲ ପିଛା ୮୦.୦୮ ଡଲାରରେ ପହଞ୍ଚିଛି। ଏହା ଅକ୍ଟୋବର ୨୦୧୮ ପରେ (୮୦.୩୫ ଡଲାର) ସର୍ବାଧିକ ବୋଲି କୁହାଯାଉଛି।

### ବିସ୍ଫୋରଣ: ଥାନାରେ...

ତେବେ ଅନ୍ୟ ସ୍ଥାନଗୁଡ଼ିକ କେତେ ସୁରକ୍ଷିତ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ମଙ୍ଗଳବାର ସକାଳେ ପୁରୀ ଏସ୍‌ପି କନୱର ବିଶାଲ ସିଂ ଥାନାରେ ପହଞ୍ଚି ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ଦେଇଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ମଧ୍ୟ ବିସ୍ଫୋରଣସ୍ଥଳ ଅନୁଧ୍ୟାନ କରିଛନ୍ତି। ସେହିପରି ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଅନୁସନ୍ଧାନ ଜାରି ରଖିଛନ୍ତି। ଘଟଣାର ତଦନ୍ତ ଚାଲିଛି, ଯିଏ ଦୋଷୀ ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୋଳ କହିଛନ୍ତି। ଏସ୍‌ପି କହିଛନ୍ତି, ମାଲଖାନାରେ ଥିବା ଜବତ ବିସ୍ଫୋରକ ସାମଗ୍ରୀ ଯୋଗୁ ବିସ୍ଫୋରଣ ଘଟିଥିବା ଅନୁମାନ କରାଯାଉଛି। ତେବେ ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିସ୍ଫୋରଣ ପରେ ଥାନା ଏକପ୍ରକାର ଅକାମୀ ହେବା ଭଳି ସ୍ଥିତିରେ ପହଞ୍ଚିଛି। ସମସ୍ତ ଦସ୍ତାବିଜ ଓ ଥାନା ଗୃହ କାନ୍ଥ ଓ ଛାତ ନଷ୍ଟ ହୋଇଯିବା ଫଳରେ ଏଠାରେ ଥାନା ଚଳାଇବା ସମ୍ଭବପର ନୁହେଁ। ସମ୍ପୃକ୍ତ ଥାନା ଉପରେ ପିପିଲି, ନିମାପଡ଼ା, ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୧୭ଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ତେଣୁ ଏହାକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରି ଅସ୍ଥାୟୀ ଭାବେ କାମ ଆରମ୍ଭ କରାଯାଉ ବୋଲି ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଯୁକ୍ତି ବାଢ଼ିଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ଥାନାରେ ବିସ୍ଫୋରକ ରଖିବା ସମୟରେ ଠିକ୍ ପ୍ରୋଟୋକଲ୍ ପାଳନ ହୋଇ ନ ଥିଲା, ଯାହାଫଳରେ ଏଭଳି ଦୁର୍ଘଟଣା ଘଟିଲା। ଥାନା ଅଧିକାରୀ ଏନେଇ ପୂର୍ବରୁ ଜାଣିଥିଲେ ମଧ୍ୟ ଏହାକୁ ଅସୁରକ୍ଷିତ ଭାବେ କାହିଁକି ପକାଇ ରଖିଥିଲେ ସେନେଇ ଉତ୍ତର ଦିଅନ୍ତୁ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ଦାବି କରିଛନ୍ତି। ସୂଚନାନୁସାରେ ପୋଲିସ ପୂର୍ବରୁ ଜବତ କରିଥିବା ବିପୁଳ ବିସ୍ଫୋରକ ବଳଙ୍ଗା ଥାନା ମାଲଖାନାରେ ରଖିଥିଲା। କିଛି ସୋଲାର ବ୍ୟାଟେରିକୁ ମଧ୍ୟ ସେଠାରେ ରଖାଯାଇଥିଲା। ବ୍ୟାଟେରି ବିସ୍ଫୋରକ ସଂସ୍ପର୍ଶରେ ଆସି ଏଭଳି ବିସ୍ଫୋରଣ ଘଟିଥାଇପାରେ ବୋଲି କୁହାଯାଉଛି।

### ପଞ୍ଜାବ କଂଗ୍ରେସରେ...

ସେ ପିସିସି ମୁଖ୍ୟ ପଦରୁ ଇସ୍ତଫା ଦେଉଛନ୍ତି, କିନ୍ତୁ କଂଗ୍ରେସରେ ରହିବେ ବୋଲି ସିଦ୍ଧୁ ଟୁଇଟ୍ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରନ୍ଧାୱାଙ୍କୁ ଗୃହ ବିଭାଗ ମିଳିଥିବାରୁ ସିଦ୍ଧୁ ଅସନ୍ତୁଷ୍ଟ ଥିଲେ। ଏହି ବିଭାଗ ପାରମ୍ପରିକ ଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ରହିଥାଏ ବୋଲି ସିଦ୍ଧୁ ଯୁକ୍ତି କରିଛନ୍ତି। ଏହା ପୂର୍ବରୁ ଏହି ମୁଖ୍ୟମନ୍ତ୍ରୀ ପଦ ଲାଗି ରନ୍ଧାୱାଙ୍କ ନାମ ପ୍ରସ୍ତାବ ଦିଆଯାଇଥିବାବେଳେ ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିଶ ରାୱତ୍‌ଙ୍କ ସହ ବୈଠକ କରୁଥିବା ହୋଟେଲରୁ ସିଦ୍ଧୁ ଚାଲିଯାଇଥିଲେ। ସେ ପିପିସିସି ସଭାପତି ପଦରୁ ଇସ୍ତଫା ଦେବା ପାଇଁ ଦିଲ୍ଲୀ ଅଭିମୁଖେ ଅଗ୍ରସର ହୋଇଥିଲେ। ଫଳରେ କଂଗ୍ରେସକୁ ସାଲିସ କରିବାକୁ ପଡ଼ିଥିଲା। ଚନ୍ନିଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଦଳ ସ୍ପଷ୍ଟ କରିବା ପରେ ସିଦ୍ଧୁ ବାଟରୁ ଫେରିଥିଲେ। ସେହିପରି ଚନ୍ନିଙ୍କ କ୍ୟାବିନେଟ୍‌ରେ ରାଣା ଗୁରଜିତ୍ ସିଂଙ୍କୁ ସାମିଲ କରାଯିବା ନେଇ ମଧ୍ୟ ସିଦ୍ଧୁ ଅସନ୍ତୁଷ୍ଟ ଥିଲେ। ରବିବାର ନୂଆ କ୍ୟାବିନେଟ ସଦସ୍ୟମାନେ ଶପଥ ନେଉଥିବାବେଳେ ସିଦ୍ଧୁ କାହାକୁ କିଛି ନ କହି ସେଠାରୁ ଚାଲିଯାଇଥିଲେ। ସେବେଠୁ ସେ ନିଜ ପଟିଆଲା ବାସଭବନରେ ଥିଲେ। ସିଦ୍ଧୁଙ୍କୁ ବୁଝାଇବା ପାଇଁ କଂଗ୍ରେସ ତାଙ୍କ ସହଯୋଗୀ ପର୍ଗତ ସିଂଙ୍କୁ ପଠାଇଥିଲା। ସୋମବାର ଦିନସାରା ତାଙ୍କୁ ବୁଝାଶୁଝା ଚାଲିଥିବାବେଳେ ମଙ୍ଗଳବାର ବିଭାଗ ବଣ୍ଟନ କରାଯିବା ପରେ ସେ ଇସ୍ତଫା ଦେଇଛନ୍ତି। ଏହା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କଂଗ୍ରେସ ଉଦ୍ଦେଶ୍ୟରେ ଟୁଇଟ୍ କରିଛନ୍ତି, ସିଦ୍ଧୁ ଏପରି କରିବେ ବୋଲି ତୁମକୁ ପୂର୍ବରୁ କହିଥିଲି। ସିଦ୍ଧୁ ଜଣେ ସ୍ଥିର ମଣିଷ ନୁହନ୍ତି। ସେ ସୀମାନ୍ତ ରାଜ୍ୟ ପଞ୍ଜାବର ନେତୃତ୍ୱ ପାଇଁ ଉପଯୁକ୍ତ ନୁହନ୍ତି।

### ଦିଲ୍ଲୀରେ ଅମରିନ୍ଦର...

ଅମରିନ୍ଦର ତାଙ୍କର କେତେଜଣ ବନ୍ଧୁଙ୍କୁ ସାକ୍ଷାତ୍ କରିବେ। ଏହାସହ ନୂଆ ମୁଖ୍ୟମନ୍ତ୍ରୀଙ୍କ ପାଇଁ କପୁରଥାଲା ବାସଭବନ ଛାଡ଼ିବେ ବୋଲି ରବିନ୍ ଟୁଇଟରରେ ସଫେଇ ଦେଇଛନ୍ତି। ପ୍ରକାଶ ଯେ, ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ନଭଜୋତ୍ ସିଂ ସିଦ୍ଧୁଙ୍କ ଯୋଗୁ ଅମରିନ୍ଦର ଗତ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ମୁଖ୍ୟମନ୍ତ୍ରୀ ପଦରୁ ବିଦା ହୋଇ ଅପମାନିତ ହୋଇଛନ୍ତି ଏବଂ ତାଙ୍କ ପାଇଁ ସବୁ ଭବିଷ୍ୟତ ବିକଳ୍ପ ଖୋଲାଥିବା ସେତେବେଳେ ଅମରିନ୍ଦର କହିଥିଲେ। ଅନ୍ୟପକ୍ଷେ କେନ୍ଦ୍ରର ୩ ବିବାଦୀୟ କୃଷି ଆଇନକୁ ନେଇ ଦିଲ୍ଲୀ ସୀମାରେ ପ୍ରାୟ ବର୍ଷେ ହେଲା କୃଷକ ଆନ୍ଦୋଳନ ଚାଲିଛି। ସରକାର ଓ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ଆଲୋଚନାରୁ କିଛି ସୁଫଳ ମିଳୁନାହିଁ କି ଅଚଳାବସ୍ଥା ଦୂର ହେଉନାହିଁ। ତେଣୁ ମୋଦି ସରକାର ଅମରିନ୍ଦରଙ୍କୁ କୃଷିମନ୍ତ୍ରୀ କରି ଚାଷୀ ଆନ୍ଦୋଳନକୁ ପ୍ରଶମିତ କରିବାକୁ ଉଦ୍ୟମ କରିପାରନ୍ତି ବୋଲି ହେଉଥିବା ଚର୍ଚ୍ଚାକୁ ଅମୂଳକ କୁହାଯାଇ ନ ପାରେ। କାରଣ ରାଜନୀତିରେ ସବୁକିଛି ସମ୍ଭବ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଥ ପଚାରି ପିତା ଘର ଯିବ**
**ଆଉ ଅଯୋଧ୍ୟା ମନ ନ କରିବ।**

କଷ୍ଟ ଭୋଗିଲା ପରେ ଆଉ ସେ କର୍ତ୍ତବ୍ୟ ପ୍ରତି ମନ ବଳେଇବା ସମ୍ଭବପର ହୋଇ ନ ଥାଏ। ସକଳ ସମ୍ପର୍କ, ମୋହ, ବନ୍ଧନ ତୁଚ୍ଛ ଲାଗିଥାଏ। ସମ୍ପୂର୍ଣ୍ଣ ଭାବେ ପାଖରୁ ଦୂରେଇଯିବା ବା ପ୍ରତ୍ୟାଖ୍ୟାନ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପଡିଗଲା ବୋଲି ,**
**ତେଲୁଣି କାନ୍ଦୁଛି**
**ନଡ଼ିଆଣି କାନ୍ଦୁଛି।**

ତେଲ ଘଡା ପଡିଗଲେ ସବୁ ତେଲ ନଷ୍ଟ ହୋଇଯାଏ, ପରନ୍ତୁ ନଡ଼ିଆ ପଡିଗଲେ ସେତେ ବେଶି ନଷ୍ଟ ହୋଇ ନ ଥାଏ। ପରୋକ୍ଷରେ ଯାହାର ପ୍ରକୃତ କ୍ଷତି ହୁଏ ସେ ମନ ଦୁଃଖ କରେ। ତେବେ ଯାହାର ବିଶେଷ କିଛି କ୍ଷତି ହୋଇ ନ ଥାଏ ସେ ବି ସମଭାଗୀ ହୋଇ ଦୁଃଖ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅସୁସ୍ଥ ପାରିବେଶିକ କୁପ୍ରଭାବ ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ତଥାପି ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁ ମିଳନ ଓ ସକାଳୁଆ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ। ଅଫିସରେ ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ମଧ୍ୟ ଗୁରୁତର ସମସ୍ୟା ରହିବ ନାହିଁ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ନିଜର ସହନଶୀଳତା ଓ ଉଦାରତା ଗୁଣରୁ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ,ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ବିନା କାରଣରେ କ୍ରୋଧ ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ।

**କର୍କଟ** କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭଚିନ୍ତା ସ୍ୱରୂପ ସାନ୍ନିଧ ଲାଭର ସୌଭାଗ୍ୟ ପାଇବେ। ବିଗତ ଦିନମାନଙ୍କରୁ ରହିଯାଇଥିବା କାମଗଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ** ଅସନ୍ତୁଳନ କଥାବାର୍ତ୍ତାରୁ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦିହୋଇ ପଡ଼ିବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀକରି ବିରକ୍ତି ପ୍ରକାଶ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ଯାହା କାମକୁ ଆସିବନାହିଁ। ନିଜର ଆତ୍ମୀୟସ୍ୱଜନଙ୍କ ସମସ୍ୟା ପାଇଁ ଚିନ୍ତା ବଢ଼ିପାରେ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ।

**ତୁଳା** ଆପଣ ଆଜି ନିଜ ଲୋକଙ୍କ ଉପରେ ଭରସା କରି ପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ,ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ସଭାସମିତିରେ ଯୋଗଦେଲେ ପ୍ରଶଂସିତ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅଫିସ୍ କାମରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସ୍‌ରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ,ଯାହାକି ଚିନ୍ତା ବୃଦ୍ଧି କରିବ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ କାମ ହାସଲରେ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି। କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ।

**କୁମ୍ଭ** ଆକସ୍ମିକ ଭାବରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିର ବ୍ୟବସାୟ, ବାଣିଜ୍ୟ ମାନ୍ଦା ହେବ ନାହିଁ।

**ମୀନ** ପରିବାରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ।

# କରୋନାରେ ଆକ୍ରାନ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

**ବାଲିକୁଦା,୨୮।୯(ସ୍ୱ.ପ୍ର.)**

କରୋନାରେ ଆକ୍ରାନ୍ତ ହୋଇଥିବା ବାଲିକୁଦା ବ୍ଲକ ନାଗପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣି ରାଉତ(୫୫)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। କଟକ ସତିଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁରେ ନାଗପୁର ପ୍ରାଥମିକ ବିଦ୍ୟାଳୟରେ ଶୋକରଛାୟା ଖେଳିଯାଇଛି।


# classifieds Everyday
0674-2580101, 2549302





## BRIDE WANTED

Brahmin Govt. High School Teacher Age-55/ H-5'8". SUHAG-7978399083, 9090486408. D-21760

Fresh, Divorcee, Widow Bride Wanted for Groom Company Manager 37 caste no bar-7008468672. D-21761

ପାଟରା ପୁଅ Dob- 1994, 5'5" M.Tech Service T.C.S., Bhubaneswar. Mob: 9937577677. D-21757

## GROOM WANTED

Suitable Partner for our daughter, Age 36, Height 5'4". Profession: Lawyer, State: Cuttack. Contact: 9937326785, 9776939712. D-21756

45 ବର୍ଷ ମହିଳା "NIOS"ରେ କାର୍ଯ୍ୟରତ, ଘର-ବାରିପଦା, ଜାତି-ବାରିକ ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7655858756. D-71712

50 ବୟସ୍କା ସରକାରୀ ଚାକିରିଆ କରଣ ଜାତିର ବିଧବାଙ୍କ ପାଇଁ ଉପଯୁକ୍ତ ବରପାତ୍ର ଦରକାର। Caste no bar. 7326057574. D-21762

Age-34, Government Teacher divorcee ନିଃସନ୍ତାନ କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7205988004. D-21793





## SALE

ମାସିକ ମାତ୍ର 3690/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888





Ashirvaad Salon and SPA get good massage for your health tha best therapy. 7077181074. D-70487

Monalisa massage Club: All types Body massage with hiprofile smart lady rooms service available. 9708545108. D-21775

Newly Open Saikrupa Panchakarma Spa positively health benefits with Expert. 8984068077. D-21717

**Refreshing your mind, your body with tha best therapy at Lotus Spa. 8018891951.** D-70488

Newly open full body massage ladies and gents. 8327740003. D-70486

Swarna SPA newly open positively health benefits with expert therapist. 9556978408. D-71172

## LOST

ଏତଦ୍ୱାରା ମୁଁ ପ୍ରଫୁଲ୍ଲ ଥନାପତି, ପିତା-ତ୍ରୟମ୍ବକ ଥନାପତି, ମୌଜା-ପଞ୍ଚମହଲା, ଥାନା- ଉଲୁଣ୍ଡା, ସୋନପୁର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ ଗତ ୧୫।୦୯।୨୧ ଦିନ ପଞ୍ଚମହଲା-ଉଲୁଣ୍ଡା ରାସ୍ତାରେ ମୋର ଜମିପଟ୍ଟା ଖାତା ନଂ.- ୯୦ର ଅରିଜିନାଲ ପଟ୍ଟା ହଜିଯାଇଛି। ଏହା ଲେଖା ମାଧ୍ୟମରେ ଜଣାଇଲି ଯେ ଦରକାର ବେଳେ କାର୍ଯ୍ୟକୁ ଆସିବ। ଧ-୨୧୭୯୬

## AFFIDAVIT

By virtue of an affidavit before Executive Magistrate, Bhubaneswar on dated 28.9.2021 I, Anuj Anshuman son of Sri Susil Kumar Agrawalla, resident of Rasulgarh, Bhubaneswar has changed my name to Anuj Agrawal. Henceforth I will be known as Anuj Agrawal for all purposes in future. D-21792

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୩୩,୦୫,୯୦୨ | ୪୭,୭୩,୩୭୧ | ୨୧,୦୦,୮୩,୪୭୯ |
| ଭାରତ | ୩,୩୭,୧୪,୪୦୧ | ୪,୪୭,୭୬୮ | ୩,୨୯,୭୬,୮୭୪ |
| ଓଡ଼ିଶା | ୧୦,୨୫,୩୦୯ | ୮୧୮୭(+୫୩) | ୧୦,୧୨,୧୧୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଉତ୍କଳ ଆଲୁମିନା ଚାରିପଟ ଗ୍ରାମକୁ ସ୍ଥାନାନ୍ତର ଦାବି

■ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଭେଟିଲେ କୋରାପୁଟ ଏମ୍‌ପି
■ କମ୍ପାନୀ ବିରୋଧରେ ଗର୍ଜିଲେ ଗ୍ରାମବାସୀ

ରାୟଗଡ଼ା ଅଫିସ, ୨୮।୯

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ରାୟଗଡ଼ା ଜିଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ଚାରିପଟେ ଥିବା ଗ୍ରାମବାସୀଙ୍କୁ ନେଇ ମଙ୍ଗଳବାର ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆର୍‌ଡିସି ଟି.ଆଓଙ୍କୁ ଭେଟିଛନ୍ତି। କମ୍ପାନୀ ଚାରିପଟେ ରହିଥିବା ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେ ଦାବି କରିଛନ୍ତି। କମ୍ପାନୀ ପ୍ରତିଷ୍ଠାବେଳେ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତିକୁ ଏଯାବତ୍ ପୂରଣ କରାଯାଇନି ବୋଲି ସେ ଆର୍‌ଡିସିଙ୍କୁ ଜଣାଇଥିଲେ।

ଟିକିରିର ଦୋରାଗୁଡାରେ ୨୦୦୪ କମ୍ପାନୀ ସ୍ଥାପନବେଳେ ପ୍ରଭାବିତ ହୋଇଥିବା ଦିମୁଣ୍ଡି, ଡ଼ି-କରଲ ଓ କେନ୍ଦୁଖୁଟି ଗ୍ରାମକୁ ଅନ୍ୟତ୍ର ସ୍ଥାନାନ୍ତର, ଜମି ଓ ଘର ହରାଇଥିବା ପରିବାରକୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ମିଳିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ କାରଖାନା ସ୍ଥାପନକୁ ୧୭ବର୍ଷ ବିତିଗଲାଣି। କିନ୍ତୁ ଲୋକଙ୍କ ସମସ୍ୟାର ସମାଧାନ ଆଜି ଯାଏ ହୋଇପାରିଲା ନାହିଁ।


ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ ଓ କୋରାପୁଟ ଏମ୍‌ପି।

କାରଖାନାକୁ ଲାଗିରହିଥିବା ଗ୍ରାମଗୁଡିକରେ ବାୟୁ, ଶବ୍ଦ, ଜଳ ପ୍ରଦୂଷଣ ହେଉଛି। ଲୋକେ ଅନେକ ରୋଗରେ ପୀଡିତ ହୋଉଛନ୍ତି। ସେହିଭଳି ଆଜିଯାଏ କିଛି ବିସ୍ଥାପିତ ପରିବାରକୁ କମ୍ପାନୀରେ ନିଯୁକ୍ତି ମଧ୍ୟ ମିଳିଲା ନାହିଁ। ଏ ସମସ୍ତ ବିଷୟରେ ହାଇକୋର୍ଟଙ୍କୁ ଅବଗତ ପରେ ଆର୍‌ଡିସିଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କମ୍ପାନୀ ଚାରିପଟେ ଥିବା ଗ୍ରାମର ମୌଳିକ ଆବଶ୍ୟତା ପୂରଣ ପାଇଁ ସିଏସ୍‌ଆର୍ ପାଣ୍ଠିରୁ ଅର୍ଥ ପ୍ରଦାନ ପାଇଁ ବାରମ୍ବାର ଅବଗତ କଲେ ମଧ୍ୟ କିଛି ଫଳ ମିଳୁନି। ଅଞ୍ଚଳବାସୀ ବାରମ୍ବାର ଜିଲାପାଳ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଗୁହାରି କରିବା ସତ୍ତ୍ୱେ କୌଣସି ଫଳ ମିଳୁନାହିଁ ବୋଲି ଗ୍ରାମବାସୀ ଓ ଏମ୍‌ପି ଉଲ୍ଲାକା ଆର୍‌ଡିସିଙ୍କୁ କହିଥିଲେ। ୩ମାସ ମଧ୍ୟରେ ବିସ୍ଥାପିତ ଓ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି ବୈଠକ ରାୟଗଡ଼ାରେ କରାଯିବ। ସେଠାରେ ଏହି ସମସ୍ୟା ସମ୍ପର୍କରେ ଆଲୋଚନା ହେବ ବୋଲି ଆର୍‌ଡିସି ପ୍ରତିଶ୍ରୁତି ଦେଇଥିଲେ।

କମ୍ପାନୀ ପ୍ରତିଷ୍ଠା ହେବା ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏବେ ତାହା ପୂରଣ କରୁନି। କମ୍ପାନୀର ଚତୁର୍ପାର୍ଶ୍ୱରେ ଆମ ଘର ହୋଇଥିବାରୁ ଶବ୍ଦ ପ୍ରଦୂଷଣ, ଧୂଆଁ ପ୍ରତିଦିନ ସହ୍ୟ କରିବାକୁ ପଡୁଛି। ପିଲାମାନେ ପାଠ ପଢିବା ପାଇଁ ଅନେକ ଅସୁବିଧା ହେଉଛି। ମାନସିକ ରୂପେ ଦୁର୍ବଳ ହୋଇଗଲୁଣି ବୋଲି ବାରମ୍ବାର ଜିଲା ପ୍ରଶାସନକୁ ଜଣାଇଲୁ। କମ୍ପାନୀ ଏବଂ ଗ୍ରାମକୁ ସଂଯୋଗ କରୁଥିବା ଏକ ଗେଟ ଦେଇ କମ୍ପାନୀ ଭିତରକୁ ଯାଇ କର୍ତ୍ତୃପକ୍ଷଙ୍କୁ ସମସ୍ୟା ସମ୍ପର୍କରେ ଜଣାଇଲୁ। ଆମ ଉପରେ ଲାଠି ଚାର୍ଜ କରାଯାଇ ତୁରନ୍ତ ଜାଗା ଛାଡିବାକୁ କୁହାଯାଇ ଥିଲା। ଏବେ ଉକ୍ତ ଗେଟକୁ ବନ୍ଦ କରି ଦିଆଗଲା। ଆମକୁ ତୁରନ୍ତ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି କାଶୀପୁର ବ୍ଲକ ହାଡ଼ିଗୁଡା ପଞ୍ଚାୟତ ଦିମୁଣ୍ଡି ଗ୍ରାମର ସୁଶୀଳା ନାୟକ କହିଛନ୍ତି। କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ଡି-କରଲ ଗ୍ରାମ ର ହଳ ଧର ନାୟକ କହିଛନ୍ତି, କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ଅଞ୍ଚଳବାସୀଙ୍କୁ କୌଣସି ଅସୁବିଧା ହେବ ନାହିଁ ବୋଲି କର୍ତ୍ତୃପକ୍ଷ କହିଥିଲେ। ରାସ୍ତାଘାଟ, ପାନୀୟ ଜଳ ସମସ୍ୟା ସମାଧାନ ସହ ଦୀର୍ଘ ୧୫ ବର୍ଷ ହେବ ଆମକୁ ସ୍ଥାନାନ୍ତର କରାଯାଉ ବୋଲି ଦାବି କରିଥିଲେ ମଧ୍ୟ ତାହା ପୂରଣ ହେଉ ନ ଥିବା ସେ କହିଛନ୍ତି।

## ଅକ୍ଟୋବର ୩୧ ଯାଏ ଅନ୍ତର୍ଜାତୀୟ ବିମାନ ବାତିଲ

ନୂଆଦିଲ୍ଲୀ,୨୮।୯

ଅନ୍ତର୍ଜାତୀୟ ବିମାନ ଉଡ଼ାଣ ନେଇ ରହିଥିବା କଟକଣାକୁ କେନ୍ଦ୍ର ସରକାର ଅକ୍ଟୋବର ୩୧ ଯାଏ ବଢ଼ାଇଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ଏ ନେଇ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ଏହି କଟକଣା ମାଲ୍ ପରିବହନ ଫ୍ଲାଇଟଗୁଡିକ ଲାଗି କାର୍ଯ୍ୟକାରୀ ହେବନାହିଁ। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅନୁମତି ଭିତ୍ତିରେ ବିମାନ ଚଳାଚଳ କରିପାରେ। କୋଭିଡ୍-୧୯ ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ସରକାର ୨୦୨୦ ମାର୍ଚ୍ଚରୁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଉପରେ କଟକଣା ଲଗାଇଛନ୍ତି। ଗତବର୍ଷ ମେ ମାସଠାରୁ ବନ୍ଦେ ଭାରତ ମିଶନ ଅଧୀନରେ କେତେକ ସ୍ୱତନ୍ତ୍ର ବିମାନ ଅନ୍ତର୍ଜାତୀୟ ଉଡ଼ାଣ ଲାଗି ଅନୁମତି ପ୍ରଦାନ କରାଯାଇଛି। ଲକ୍‌ଡାଉନ ସମୟରେ ବିଦେଶରେ ଫସି ରହିଥିବା ଭାରତୀୟଙ୍କୁ ଦେଶକୁ ଫେରାଇ ଆଣିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କୋଭିଡ୍ ମାମଲା ଖସିବା ଯୋଗୁ ଘରୋଇ ବଜାରରେ ବିମାନ ଚଳାଚଳ ପୂର୍ବାପେକ୍ଷା ସ୍ୱାଭାବିକ ସ୍ଥିତିକୁ ଫେରିଛି।

# ଦେଢ଼ମାସ ହେଲା ଏସ୍‌ସିବି ଛାତ୍ର ନିଖୋଜ

■ ଅଭିଯୁକ୍ତ ଓ ପୋଲିସ ମଧ୍ୟରେ ସଲାସୁତରା: ହୃଷୀକେଶ
■ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଡିସିପିଙ୍କୁ ଟୁଇଟ୍ କରି ନ୍ୟାୟ ନିବେଦନ

କଟକ ଅଫିସ,୨୮।୯

ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲର ଡିଏମ୍‌ଏଲ୍‌ଟି ଛାତ୍ର ସଂଗ୍ରାମ ନାୟକଙ୍କ ପତ୍ତା ମିଳୁନି। ଦେଢ଼ ମାସ ହେବ ସେ ନିଖୋଜ ଅଛନ୍ତି। ତାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ସତ୍ତ୍ୱେ ମଙ୍ଗଳାବାଗ ଥାନା ପୋଲିସ କେବଳ ମାମଲା ରୁଜୁ କରିବା ସହ ପୋଷ୍ଟର ମାରି ଚୁପ୍ ବସିଛି। ଅଭିଯୁକ୍ତଙ୍କ ସହ ପୋଲିସର ସଲାସୁତରା ହୋଇଥିବା ସଂଗ୍ରାମଙ୍କ ବାପା ହୃଷୀକେଶ ଅଭିଯୋଗ ଆଣିଛନ୍ତି। ଏନେଇ ପରିବାର ଲୋକେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟମନ୍ତ୍ରୀଙ୍କ ଅଫିସ, ମୋ ସରକାର, କଟକ ଡିସିପିଙ୍କୁ ଟୁଇଟ୍ କରି ନ୍ୟାୟ ନିବେଦନ କରିଛନ୍ତି।

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା କରଡାପାଳ ଗାଁର ସଂଗ୍ରାମ(୨୧) ଏସ୍‌ସିବି ମେଡିକାଲ କଲେଜର ଶେଷବର୍ଷର ଛାତ୍ର ଥିଲେ। ସେ କାଠଗୋଲା ଗଳିରେ ମେସ୍‌କରି ସହପାଠୀଙ୍କ ସହ ରହୁଥିଲେ। ଏଥିସହ ଏକ ଘରୋଇ ଲାବୋରେଟୋରିରେ ପାର୍ଟଟାଇମ ଚାକିରି କରୁଥିଲେ। ଗତ ଅଗଷ୍ଟ ୧୫ ଅପରାହ୍ନ ୨ଟାରୁ ସେ ନିଖୋଜ ଥିଲେ। ଯୋବ୍ରା ଆନିକଟରୁ ସାଇକେଲ ଓ ଜୋତା ମିଳିବା ପରେ ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରି ଓଡ୍ରାଫ ଟିମ ସହାୟତାରେ ବହୁ ଖୋଜାଖୋଜି କରାଯାଇଥିଲା। ଏନେଇ ମଙ୍ଗଳାବାଗ ଥାନା ପୋଲିସ ଏକ ନିଖୋଜ ମାମଲା(ନଂ. ୪୧/୨୧)ରୁଜୁ କରିବା ସହ ବିଭିନ୍ନ ନଦୀକୂଳିଆ ସ୍ଥାନରେ ପୋଷ୍ଟର ମାରିଥିଲା। ପରେ ସଂଗ୍ରାମଙ୍କ ମୋବାଇଲ କଲ୍ ରେକର୍ଡ ଅନୁସାରେ ଜଣେ ବାନ୍ଧବୀଙ୍କ ସମେତ ସହପାଠୀଙ୍କୁ ଜେରା କରାଯାଇଥିଲେ ମଧ୍ୟ ସେମିତିକିଛି ପ୍ରମାଣ ମିଳିପାରିନାହିଁ।




ଦେଖନ୍ତୁ ଭିଡିଓ
YouTube /dharitrilive

ଏନେଇ କ୍ରାଇମବ୍ରାଞ୍ଚକୁ ଅବଗତ କରାଯାଇଥିବାବେଳେ ଘଟଣାର ତଦନ୍ତ ଚାଲିଥିବା ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି।

ସଂଗ୍ରାମଙ୍କ ବାପା ହୃଷୀକେଶ କହିଛନ୍ତି, ମୋ ପୁଅ ଜଣେ ନର୍ସିଂ ଛାତ୍ରୀଙ୍କୁ ବର୍ଷେହେଲା ପ୍ରେମ କରୁଥିଲେ। ସେ ଝିଅ ପୂର୍ବରୁ ୫ବର୍ଷଧରି ଅନ୍ୟଜଣେ ପୁଅକୁ ପ୍ରେମ କରୁଥିଲେ। ତେଣୁ ପ୍ରେମକୁ କେନ୍ଦ୍ରକରି ମୋ ପୁଅକୁ ଅପହରଣ କରାଯାଇଛି। ପୋଲିସ କଲ୍ ରେକର୍ଡ ଯାଞ୍ଚ କରିବାକୁ କହି ଠିକ୍ ଭାବେ ତଦନ୍ତ ନ କରି ସମୟ ଗଡ଼ାଉଛି। ଏହି ଘଟଣାରେ ପ୍ରେମିକା ନର୍ସିଂ ଛାତ୍ରୀ, ତାଙ୍କ ପୂର୍ବତନ ପ୍ରେମିକ ଓ ସଂଗ୍ରାମଙ୍କ ମେସ୍ କଡରେ ରହୁଥିବା ସହପାଠୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ଆବଶ୍ୟକ। ନର୍ସିଂ ଛାତ୍ରୀଙ୍କ ପୂର୍ବତନ ପ୍ରେମିକଙ୍କ ଘର କଟକ ସହରରେ। ତାଙ୍କର ପୋଲିସ ଅଧିକାରୀଙ୍କ ସହ ସଲାସୁତରା ରହିଛି। ଫଳରେ ପୋଲିସ ଜାଣିଶୁଣି ଘଟଣାକୁ ଚାପିବାକୁ ଚାହୁଁଥିବାରୁ ତଦନ୍ତ ଆଗେଇ ପାରୁନାହିଁ। ତେବେ ମୋ ପୁଅ ଏବେ କେଉଁ ଅବସ୍ଥାରେ ଅଛି, ସେନେଇ ସୁନିଶ୍ଚିତ କରିବାକୁ ହୃଷୀକେଶ ଦାବି କରିଛନ୍ତି। ଯଦି କୌଣସି ପୋଲିସ ଅଧିକାରୀ ବା ବଡ ଲୋକର ପୁଅ ପ୍ରତି ଏଭଳି ହୋଇଥାନ୍ତା, ତା'ହେଲେ କ'ଣ ପୋଲିସ ଚୁପ୍ ବସିଥାନ୍ତା କି ବୋଲି ସେ ପ୍ରଶ୍ନ କରିଛନ୍ତି। ସହପାଠୀ ସୁଶାନ୍ତ ସାହୁ ଓ ପର୍ଶୁରାମ ମହାରଣା କହିଛନ୍ତି, ସଂଗ୍ରାମ ଆମ ସହ ଗୋଟିଏ ବ୍ୟାଚରେ ପଢୁଥିଲା। ସେ ନିଖୋଜର କିଛିଦିନ ପୂର୍ବରୁ ଭାରି ଗୁମସୁମ ରହୁଥିଲା। ତାଙ୍କୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଉଛି। ଠିକ ତଦନ୍ତ କରାଗଲେ, ପ୍ରକୃତ ଘଟଣା ପଦାକୁ ଆସିବ।

ତେବେ ପୋଲିସ ଅବହେଳା ଅଭିଯୋଗ ସଂକ୍ରାନ୍ତରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଏ ସମ୍ପର୍କରେ ମୁଁ ଅବଗତ ନାହିଁ। ଯଦି ଏପରି ହୋଇଥାଏ, ତେବେ ଘଟଣାର ତଦନ୍ତ ଆଗେଇବା ପାଇଁ ମଙ୍ଗଳାବାଗ ଥାନାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯିବ।

## ବଳାତ୍କାର ଅଭିଯୁକ୍ତ ତାନ୍ତ୍ରିକ ଗିରଫ

ଲକ୍ଷ୍ନୌ, ୨୮।୯: ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଉତ୍ତରପ୍ରଦେଶର କଥିତ ତାନ୍ତ୍ରିକ ଯୋଗ ବାବା(୨୩)ଙ୍କୁ ଗିରଫ କରାଯାଇଛି। ପୋଲିସ ନାବାଳିକାଙ୍କୁ ସୋମବାର ଉଦ୍ଧାର କରିଛି। ପୋଲିସ କହିଛି, ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ରେବତୀ ଥାନା ଅଞ୍ଚଳର ନାବାଳିକା ଜଣକ ଗତ ଜୁନ୍‌ରେ ଯୋଗ ବାବାଙ୍କ ନିକଟକୁ ଯାଇଥିଲେ। ସେଠାରେ ବାବା ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦିଲ୍ଲୀ ଏବଂ କୋଟା ନେବା ସହ ୩ ମାସ ପର୍ଯ୍ୟନ୍ତ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଏକ ଅପହରଣ ମାମଲା ରୁଜୁ ହୋଇଥିଲା।





WANTED
ଧରିତ୍ରୀ DHARITRI Oriya daily
is looking for
ACCOUNTS EXECUTIVES
- Candidates should have at least 3 years+ experience in the field of Accounts.
- Experience should include cash register maintenance, day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

Apply immediately to :
recruitment@dharitri.com
Attractive salary commensurate with experience


## ବାପା ସେନାରେ ଥିବା ସନ୍ଦେହ
## ଶିଶୁଙ୍କୁ ହତ୍ୟାକଲା ତାଲିବାନ୍

କାବୁଲ, ୨୮।୯: ଆଫଗାନିସ୍ତାନ କବ୍‌ଜା କରିବାର ମାତ୍ର ଦେଢ଼ମାସ ଭିତରେ ବର୍ବରତାର ସୀମା ଟପିଛି ତାଲିବାନ୍। ତାଖର ପ୍ରଦେଶର ଜଣେ ବ୍ୟକ୍ତି ଆଫଗାନ୍ ସୁରକ୍ଷା ବଳର ସଦସ୍ୟ ରହିଥିବା ସନ୍ଦେହ କରି ତାଙ୍କ ଶିଶୁଙ୍କୁ ତାଲିବାନ୍ ହତ୍ୟା କରିଛି। ପଞ୍ଜଶିର ଓ ଆଫଗାନିସ୍ତାନ ଉପରେ ଖବର ପ୍ରକାଶ କରୁଥିବା ପଞ୍ଜଶିର ଅବ୍‌ଜରଭର ମିଡିଆ ପକ୍ଷରୁ ଏ ନେଇ ଏକ ଟୁଇଟ କରାଯାଇଛି। ତାଲିବାନ୍ ବିରୋଧୀ ସ୍ୱର ଉଠାଇଥିବା ଲୋକଙ୍କୁ ସର୍ବକ୍ଷମା ଦିଆଯାଇଥିବା ପୂର୍ବରୁ ଘୋଷଣା କରିଥିଲେ ହେଁ ଏହି ଆତଙ୍କବାଦୀ ଗୋଷ୍ଠୀର ମିଛ ପଦାକୁ ଆସିଛି। ଆଫଗାନିସ୍ତାନକୁ ଦଖଲ କରିବା ପରେ ନିଜର ଉଦାରବାଦୀ ଚେହେରା ବିଶ୍ୱକୁ ଦେଖାଇବାକୁ ଚାହୁଁଥିବା ତାଲିବାନ୍ ୨୦ ବର୍ଷ ପୂର୍ବର ନିଜ କଠୋରପନ୍ଥୀ ଚିନ୍ତାଧାରାରୁ ମୁକୁଳି ନ ଥିବାର ଗୋଟିଏ ପରେ ଗୋଟିଏ ଉଦାହରଣ ଦେଇ ଚାଲିଛି।

# କରୋନା ମୃତକଙ୍କ ପରିବାରକୁ ମିଳିବ ୫୦ହଜାର ଟଙ୍କା

■ ସଂକ୍ରମଣର ୩୦ଦିନରେ ମରିଥିଲେ ଦିଆଯିବ ସହାୟତା
■ ରାଜ୍ୟ ସରକାର ଜାରି କରିବେ ସ୍ୱତନ୍ତ୍ର ଏସ୍‌ଓପି

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

କରୋନାରେ ମୃତ୍ୟୁ ହୋଇଥିଲେ ପରିବାରକୁ ମିଳିବ ୫୦ ହଜାର ଟଙ୍କା। ଏହି ସହାୟତା ଦେବେ ରାଜ୍ୟ ସରକାର। ଏନେଇ ଡିଏମ୍‌ଇଟି ଡା. ସିବିକେ ମହାନ୍ତି ମଙ୍ଗଳବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସହାୟତା ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ପାଳନ କରିବେ। କୋଭିଡ୍‌ରେ ମରିଥିବା ବ୍ୟକ୍ତିଙ୍କ ପରିବାର ପିଛା ୫୦ ହଜାର ଟଙ୍କା ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର ଏସ୍‌ଓପି ଜାରି ହେବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସଂକ୍ରମଣର ୩୦ଦିନ ମଧ୍ୟରେ ମୃତ୍ୟୁ ହୋଇଥିଲେ ହିଁ ସହାୟତା ମିଳିବ। ସେହିପରି ଏହି ସମୟ ଭିତରେ ଆତ୍ମହତ୍ୟା ବା ଦୁର୍ଘଟଣାରେ ମୃତକଙ୍କୁ ମଧ୍ୟ ସାମିଲ କରାଯିବ। ତେଣୁ ରାଜ୍ୟରେ କୋଭିଡ୍ ମୃତକଙ୍କ ସଂଖ୍ୟାରେ ବୃଦ୍ଧି ଘଟିବ। ନିୟମାନୁସାରେ ମୃତ୍ୟୁ ଅଡିଟ୍ ପାଇଁ ଜିଲାସ୍ତରରେ କମିଟି ଗଠନ ହେବ। ଏସବୁ ଯୋଗ୍ୟତା ରହିଥିଲେ ସହାୟତା ପାଇଁ ଆବେଦନ କରିପାରିବେ ବୋଲି ଡିଏମ୍‌ଇଟି କହିଛନ୍ତି। କରୋନାରେ ପ୍ରାଣ ହରାଇଥିବା ପରିବାରକୁ କ୍ଷତିପୂରଣ ହିସାବରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବା ନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ମୃତକଙ୍କ ପରିବାର ଲୋକେ ଏହି କ୍ଷତିପୂରଣ ପାଇବେ। ତେବେ ଏହି ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବେ ବୋଲି କେନ୍ଦ୍ର ସରକାର ମଧ୍ୟ କହିଥିଲେ। କୋଭିଡ୍ ମୃତକଙ୍କ ପରିବାରକୁ ସହାୟତା ନେଇ ସତ୍ୟପାଠ ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶଂସା କରିଥିଲେ। ଜଷ୍ଟିସ୍ ଏମ୍. ଆର୍. ସାହା ଓ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ପ୍ରଶଂସା କରି କହିଥିଲେ ଯେ, ଏକ ଜନବହୁଳ ରାଷ୍ଟ୍ରରେ କୋଭିଡ୍ ପରିଚାଳନାରେ ଭାରତ ଏକ ଉଦାହରଣ।





ଅଣ୍ଟା–ପିଠି–ଆଣ୍ଠୁ ଏବଂ ଗଣ୍ଠିର ପୁରୁଣା ରୋଗୀଙ୍କ ପାଇଁ ଆଶ୍ୱସ୍ତିଦାୟକ ଖବର

ଆୟୁର୍ବେଦିକ ପଦ୍ଧତିରେ ଉତ୍କୃଷ୍ଟ ବ୍ୟଥା ପ୍ରବନ୍ଧନ କରିଥାଏ କ୍ୱିକ୍ ପୀଡ଼ାନାଶକ ତେଲ - ମିଳୁଛି ଭଲ ପରିଣାମ

ଆୟୁର୍ବେଦ ଅନୁସାରେ ବ୍ୟଥା ଓ ଜ୍ୱର କୌଣସି ରୋଗ ନୁହେଁ ବରଂ ରୋଗର ଲକ୍ଷଣ ମାତ୍ର । ଏହା ଆମର ଶୁଭଚିନ୍ତକ ଅଟନ୍ତି, ଆମକୁ ସଚେତନ କରିଦିଅନ୍ତି କି ଶରୀରରେ ସମସ୍ୟା ଅଛି, ତାହାର ସମାଧାନ କର । ବାରମ୍ବାର ପେନ୍ କିଲର୍ ଖାଇବା ପୂର୍ବରୁ ଆମକୁ ଆୟୁର୍ବେଦରେ ଏହି ସମସ୍ୟାର ସମାଧାନ ଦେଖିନେବା ଆବଶ୍ୟକ। ଆୟୁର୍ବେଦରେ ପେନ୍ ମ୍ୟାନେଜମେଣ୍ଟ ଏମିତି ହୋଇଥାଏ କି, ବ୍ୟଥା କମିବା ସହିତ ଯେଉଁ କାରଣରୁ ବ୍ୟଥା ହେଉଛି, ତାହା ମଧ୍ୟ ଦୂର ହୋଇଯାଏ । କେବଳ ସିମ୍ପଟୋମାଟିକ୍ ବା ଲାକ୍ଷଣିକ ଚିକିତ୍ସା କରାଯାଏ ନାହିଁ । **ଆୟୁର୍ବେଦରେ ବ୍ୟଥାକୁ ଶୂଳ କୁହାଯାଏ । ବ୍ୟଥା ବା ଶୂଳ ସର୍ବଦା ବାତର କାରଣ ହୋଇଥାଏ । ବାତ-ପିତ୍ତ-କଫରେ ଅସନ୍ତୁଳନ ଘଟିଲେ ଓ ବାତ ବଢ଼ିଯାଇ ବ୍ୟଥା ହୋଇଥାଏ । ବାତ ସନ୍ତୁଳିତ ହୋଇଗଲେ ବ୍ୟଥା ମଧ୍ୟ ଦୂର ହୋଇଯାଏ ।** ଗଣ୍ଠି ବା joints ଶରୀରରେ ଏପରି ଅଂଶ, ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ମିଶିଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଯାଇଛି । ଗଣ୍ଠିବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ହୋଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ଜଙ୍ଘରେ ହୋଇପାରେ । ଦୀର୍ଘ ସମୟ ଧରି କୌଣସି ଗୋଟିଏ ଜାଗାରେ ବସିରହିବା, ଯାତ୍ରା କରିବା କାରଣରୁ ଆଣ୍ଠୁରେ କଠିନତା ଆସିଯାଏ ଓ ବ୍ୟଥା ହେବାକୁ ଲାଗିଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ ।

ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି କିମ୍ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଜଡ଼ି-ବୁଟି ମିଶ୍ରଣରେ ପ୍ରସ୍ତୁତ ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'କୁ ଏବେ ବଜାର ପ୍ରବେଶ କରାଇଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ରହୁଛି । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ କରିଦେଇଛି । "ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।

ଯିଏ ବି କ୍ୱିକ୍ ପୀଡ଼ାନାଶକ ତେଲ ଲଗାଇଛନ୍ତି, ବ୍ୟଥାରେ ଏହା ଲାଭପ୍ରଦ ବୋଲି କହିଛନ୍ତି
ମୁଁ କୌଣସି ଫିଲ୍ମ କଳାକାର ନୁହେଁ, ଆପଣଙ୍କ ଭଳି ଜଣେ ସାଧାରଣ ସଚ୍ଚୋଟ ନାଗରିକ ଅଟେ


ଅଶୋକ ମହାପାତ୍ର
ବାଲିଆପାଳ, ବାଲେଶ୍ୱର, ଓଡ଼ିଶା

ଅଶୋକ ମହାପାତ୍ର, ବୟସ 55 ବର୍ଷ, ଗ୍ରାମ- ବାଲିଆପାଳ, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା କୁହନ୍ତି କି ବିଗତ 5 ବର୍ଷ ଧରି ଆଣ୍ଠୁବ୍ୟଥାରେ ପୀଡ଼ିତ ଥିଲି, ସବୁ ପ୍ରକାର ଚିକିତ୍ସା କରିବା ଏବଂ ନାମୀଦାମୀ କମ୍ପାନୀର ବଡ଼ ବଡ଼ ବିଜ୍ଞାପନବାଲା ତେଲ ଆଦି ଲଗାଇବା ପରେ ମଧ ତିଳେମାତ୍ର ଲାଭ ମିଳି ନ ଥିଲା । ଦିନେ ମୋ ବନ୍ଧୁ ମୋତେ ପୀଡ଼ାନାଶକ କ୍ୱିକ୍ ଅଏଲ୍‌ରୁ ଲୋକମାନଙ୍କୁ ମିଳୁଥିବା ଲାଭ ବିଷୟରେ ସୂଚନା ଦେଲେ । କମ୍ପାନୀର ହେଲ୍ପଲାଇନ୍‌ରେ କଥା ହେଲା ପରେ ସେମାନେ କ୍ୱିକ୍ ପୀଡ଼ାନାଶକ ତେଲର ଗୁଣ ଓ ପ୍ରୟୋଗ ବିଧି ସମ୍ପର୍କରେ ସୂଚନା ଦେଲେ । ବାକିସବୁ ତେଲ ଯାହା ଏତେବର୍ଷ ଧରି କରିପାରିଲେନି କ୍ୱିକ୍ ଅଏଲ୍ ମୋତେ ମାତ୍ର 15 ଦିନରେ ଲାଭ ଦେବା ଆରମ୍ଭ କରିଦେଖାଇଲା । ମୁଁ ଏହା ପୂରା 2 ମାସ ବ୍ୟବହାର କଲି ଏବଂ ଏବେ ମୁଁ କହିପାରିବି କି କ୍ୱିକ୍ ପୀଡ଼ାନାଶକ ତେଲ ପ୍ରକୃତରେ ଅତ୍ୟନ୍ତ ଲାଭଦାୟକ ଅଟେ ଓ ସମସ୍ତେ ଏହାକୁ ନିଶ୍ଚୟ ବ୍ୟବହାର କରିବା ଉଚିତ ।




କ୍ୱିକ୍ ଅଏଲ୍ Flipkart | amazon ରେ ଅନ୍‌ଲାଇନ୍‌ରେ ମଧ ଉପଲବ୍ଧ ।

ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ– ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ। –ଶ୍ରୀମା



# ମେଧା-ସଂରକ୍ଷଣ ଲଢ଼େଇ

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା ସର୍ବୋଚ୍ଚ ଅଦାଲତର ମହିଳା ଆଇନଜୀବୀମାନଙ୍କ ଉଦ୍ବୋଧନ ଦେବା ବେଳେ କାର୍ଲ ମାର୍କ୍ସଙ୍କ ଉକ୍ତିକୁ ଉଦ୍ଧାରକରି କହିଛନ୍ତି, ପୃଥିବୀର ଶ୍ରମିକମାନେ ଏକଜୁଟ ହୁଅ, ତୁମର ବନ୍ଧନ ବ୍ୟତୀତ ଅନ୍ୟ କିଛି ହରାଇବାର ନାହିଁ। ସେଥିରୁ ଖିଅଟାଣି ସିଜେଆଇ କହିଲେ, ଦେଶର ମହିଳା ଆଇନଜୀବୀମାନେ ଏକଜୁଟ ହୁଅନ୍ତୁ ଏବଂ ନ୍ୟାୟପାଳିକାରେ ୫୦ ପ୍ରତିଶତ ସଂରକ୍ଷଣ ଦାବି ପାଇଁ କ୍ରୋଧରେ ଚିତ୍କାର କରନ୍ତୁ। ସିଜେଆଇଙ୍କ ଏହି ମନ୍ତବ୍ୟକୁ କୌଣସି ଭାବେ ଖୁଣି ହେବ ନାହିଁ।

ପ୍ରଧାନ ବିଚାରପତିଙ୍କ କହିବା ଅନୁଯାୟୀ, ଦେଶର ନିମ୍ନ ଅଦାଲତରେ ମହିଳା ବିଚାରପତିଙ୍କ ସଂଖ୍ୟା ୩୦ ପ୍ରତିଶତରୁ କମ୍ ରହିଛି। ହାଇକୋର୍ଟଗୁଡ଼ିକରେ ୧୧.୫ ପ୍ରତିଶତ ମହିଳା ବିଚାରପତି ଥିବାବେଳେ ସୁପ୍ରିମକୋର୍ଟରେ ଏମାନଙ୍କ ପ୍ରତିଶତ ରହିଛି ୧୧ରୁ ୧୨। ଦେଶରେ ୧୭ ଲକ୍ଷ ଆଇନଜୀବୀ ଥିବା ବେଳେ ସେଥିରୁ ମହିଳାଙ୍କ ସଂଖ୍ୟା କେବଳ ୧୫ ପ୍ରତିଶତ ରହିଥିବା ସେ କହିଛନ୍ତି। ବାସ୍ତବରେ ସିଜେଆଇଙ୍କ କଥାକୁ ଦେଖିଲେ ତୁଳନାମୂଳକ ଭାବେ ନ୍ୟାୟପାଳିକାରେ ମହିଳାଙ୍କ ଯୋଗଦାନ କମ୍ ରହିଛି।

ବିଚାର ବ୍ୟବସ୍ଥାରେ ମହିଳାଙ୍କ ଅଂଶଗ୍ରହଣ ଅଧିକ ହେବା ଦରକାର ବୋଲି ସିଜେଆଇ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ମହିଳାଙ୍କୁ ଦୁର୍ବଳ ଓ ନ୍ୟୂନ ଦୃଷ୍ଟିରେ ଦେଖାଯିବା ଠିକ୍ ନୁହେଁ। ସାମାଜିକ ଓ ଅର୍ଥନୈତିକ ସମର୍ଥନ ପାଇ ସେମାନେ ସଶକ୍ତ ହେଉଥିବା ଦେଖିବାକୁ ମିଳିଛି। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ମହିଳାଙ୍କ ଯୋଗଦାନ ନ୍ୟାୟପାଳିକା ଅପେକ୍ଷା ଅଧିକ ରହିଛି। ତେଣୁ କେବଳ ମହିଳା କାହିଁକି ସମାଜରେ ଅବହେଳିତ ଅବସ୍ଥାରେ ରହିଥିବା ଲୋକଙ୍କୁ ଉପରକୁ ଉଠିବା ଲାଗି ପ୍ରଶାସନଠାରୁ ଆରମ୍ଭ କରି ଗୋଷ୍ଠୀଗତ ଜୀବନ ଜିଉଥିବା ବ୍ୟକ୍ତିମାନେ ସାହାଯ୍ୟ କରିବା ଦରକାର। ସମାନ ଭାବେ ଦେଖିଲେ ସମାଜର ମୁଖ୍ୟସ୍ରୋତକୁ ଆସିପାରୁ ନ ଥିବା ଜାତି ଓ ବର୍ଗଙ୍କୁ ସଂରକ୍ଷଣ ସୁଯୋଗ ଦିଆଯିବା ଜରୁରୀ। ହେଲେ ମେରିଟ୍ ବା ମେଧାକୁ ସର୍ବଦା ଅଗ୍ରପ୍ରାଧାନ୍ୟ ଦିଆଗଲେ ସାମାଜିକ ସନ୍ତୁଳନ ବଜାୟ ରହିବ। ଏବେ ଦେଖାଯାଉଛି, ଯେଉଁମାନେ ମେରିଟ୍କୁ ଗୁରୁତ୍ୱ ଦେଇ ରିଜର୍ଭେଶନ ବିପକ୍ଷରେ ଯୁକ୍ତିସଙ୍ଗତ ମତ ଦେଉ ପଛେ କିଛି କହୁଛନ୍ତି; ସେମାନଙ୍କୁ ରାଜନୈତିକ ଦୃଷ୍ଟିକୋଣରୁ ତୁଚ୍ଛିତ୍ କିମ୍ବା ଉଚ୍ଚଜାତିର ବୋଲି ବିବେଚନା କରାଯାଉଛି। ସେହି ପୃଷ୍ଠଭୂମିରେ ଦେଖିଲେ ଆଜି ମଧ୍ୟ ପାର୍ଲାମେଣ୍ଟ ଓ ବିଧାନସଭାଗୁଡ଼ିକରେ ନୂଆ ଜାତିକୁ ପଛୁଆବର୍ଗ ତାଲିକାଭୁକ୍ତ କରିବା ପାଇଁ ଦାବି ଲାଗି ରହିଛି। ଏକ ଆଧୁନିକ ସମାଜରେ ମେଧାକୁ କେହି ବିରୋଧ କରିବା କଥା ନୁହେଁ। କିନ୍ତୁ ଭାରତବର୍ଷରେ ଏକ ଚିନ୍ତାଧାରା ସୃଷ୍ଟି କରିଦିଆଯାଇଛି, ଯେଉଁଥିରେ ଧରି ନିଆଯାଇଛି ଯେ ମେଧାକୁ ଦମନ କଲେ ସଂରକ୍ଷଣ ସଫଳ ହୋଇପାରିବ। ଅର୍ଥାତ୍ ମେଧାକୁ ସଂରକ୍ଷଣ ସହ ଲଢ଼େଇ ଦିଆଯାଇଛି। ଏକ ପ୍ରଗତିଶୀଳ ସମାଜ ପାଇଁ ଏହା କେବେହେଲେ ମଙ୍ଗଳମୟ ନୁହେଁ। ସଂରକ୍ଷଣ ସପକ୍ଷବାଦୀ ଡାକ୍ତରଖାନାକୁ ଗଲେ କୋଟା ମାଧ୍ୟମରେ ଡାକ୍ତର ହୋଇଥିବା ବ୍ୟକ୍ତିଙ୍କୁ ଖୋଜିବା ପରିବର୍ତ୍ତେ ହସ୍ପିଟାଲରେ ତାଙ୍କ ରୋଗ ସକାଶେ କିଏ ଭଲ ଚିକିତ୍ସକ ଅଛନ୍ତି ତାଙ୍କୁ ଦେଖା ଦେଖାଇବାକୁ ଆଗ୍ରହ ହୋଇଥାଆନ୍ତି। ଏଥିରୁ ବୁଝାଯିବା ଦରକାର ଯେ, ସେବା କ୍ଷେତ୍ରରେ ଜାତିର କୌଣସି ଗୁରୁତ୍ୱ ରହୁନାହିଁ।

ଆଜିର ସମୟରେ ସଂରକ୍ଷଣ କିଏ ପାଇବେ ଓ କେତେ ବର୍ଷ ଏହି ଧାରା ବଜାୟ ରହିବ, ସେ ସମ୍ପର୍କରେ ଆଲୋଚନା କଲେ ତାହା ଏକ ରାଜନୈତିକ ପ୍ରସଙ୍ଗ ଆଡ଼କୁ ମୁହାଁଇବ। ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ସଂରକ୍ଷଣ ଦେବା ଲାଗି ସମ୍ବିଧାନରେ ବ୍ୟବସ୍ଥା କରାଯାଇଥିଲା। ଏବେ ଦେଶବ୍ୟାପୀ ଏକ ବିକଟାଳ ଚିନ୍ତା ଅନେକଙ୍କୁ ଘାରିଛି କଳେ ବଳେ କୌଶଳେ ସରକାରୀ ସୁବିଧା କେମିତି ହାତେଇବେ। ଥିଲାବାଲା ଲୋକ ଚାଉଳ, ଗହମ, କିରୋସିନ ଓ ଚିନି ପାଇବା ପାଇଁ ଗରିବ ଓ ଅସହାୟଙ୍କ ଲାଗି ଉଦ୍ଦିଷ୍ଟ ସାମଗ୍ରୀରେ ଭାଗ ବସାଉଛନ୍ତି। ଅର୍ଥାତ୍ ସରକାରୀ ଗରିବ ହେବା ଲାଗି ଗୋଟେ ରୀତିମତ ଦୌଡ଼ ଚାଲିଛି। ଏଭଳି ସ୍ଥଳେ ଦେଶବ୍ୟାପୀ ବିଭିନ୍ନ ଜାତି ଖଞ୍ଜି ଖୋଜୁଛନ୍ତି ଗଳିପଶି କିଭଳି ସଂରକ୍ଷଣ ସୁବିଧାଟିଏ ହାତେଇବେ। ପାର୍ଲାମେଣ୍ଟରେ ବିଭିନ୍ନ ସମୟରେ ବିତର୍କକୁ ଆସିଥିବା ମହିଳା ସଂରକ୍ଷଣ ବିଲ୍କୁ ଦେଖାଯାଉ। ତାହା ଆଜି ପର୍ଯ୍ୟନ୍ତ ଝୁଲିକି ରହିବାର କାରଣ ବୁଝିବା ଅତି ସହଜ। ଆଲୋଚନା ବେଳେ ବିଭିନ୍ନ ରାଜନୈତିକ ଦଳ ତରଫରୁ ଦାବି କରାଯାଇଥିଲା ଯେ ପ୍ରସ୍ତାବିତ ମହିଳା ସଂରକ୍ଷଣ ପ୍ରତିଶତ ଭିତରେ ବିଭିନ୍ନ ଜାତି, ଉପଜାତି ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ କରାଯାଉ। ଅର୍ଥାତ୍ ସହଜ ଭାଷାରେ କହିଲେ, ସଂରକ୍ଷଣ ଭିତରେ ସଂରକ୍ଷଣର ବ୍ୟବସ୍ଥା ରହୁ। ଏହା ଏକ ଅସରନ୍ତି ଖେଳ, କାରଣ ଭାରତବର୍ଷରେ ଆଜି ପର୍ଯ୍ୟନ୍ତ ଆହୁରି ଅନେକ ଜାତି, ଉପଜାତି ଅଛନ୍ତି ଯେଉଁମାନେ ସଂରକ୍ଷଣ ସୁବିଧା ପାଇନାହାନ୍ତି, କିନ୍ତୁ ଦାବିଦାର ହେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ କୁହାଇପାରେ ଯେଉଁମାନେ ରାଜନୀତି କରିବାକୁ ଚାହୁଁଛନ୍ତି ସେମାନେ ଏପଟସେପଟ କରି ଲୋକଙ୍କୁ ନିଜ ପାଖରେ ରଖିବା ଲାଗି ଅବାଞ୍ଛିତ ପ୍ରସ୍ତାବ ଦେଇପାରନ୍ତି। ମାତ୍ର ବିଚାର ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ଥିବା ନ୍ୟାୟାଧୀଶ ସଂରକ୍ଷଣ ପରି ବିଷୟକୁ ଗୁରୁତ୍ୱ ଦେଇ ମହିଳା ଓକିଲ ଓ ଜଜ୍ ସଂଖ୍ୟା ବଢ଼ାଇବା ପାଇଁ କୋଟା ଲାଗୁ ଦାବିକୁ ସମର୍ଥନ କରିବା ଅଡୁଆ ଲାଗୁଛି। ନିକଟ ଅତୀତକୁ ଦେଖିଲେ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍ଡିଏ) ପାଇଁ ମହିଳାମାନଙ୍କୁ ପରୀକ୍ଷା ଦେବା ଲାଗି ଅନୁମତି ଦିଆଯିବା ଦରକାର ବୋଲି ସୁପ୍ରିମକୋର୍ଟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଉଦ୍ଦେଶ୍ୟ ଥିଲା ପୁରୁଷ ଓ ମହିଳାଙ୍କ ମଧ୍ୟରେ ସମାନତା ବଜାୟ ରଖିବା ସହ ନାରୀ ଜାତିକୁ ନ୍ୟାୟ ଦେବା। ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତକୁ ସମ୍ମାନ ଦେଇ ସମ୍ମତି ପ୍ରଦାନ କରିବା ପରେ ଅଦାଲତଙ୍କ ହସ୍ତକ୍ଷେପ ଏକ ଐତିହାସିକ ପରିବର୍ତ୍ତନ ଆଣିପାରିଛି। ଅର୍ଥାତ୍ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ପୁରୁଷଙ୍କ ସହ ମହିଳା ସମକକ୍ଷ ବୋଲି ଦର୍ଶାଯାଇଥିଲା। ନ୍ୟାୟପାଳିକାରେ ମହିଳାଙ୍କ ଯୋଗଦାନ ବୃଦ୍ଧି ଲାଗି ସାମାଜିକ ଓ ଆର୍ଥିକ ସମର୍ଥନ ଠିକ୍ ଭାବେ ଦିଆଗଲେ ସେମାନଙ୍କ ସକାଶେ ସଂରକ୍ଷଣର ଆବଶ୍ୟକତା ପଡ଼ିବ ନାହିଁ ବୋଲି ବୁଝାଯିବା ଦରକାର।

# ଆଦିବାସୀ ଅର୍ଥନୀତି ଏବଂ ଆର୍ଥିକ ସାକ୍ଷରତା



ଡ. ଅଜୟ କୁମାର ନନ୍ଦ

ପ୍ରକୃତିର ଘଞ୍ଚବନାନୀ, ପାହାଡ଼, ପର୍ବତ ଓ ଅନେକ ପ୍ରାଚୀନ ଭୂଖଣ୍ଡରେ ମାନବସମାଜର ଉତ୍ପତ୍ତି। ବିବର୍ତ୍ତନ କ୍ରମେ ଏ ମାଟିରେ ଆର୍ଯ୍ୟ ସଭ୍ୟତା ଓ ସଂସ୍କୃତି ଗଢ଼ିଉଠିବାର ଅନେକ ପୂର୍ବରୁ ଯେଉଁମାନେ ବାସ କରୁଥିଲେ ତାଙ୍କୁ ଜନଜାତି ବୋଲି ନାମିତ କରାଯାଇଥିଲା। ପ୍ରକୃତି ଉପରେ ପୂର୍ଣ୍ଣ ନିର୍ଭରଶୀଳ ସହ ଜୀବନକୁ ଅଧିକ ବୁଦ୍ଧିମନ୍ତ କରିବା ପାଇଁ ସଂସ୍କୃତି ପରମ୍ପରାକୁ ସେମାନେ ଭରପୂର ଉପଭୋଗ କରୁଥିଲେ। ସରଳ ନିଷ୍କପଟ ଜୀବନଶୈଳୀ ବିତାଉଥିବା ଜନଜାତିଙ୍କ ନିବାସ କୌଣସି ଆକାଶଚୁମ୍ବୀ ଅଟ୍ଟାଳିକା ନୁହେଁ ବରଂ ଅନ୍ଧାର ଗିରିଗୁହା ଓ ଦୁର୍ଗମ ସ୍ଥାନରେ ଥିବା କ୍ଷୁଦ୍ରକୁଟିର। ବର୍ତ୍ତମାନ ସମ୍ବୋଧିତ କରୁଥିବା ଆଦିବାସୀ ଶବ୍ଦଟି ଦେଶ ସ୍ୱାଧୀନତା ପରବର୍ତ୍ତୀ କାଳରେ ଆମ୍ଭମାନଙ୍କ ଶବ୍ଦଭଣ୍ଡାରରୁ ଆମଦାନୀ ହୋଇଛି। ସେବେଠାରୁ ଆମେ ଏମାନଙ୍କୁ ଆଦିବାସୀ ବା ଜନଜାତି ବୋଲି ଅଭିହିତ କରୁଛୁ। ଭାରତୀୟ ଜନଗଣନା ପରିସଂଖ୍ୟାନ ତଥ୍ୟ ୨୦୧୧ ଅନୁଯାୟୀ ଏମାନଙ୍କ ସଂଖ୍ୟା, ଭାରତୀୟ ଜନସଂଖ୍ୟାର ୮.୬ ପ୍ରତିଶତ। ଭାରତର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ୪୬୨ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ ୬୨ ପ୍ରକାର ଜନଜାତି କେବଳ ଓଡ଼ିଶାରେ ବସବାସ କରନ୍ତି। ଭାରତରେ ଜନଜାତି ବହୁଳ ରାଜ୍ୟଗୁଡ଼ିକ ହେଉଛି ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ, ଆସାମ, ତ୍ରିପୁରା, ମଣିପୁର, ମିଜୋରାମ,ନାଗାଲାଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ।

ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ଆଦିବାସୀମାନେ ବିକାଶର ସମ୍ପୂର୍ଣ୍ଣ ଲାଭ ପାଇବାରେ ସକ୍ଷମ ନୁହନ୍ତି। ବାସ୍ତବରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟ ଆଜି ମଧ୍ୟ ଅନ୍ୟ ଉପରେ ନିର୍ଭର କରନ୍ତି, ଫଳରେ ସେମାନଙ୍କ ଦ୍ୱାରା ଶୋଷିତ ହୁଅନ୍ତି। ଶିକ୍ଷାର ପ୍ରଚାର ପ୍ରସାର ସତ୍ତ୍ୱେ ସେମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ଆଖିଦୃଶିଆ ହୋଇପାରିନି। ବର୍ତ୍ତମାନ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଆୟ ଉପାର୍ଜନ କ୍ଷେତ୍ରରେ ଆଧୁନିକ ସୁବିଧା ଏବଂ ବୈଷୟିକ ଭିତ୍ତିଭୂମି ସେମାନଙ୍କ ବିକାଶରେ ସେତେଟା ଫଳପ୍ରଦ ହୋଇନାହିଁ। ଏଥିରେ ପରିବର୍ତ୍ତନ ଆଣିବାସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଦକ୍ଷତାବିକାଶ ଓ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ସେମାନଙ୍କର ଜୀବିକାକୁ ଉନ୍ନତ କରାଯାଇପାରିବ। ପାରମ୍ପରିକ ଜୀବିକା ମୁଖ୍ୟତଃ କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟ ମିଳୁଥିବା ଆୟ ସେମାନଙ୍କ ଅଭାବ ମେଣ୍ଟାଇବାରେ ସେତେଟା ସହାୟକ ହେଉନାହିଁ। ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର କାରଣ, ନିରାକରଣ ଖୋଜିବା ପାଇଁ ଗବେଷଣା କରାଯାଇଛି। କୋରାପୁଟ ଜିଲାକୁ ଅଗ୍ରାଧିକାର ଭାବେ ବିଚାରକୁ ନିଆଯାଇଛି, କାରଣ ରାଜ୍ୟରେ ବାସ କରୁଥିବା ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରୁ କେବଳ କୋରାପୁଟରେ ଥିବା ବିଭିନ୍ନ ବର୍ଗର ଅଧିକାଂଶ ଆଦିମ ଜନଜାତି ସମ୍ପ୍ରଦାୟର ଅଧିବାସୀ ବସବାସ କରନ୍ତି। ସେମାନଙ୍କ ମତ ଆଧାରରେ କେତେଗୁଡ଼ିଏ ପ୍ରମୁଖ ସମସ୍ୟାର ଚୂଡାନ୍ତ ନିଷ୍ପତ୍ତି ନେବାରେ ସହାୟକ ହୋଇଛି। ଗବେଷଣାଭିତ୍ତିକ ତଥ୍ୟକୁ ନେଇ 'ଭାରତୀୟ ଆଦିବାସୀ ଅର୍ଥନୀତି ଓ ଆର୍ଥିକ ସାକ୍ଷରତା' ପୁସ୍ତକ ପ୍ରକାଶ ପାଇଛି। ସୀମିତ ସମ୍ବଳରେ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଆର୍ଥିକ ସାକ୍ଷରତାକୁ ଉପଯୋଗ କରିବା ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପକୁ ଅଣଦେଖା କରାଯାଇ ନ ପାରେ, ଯାହା ସେମାନଙ୍କୁ ଅନେକାଂଶରେ ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ଆର୍ଥିକ ସାକ୍ଷରତା ଆଧାରରେ ବିଭିନ୍ନ ଆର୍ଥିକସେବାର ଫାଇଦା ଉଠାଇପାରିବେ। ସାହୁକାରଙ୍କଠାରୁ ଋଣ ଆଣିବା ବଦଳରେ ସେମାନଙ୍କୁ ସହଜ ଓ ସୁବିଧାରେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଋଣ ପ୍ରାପ୍ତି ହେବ। କମ ସୁଧ ସହିତ ସୁବିଧା କିସ୍ତିରେ ଋଣ ପରିଶୋଧ ଓ ଅନ୍ୟାନ୍ୟ ଆର୍ଥିକ ସମ୍ବନ୍ଧୀୟ ଜ୍ଞାନ, ଆର୍ଥିକ ଦେଣନେଣର ବିଭିନ୍ନ ମାଧ୍ୟମ ଯଥା, ନେଟ୍ ବ୍ୟାଙ୍କିଙ୍ଗ, ଫୋନ୍ ପେ, ଗୁଗୁଲ ପେ, ଆରଟିଜିଏସ, ଏନଇଏଫଟି, ଡେବିଟ କାର୍ଡ୍ ଏବଂ କ୍ରେଡ଼ିଟ କାର୍ଡ, ଋଣ ଉପରେ ସବସିଡ଼ି, କମିଶନ, ବୋନସ. ଡିଭିଡେଣ୍ଡ ଆଦି ଅନେକ ସୁବିଧା ପାଇପାରିବେ। ଆର୍ଥିକ ଜ୍ଞାନ ଅଭାବ ହେତୁ ଆଦିବାସୀମାନଙ୍କୁ ନିଜ ଅଞ୍ଚଳରେ ଥିବା ଦଲାଲମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ, ଯାହା ସେମାନଙ୍କର ଆର୍ଥିକ ସୁସ୍ଥତାକୁ ପ୍ରଭାବିତ କରିଥାଏ। ଏହି ପରିପ୍ରେକ୍ଷୀରେ ଆର୍ଥିକ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଗଲେ ଜନଜାତିମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି କେତେକାଂଶରେ ସୁଧୁରିପାରିବ।

ଆର୍ଥିକ ସାକ୍ଷରତା ଶିକ୍ଷା କାର୍ଯ୍ୟକ୍ରମ ଏହି ଲୋକଙ୍କୁ ଆର୍ଥିକ ଜ୍ଞାନ ଆହରଣ କରିବା ସହିତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ଏବଂ ଅନ୍ୟାନ୍ୟ ଆର୍ଥିକ ସୂଚନା ପାଇବାରେ ସାହାଯ୍ୟ କରିବ। ଦେଶରେ ଥିବା ଆର୍ଥିକ ପ୍ରତିଷ୍ଠାନ, ଇନ୍ଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟସ ଅଫ ଇଣ୍ଡିଆ, ଇନ୍ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆକାଉଣ୍ଟସ, ଇନ୍ଷ୍ଟିଚ୍ୟୁଟ ଅଫ କମ୍ପାନି ସେକ୍ରେଟାରି ଅଫ ଇଣ୍ଡିଆ ଭଳି ବୃତ୍ତିଗତ ଅନୁଷ୍ଠାନଗୁଡ଼ିକ ଆଗେଇ ଆସିଲେ ତାହା ଆଦିବାସୀମାନଙ୍କ ଆର୍ଥିକ ଜ୍ଞାନ ବୃଦ୍ଧି କରିବାରେ ସାହାଯ୍ୟ କରନ୍ତା। ଏହାକୁ ଉପଯୋଗ କରି ସେମାନେ ସୀମିତ ଆୟରୁ ଅର୍ଥ ସଞ୍ଚୟ କରି ଅପ୍ରତ୍ୟାଶିତ ଆର୍ଥିକ ଆବଶ୍ୟକତାକୁ ପୂରଣ କରିପାରନ୍ତେ। ଆଦିବାସୀ ଇଲାକାରେ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଆଦିବାସୀ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ। ଏହାଦ୍ୱାରା ସେମାନେ ଆଦିବାସୀମାନଙ୍କର ଆବଶ୍ୟକତାକୁ ଅତି ସହଜରେ ବୁଝିପାରିବା ସହିତ ସେମାନଙ୍କୁ ଉତ୍ତମ ଶିକ୍ଷା ଦେଇ ପାରିବେ। ଗ୍ରାମାଞ୍ଚଳରେ କ୍ଷୁଦ୍ର ଋଣ ପ୍ରବାହରେ ଉନ୍ନତି ଆଣିବା ପାଇଁ ମାଇକ୍ରୋ କ୍ରେଡିଟ ସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ। ସରକାରଙ୍କ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଧନ ଜନ ଯୋଜନା (ମାଇକ୍ରୋ କ୍ରେଡିଟ ସ୍କିମ) ସେତେ ପ୍ରଭାବଶାଳୀ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଆଦିବାସୀମାନଙ୍କ ଏହି ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଆହୋରଣ ନ ହୋଇଛି। ଏଥିରେ ସୁଧାର ଆଣିବାକୁ ହେଲେ ଆଦିବାସୀ ଗ୍ରାମାଞ୍ଚଳରେ ପ୍ରଚଳିତ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ସେବା ଉପରେ ତାଲିମ ଦେବା ପାଇଁ ପ୍ରତ୍ୟେକ କର୍ମଚାରୀଙ୍କ ସେବା ନିୟମରେ ଏକ ସେବା ସର୍ତ୍ତ ଅନ୍ତର୍ଭୁକ୍ତ କରାଯିବା ସହ ଏହାକୁ ବାଧ୍ୟତାମୂଳକ କରାଯିବା ଉଚିତ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅର୍ଥନୀତିକୁ ସଫଳ କରିବାକୁ ହେଲେ ଆର୍ଥିକ ସାକ୍ଷରତା ଏକ ପ୍ରଭାବୀ ଅସ୍ତ୍ର। ବର୍ତ୍ତମାନ ଏହାକୁ ସଫଳ କରିବାକୁ ହେଲେ କେତେକ ବିଷୟରେ ଗୁରୁତ୍ୱ ଦେବାକୁ ହେବ। ୧. ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର। ସଚେତନତା ଅଭାବରୁ ପ୍ରାଥମିକ ସ୍ତରରେ ଡ୍ରପଆଉଟ ହାର ଅଧିକ, ଏହି ସମସ୍ୟାର ମୁକାବିଲା ପାଇଁ ସରକାରୀ ଏବଂ ଅଣ ସରକାରୀ ସଂଗଠନଗୁଡ଼ିକ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଅଧ୍ୟୟନ କ୍ଷେତ୍ରରେ ମଡେଲ ବେସ୍ ଶିକ୍ଷାକୁ ମଜଭୁତ କରିବା ପାଇଁ ଆଗକୁ ଆସିବା ଉଚିତ। ୨. ରୋଜଗାର ଭିତ୍ତିକ ସୁଯୋଗ ପାଇଁ ଅଧ୍ୟୟନ କ୍ଷେତ୍ରରେ ଦକ୍ଷତା ଭିତ୍ତିକ କିମ୍ବା ଧନ୍ଦାମୂଳକ ଶିକ୍ଷା ଯଦିଓ ପର୍ଯ୍ୟାପ୍ତ ନୁହେଁ, ଶିକ୍ଷା ବ୍ୟବସ୍ଥାକୁ ଏକ ଆବଶ୍ୟକତା ଭିତ୍ତିକ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତର କରାଯିବା ଉଚିତ, ଯେଉଁଠାରେ ପାରମ୍ପରିକ ଆଭିମୁଖ୍ୟକୁ ପରିବର୍ତ୍ତନ କରାଯାଇପାରେ। ସ୍ଥାନୀୟ ଅଞ୍ଚଳରେ ଥିବା ଶିକ୍ଷିତ ଯୁବକ ଯୁବତୀଙ୍କୁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଗଲେ ଏହା ଶିକ୍ଷକ ଅନୁପସ୍ଥିତି ରୋକିବା ସହିତ ନିଜ ମାତୃଭାଷା ମାଧ୍ୟମରେ ପିଲାମାନଙ୍କୁ ଅଧିକ ସଚେତନ କରିପାରିବେ। ୩. ଆର୍ଥିକ ସହାୟତା ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ଆର୍ଥିକ ସଂସ୍ଥାଗୁଡିକ ଆଗ୍ରହ ଦେଖାଉନାହାନ୍ତି। ଋଣ ନିମିତ୍ତ ଆବଶ୍ୟକ କାଗଜପତ୍ରରେ ସରଳୀକରଣ କରାଗଲେ, ଲୋକମାନେ ଅସଙ୍ଗଠିତ ଉତ୍ସରୁ ଋଣ କରିବାରୁ ବର୍ତ୍ତିପାରନ୍ତେ। ଅଧିକ ସୁଧ ଦେବାରୁ ବଞ୍ଚିତ ହୁଅନ୍ତେ। ଋଣ ମୂଲ୍ୟାଙ୍କନ ବ୍ୟବସ୍ଥା ପରିବର୍ତ୍ତନ ଆଣିବା ଏବଂ ସେମାନଙ୍କର ଋତୁକାଳୀନ ଚାହିଦା ପୂରଣ କରିବା ପାଇଁ କ୍ଷୁଦ୍ର ଋଣ (ବନ୍ଧକ ସୁରକ୍ଷା ବିନା) ପ୍ରଦାନ କରିବାର ଆବଶ୍ୟକତା ଅଛି। ଏହି ସୁବ୍ୟବସ୍ଥିତ ଯୋଜନାରେ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ସୁଧାର ଆସିବ। ବ୍ୟାଙ୍କରେ ଆର୍ଥିକ କାରବାର ପ୍ରତି ଅଧିକ ଉତ୍ସାହିତ କରିପାରିବ। ୪. ମାଇକ୍ରୋ କ୍ରେଡିଟ୍ ପ୍ରତିଷ୍ଠାନର ଅନୁପସ୍ଥିତି ଯୋଗୁ ଜରୁରୀ ଆବଶ୍ୟକତା ପୂରଣ କରିବା ପାଇଁ ସେମାନେ ସ୍ଥାନୀୟ ଋଣଦାତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏଥିରେ ଉନ୍ନତି ଆଣିବା ପାଇଁ ସରକାର ମାଇକ୍ରୋ କ୍ରେଡିଟ ସଂସ୍ଥାଙ୍କୁ ଠିକ୍ ମାର୍ଗରେ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ। ଋଣର ପରିମାଣ କମ ଏବଂ ବକେୟା ବା ଋଣ ପରିଶୋଧ କିସ୍ତିକୁ ଆବଶ୍ୟକ ସ୍ଥଳେ ସରଳୀକରଣ କରିପାରିଲେ ଏହା ଲୋକଙ୍କ ଅଧିକ ଆସ୍ଥା ଭାଜନ ହୋଇପାରିବ। ବର୍ତ୍ତମାନ ମାଇକ୍ରୋ କ୍ରେଡିଟ ସଂସ୍ଥାଗୁଡ଼ିକୁ ଛୋଟ ମୋଟ ଋଣ ଦେବା ଓ ଆଦାୟ କରିବାରେ ଏକ ମଡେଲ ରୂପେ ବିବେଚିତ ହୋଇଛି। ସରକାରଙ୍କ ତରଫରୁ ଏହାକୁ ଅଧିକ କ୍ରିୟାଶୀଳ କରାଗଲେ ଲୋକମାନେ ତାଙ୍କର ଆର୍ଥିକ ଆବଶ୍ୟକତାକୁ ଅକ୍ଳେଶରେ ପୂରଣ କରିପାରନ୍ତେ। ଏହା ପରୋକ୍ଷରେ ଗ୍ରାମୀଣ ଅର୍ଥନୀତି ସୁଧାରିବାରେ ସାହାଯ୍ୟ କରିବ। ୫. ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କିଙ୍ଗ ସେବା ପାଇବା ପାଇଁ ଆଧୁନିକ ଯୋଗାଯୋଗ ଓ ବୈଷୟିକ ଭିତ୍ତିଭୂମି ନାହିଁ କହିଲେ ଚଳେ। ଏଣୁ ଆର୍ଥିକ ସେବାଗୁଡ଼ିକର ବଣ୍ଟନ ଏବଂ ଉପଲବ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରଚଳିତ ନଗଦ ବିହୀନ କାରବାରରେ ସାମିଲ ହେବାକୁ ହେଲେ ଇଣ୍ଟରନେଟର ଆବଶ୍ୟକତା ରହିଛି। ହେଲେ ଆଦିବାସୀ ଅଞ୍ଚଳରେ ଏଥିରେ ବଡ଼ ସମସ୍ୟା ରହିଛି। ଆର୍ଥିକ କାରବାର ଓ ବ୍ୟବହାରିକ କ୍ଷେତ୍ରରେ ଜନଜାତିମାନଙ୍କର ବୈଷୟିକ ଅଭିଜ୍ଞତାରେ ଉନ୍ନତି ଆଣିବାକୁ ସର୍ବପ୍ରଥମେ ଆବଶ୍ୟକ ଭିତ୍ତିଭୂମିର ଅଗ୍ରାଧିକାର ଭିତ୍ତିରେ ସୁବନ୍ଦୋବସ୍ତ କରିବାକୁ ହେବ। ଟେକ୍ନୋଲୋଜି କ୍ଷେତ୍ରରେ ପର୍ଯ୍ୟାପ୍ତ ତାଲିମ ବ୍ୟବସ୍ଥା ଏ ଦିଗରେ ଏକ ନୂଆ ସମ୍ଭାବନା ଆଣିବ।

**ବିଶ୍ୱନାଥ କୁଟିର, ନୀଳକଣ୍ଠପୁର, ପୁରୀ**
ajayakumarnanda@gmail.com

# ହୃତ୍‌ପିଣ୍ଡ ଓ ହୃଦ୍‌ଘାତ ମୃତ୍ୟୁ



ଡା. ପ୍ରଫୁଲ୍ଲ କୁମାର ଦାସ

ଆଧୁନିକତା ସହିତ ତାଳଦେଇ ଚାଲୁଥିବା ମଣିଷର ଦୈନନ୍ଦିନ ଜୀବନଶୈଳୀ ବଦଳିବାରେ ଲାଗିଛି। ଖାଇବା, ପିଇବା, ଶୋଇବା ସମୟରେ ପରିବର୍ତ୍ତନ ହୋଇଛି। କର୍ମକ୍ଷେତ୍ରରେ ଅତିରିକ୍ତ ଚାପ ବଢ଼ିବାରେ ଲାଗିଛି। ବ୍ୟସ୍ତତା କାରଣରୁ ଅନେକେ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ଧ୍ୟାନ ଦେଇପାରୁନାହାନ୍ତି। ଏସବୁ ଅବେଳରେ ହୃଦ୍‌ଘାତ ସମସ୍ୟାକୁ ନିମନ୍ତ୍ରଣ ଦେଉଛି। ବିଶ୍ୱରେ ଯୁବପିଢ଼ିଙ୍କ ମଧ୍ୟରେ ହୃଦ୍‌ଘାତଜନିତ ମୃତ୍ୟୁ ଦ୍ରୁତଗତିରେ ବଢୁଥିବାବେଳେ ଭାରତର ସ୍ଥିତି ବେଶ୍ ଚିନ୍ତାଜନକ। ଗତ ଏକ ଦଶନ୍ଧି ମଧ୍ୟରେ ଦେଶରେ ହୃଦ୍‌ରୋଗ ଆକ୍ରାନ୍ତଙ୍କ ସଂଖ୍ୟା ୫୦% ବୃଦ୍ଧିପାଇଛି। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଭାରତରେ ହୃଦ୍‌ଘାତଜନିତ ମୃତ୍ୟୁ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ୨୦୨୦ରେ ଏହି ସଂଖ୍ୟା ୨୧ ହଜାର ୪୧୨। କେବଳ ଯୁବାବସ୍ଥା ନୁହେଁ, ପ୍ରତିବର୍ଗର ଲୋକେ ଏବେ ଏହି ସମସ୍ୟା ଭୋଗୁଛନ୍ତି। ଭାରତରେ ପ୍ରତି ୪ ମୃତ୍ୟୁ ମଧ୍ୟରେ ଜଣେ ହୃଦ୍‌ଘାତର ଶିକାର ହୋଇଥାଆନ୍ତି। ଲାନ୍‌ସେଟର ଏକ ରିପୋର୍ଟ ଅନୁଯାୟୀ ସହରାଞ୍ଚଳ ଅପେକ୍ଷା ଏବେ ଗ୍ରାମାଞ୍ଚଳରେ ଅଧିକ ଲୋକ ହୃଦ୍‌ରୋଗ ସମସ୍ୟାରେ ପୀଡ଼ିତ। ଅପରପକ୍ଷେ ସେଣ୍ଟର ଅଫ୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍ସନ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟ ଅନୁଯାୟୀ, ହୃଦ୍‌ଘାତ ମୃତ୍ୟୁରେ ବିଶ୍ୱରେ ଶୀର୍ଷରେ ରହିଛି ଆମେରିକା। ଏଠାରେ ପ୍ରତି ୩୬ ସେକେଣ୍ଡରେ ଜଣେ ମୃତ୍ୟୁ ମୁଖରେ ପଡୁଛନ୍ତି। ଆମେରିକାରେ ହୃଦ୍‌ଘାତ ପ୍ରତିବର୍ଷ ୬ଲକ୍ଷ ୫୫ହଜାର ଲୋକଙ୍କ ଜୀବନ ନେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସାରା ପୃଥିବୀରେ ମୃତ୍ୟୁ ଘଟୁଥିବା ଲୋକଙ୍କ ମଧ୍ୟରୁ ୧୭.୯ ମିଲିୟନ ବ୍ୟକ୍ତି କାର୍ଡିଓଭାସ୍କୁଲାର ଡିଜିଜ୍‌ର ଶିକାର ହୋଇଥାନ୍ତି। ସୁଷମ ଖାଦ୍ୟ, ବ୍ୟାୟାମ, ମାଦକଦ୍ରବ୍ୟ ସେବନରୁ ଦୂରେଇ ରହିବା, ଭୋଜନରେ କମ ଲୁଣ ବ୍ୟବହାର, ଦୈନନ୍ଦିନ ଖାଦ୍ୟରେ ସବୁଜ ପରିବା ସାମିଲ କରିବା ଦ୍ୱାରା ଏହାକୁ କେତେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ଗତ ଦଶନ୍ଧି ମଧ୍ୟରେ ଭାରତରେ ହୃଦ୍‌ଘାତଜନିତ ମୃତ୍ୟୁ ଅଙ୍କ ଅତି ସାଂଘାତିକ। ରୋଗଗ୍ରସ୍ତ ୪ ଜଣଙ୍କ ମଧ୍ୟରୁ ଜଣେ ହୃଦ୍‌ଘାତର ଶିକାର ହୋଇ ଶେଷନିଃଶ୍ୱାସ ତ୍ୟାଗ କରୁଥିବା ଏକ ତଥ୍ୟରୁ ଜଣାପଡ଼ିଛି।

ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ହୃତ୍‌ପିଣ୍ଡଜନିତ ବିଭିନ୍ନ ସମସ୍ୟା ଦେଖାଯାଉଛି। ବିଜ୍ଞାନ ଯୁଗରେ ସମସ୍ତେ ଚାହୁଁଛନ୍ତି କେମିତି କମ୍ ପରିଶ୍ରମ କରି ଅଧିକ ଅର୍ଥ ଉପାର୍ଜନ କରିବାକୁ। ହେଲେ ଏହାଦ୍ୱାରା ଅନେକ କ୍ଷତି ହୋଇଥାଏ। କମ୍ ପରିଶ୍ରମ କରିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଭାବରେ କାର୍ଯ୍ୟଶୀଳ ହୋଇପାରେ ନାହିଁ। ଏହାଦ୍ୱାରା ଶରୀରର ବିଭିନ୍ନ ଅଙ୍ଗକୁ ଠିକ୍ ଭାବରେ ଅମ୍ଳଜାନ ମିଳି ନ ଥାଏ।ହୃତ୍‌ପିଣ୍ଡ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥାଏ। ହୃତ୍‌ପିଣ୍ଡ ଠିକ୍ ଭାବରେ ଅମ୍ଳଜାନ ନ ପାଇବା ଯୋଗୁ ସୁଚାରୁରୂପେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ; ଫଳରେ ବିଭିନ୍ନ ପ୍ରକାର ହୃଦ୍‌ଜନିତ ସମସ୍ୟା ଦେଖାଯାଏ। ସମୟ ସମୟରେ ହୃଦ୍‌ଘାତରେ ବ୍ୟକ୍ତି ମଧ୍ୟ ମୃତ୍ୟୁମୁଖରେ ପଡ଼ିଥାଏ। ତେଣୁ ହୃତ୍‌ପିଣ୍ଡ ସୁସ୍ଥ ରଖିବା ପାଇଁ ସର୍ବଦା ସଯତ୍ନ ହେବା ଉଚିତ। ପ୍ରତ୍ୟେକେ ନିଜର ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ କରିବା ଦରକାର। ସମୟ ସମୟରେ ଶାରୀରିକ ପରିଶ୍ରମ କରନ୍ତୁ; ଯାହା କି ହୃତ୍‌ପିଣ୍ଡ ସୁସ୍ଥ ରଖିବାରେ ସହାୟ ହେବ। କ'ଣ ହେଲେ ହୃତ୍‌ପିଣ୍ଡ ଅଧିକ ସୁସ୍ଥ ରହିପାରିବ ଆସନ୍ତୁ ଜାଣିବା। ଏରୋବିକ୍ ବ୍ୟାୟାମ ଦିନକୁ ୩୦ ମିନିଟ୍ କରନ୍ତୁ। ଏହାଦ୍ୱାରା ହୃତ୍‌ସ୍ପନ୍ଦନ ବୃଦ୍ଧିପାଏ। ସପ୍ତାହରେ ତିନି ଦିନ ଦିନକୁ ୩୦ ମିନିଟ୍ ଏରୋବିକ୍ କରିବା ଦ୍ୱାରା ସୁସ୍ଥ ରହିପାରିବେ। ପ୍ରତିଦିନ ସକାଳୁ ଦ୍ରୁତଗତିରେ ଚାଲିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ଚାଲିବା ସମୟରେ ଆରାମଦାୟକ ଜୋତା ପିନ୍ଧନ୍ତୁ। ଯଦି ଆପଣଙ୍କ ପାଖରେ ସମୟ ନାହିଁ ତେବେ ଦିନକୁ ମାତ୍ର ୫-୧୦ ମିନିଟ୍ ଚାଲିବାରେ ଦିଅନ୍ତୁ। ଏହାଦ୍ୱାରା ଆପଣ ସୁସ୍ଥ ରହିପାରିବେ। ଦୌଡ଼ିବା ଦ୍ୱାରା କ୍ୟାଲୋରିର ମାତ୍ରା ହ୍ରାସ ପାଇଥାଏ। ସୁସ୍ଥ ରହିବା ପାଇଁ ପ୍ରତି ୫ ମିନିଟ୍ ଚାଲିବା ସମୟରେ ୧-୨ ମିନିଟ୍ ଦୌଡ଼ିବା ଆବଶ୍ୟକ। ଯେତେ ସମୟ ଦୌଡ଼ିବେ ଭଲ। ଦୌଡ଼ିବା ଅପେକ୍ଷା ଶିଡ଼ି ଚଢ଼ିବାରେ ଅଧିକ ସୁଫଳ ମିଳିଥାଏ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପ୍ରତିଦିନ ଯୋଗ କରନ୍ତୁ। ଏହାଦ୍ୱାରା ଶରୀରରୁ କୋଲେଷ୍ଟରଲ ସ୍ତର, ନିମ୍ନ ରକ୍ତଚାପ ଓ ଚିନ୍ତା ଦୂରେଇ ଯିବ; ଯାହା କି ହୃତ୍‌ପିଣ୍ଡ ସୁସ୍ଥ ରଖିବାରେ ସହାୟକ ହେବ। ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଜିମ୍ ଯାଆନ୍ତୁ। ଓଜନ ନିୟନ୍ତ୍ରଣରେ ରହିବା ଦ୍ୱାରା ରକ୍ତଚାପ ଆଶଙ୍କା ହ୍ରାସ ପାଏ। ଏହାଦ୍ୱାରା ମଧ୍ୟ ଚର୍ବି ହ୍ରାସ ହୋଇ ମାଂସପେଶୀ ଶକ୍ତିଶାଳୀ ହୋଇଥାଏ। ଶରୀରକୁ ସୁସ୍ଥ ରଖିବାରେ ଜଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଳ ପିଇବା ଦ୍ୱାରା ଶରୀର ଯେପରି ସୁସ୍ଥ ରହେ, ସେହିପରି ମଧ୍ୟ ସନ୍ତରଣ କରିବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ବିଶେଷକରି ସନ୍ତରଣ ଯୋଗୁ ରକ୍ତସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ। ମାଂସପେଶୀ ଶକ୍ତିଶାଳୀ ହୁଏ। ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ ଓ ରକ୍ତ ପରିଷ୍କାର ହୋଇଥାଏ। ବିଶେଷକରି ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ । ଗଣ୍ଠି ସମସ୍ୟା ଥିଲେ ଏହାଦ୍ୱାରା ଦୂରେଇ ଯାଏ। ସାଇକେଲ ଚଲାଇବା ଏକ ଭଲ ଅଭ୍ୟାସ । ଏହାଦ୍ୱାରା ବିଭିନ୍ନ ପ୍ରକାର ରୋଗ ଦୂର ହୋଇଯାଏ। ବିଶେଷକରି ଏହାଦ୍ୱାରା ରକ୍ତ ସଞ୍ଚାଳନ ଭଲ ହେଉଥିବାରୁ ହୃତ୍‌ପିଣ୍ଡ ସୁସ୍ଥ ରହେ। ସାଇକେଲ ଚାଳନା ଦ୍ୱାରା ମଧ୍ୟ ଗଣ୍ଠିଜନିତ ସମସ୍ୟା ଦୂର ହୋଇଥାଏ। ସୁଷମ ଖାଦ୍ୟ, ତଟକା ପନିପରିବା, ଯୋଗାସନ, ପ୍ରାଣାୟାମ ସବୁଠାରୁ ଭଲ। ସମସ୍ତ ପ୍ରକାର ନିଶାସେବନଠାରୁ ଦୂରେଇ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନସିକ ଶାନ୍ତି ମଧ୍ୟ ସୁସ୍ଥ ଶରୀର ପାଇଁ ଅପରିହାର୍ଯ୍ୟ ଆବଶ୍ୟକତା। ନିଜ କର୍ମମୟ ଜୀବନକୁ ଦେଖି ଭଲ ରୁଟିନ ଟିଏ ତିଆରି କରନ୍ତୁ ଦେଖିବେ ଆପଣ ନିଜେ ସୁସ୍ଥ ରହିବା ସହ ହୃତ୍‌ପିଣ୍ଡ ମଧ୍ୟ ସୁସ୍ଥ ରହିବ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ:୯୪୩୭୦୨୩୪୪୩**

## ଏଇ ଭାରତରେ

ଉଚ୍ଚ ବେତନର ସରକାରୀ ଚାକିରି ତୁଳନାରେ କଇଁଛ ଜୀବନର ମୂଲ୍ୟ ବେଶି ଏହା ପ୍ରତିପାଦିତ କରିଛନ୍ତି ଶୈଳେନ୍ଦ୍ର ସିଂ। ପରିବାର ଇଚ୍ଛା ବିରୋଧରେ ୨୦୦୫ରେ ସୀମା ସୁରକ୍ଷା ବଳରୁ ଚାକିରି ଛାଡି ସେ ବିଲୁପ୍ତପ୍ରାୟ ବହୁ ପ୍ରଜାତିର କଇଁଛଙ୍କ ଜୀବନ ବଞ୍ଚାଉଛନ୍ତି। ଏହାଯୋଗୁ କଇଁଛମାନଙ୍କ ବଞ୍ଚିବାର ହାର ୮୦% ନିଶ୍ଚିତ ହୋଇପାରିଛି। ଏହି କାର୍ଯ୍ୟ ତାଙ୍କୁ ଜଣେ ଆଗ ଧାଡ଼ିର 'ବନ୍ୟଜୀବ ଯୋଦ୍ଧା' ପରିଚୟ ଦେଇଛି। ଭାରତରେ ଦେଖାଯାଉଥିବା ୨୯ ପ୍ରଜାତିର ମଧୁରଜଳ କଇଁଛଙ୍କ ବଂଶ ଲୋପ ପାଇବାକୁ ବସିଛି। ଏମାନଙ୍କୁ ଉଦ୍ଧାର କରିବାରେ ଶୈଳେନ୍ଦ୍ର ୧୩ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା ସେ ୭ଟି ପ୍ରଜାତିକୁ ବିଲୁପ୍ତିରୁ ଉଦ୍ଧାର କରିଛନ୍ତି। ଭାରତ-ନେପାଳ ସୀମା କାଟରନିଆଘାଟ ବନ୍ୟଜନ୍ତୁ ଅଭୟାରଣ୍ୟ ନିକଟସ୍ଥ ଜରୱାଲ୍‌ରୋଡ ଗାଁର ବାସିନ୍ଦା ଶୈଳେନ୍ଦ୍ର ୯ ବର୍ଷ ବୟସରୁ କଇଁଛ ଉଦ୍ଧାର ପ୍ରତି ଆଗ୍ରହ ଦେଖାଇଥିଲେ। ସେ ପ୍ରାଣୀବିଜ୍ଞାନରେ ଡିଗ୍ରୀ ଓ ପରିବେଶ ବିଜ୍ଞାନରେ ସ୍ନାତକୋତ୍ତର ହାସଲ କରିଛନ୍ତି। ୨୦୦୩ରେ ଗୋମତି ନଦୀରୁ କଇଁଛମାନଙ୍କ ଜୀବନ ଉପରେ ଗବେଷଣା କରିବା ସମୟରେ ସେମାନେ ଭୟଙ୍କର ବିପଦରେ ଥିବା ଜାଣି ପାରିଥିଲେ। ଏବେ ସେ ଦେଶର ବିଭିନ୍ନ ସ୍ଥାନରେ କଇଁଛ ଉପରେ ଅନୁଧ୍ୟାନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୯୬

- ୧.୬୮ କୋଟି ଟେଲିକମ ଦୁର୍ନୀତିରେ ଅଭିଯୁକ୍ତ ମୁଖ୍ୟ ଆସାମୀ ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କୁ ଦିଲ୍ଲୀର ଏକ ଅଦାଲତ ଜାମିନ ମଞ୍ଜୁର କରିଛି।
- କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ପୂର୍ବତନ ମନ୍ତ୍ରୀ ଯଦୁନାଥ ଦାସ ମହାପାତ୍ରଙ୍କୁ ୬ ବର୍ଷ ପାଇଁ ନିଲମ୍ବିତ କରାଯାଇଛି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 3 | |
| 2 | 5 | 7 | 8 | | | 1 | | |
| 1 | | | | 7 | | 8 | | 9 |
| 6 | | | | | | | 2 | 1 |
| | | | | 6 | | | | |
| | | 4 | 1 | | 8 | | | |
| 7 | | | | | 1 | 2 | 9 | |
| | 6 | 8 | 7 | | | | | 5 |
| | | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 2 | 1 | 7 | 4 | 8 | 3 |
| 8 | 4 | 2 | 3 | 6 | 5 | 1 | 9 | 7 |
| 7 | 3 | 1 | 4 | 9 | 8 | 6 | 5 | 2 |
| 3 | 1 | 5 | 6 | 7 | 4 | 8 | 2 | 9 |
| 9 | 6 | 8 | 5 | 2 | 3 | 7 | 1 | 4 |
| 2 | 7 | 4 | 9 | 8 | 1 | 3 | 6 | 5 |
| 1 | 8 | 3 | 7 | 5 | 2 | 9 | 4 | 6 |
| 6 | 5 | 7 | 1 | 4 | 9 | 2 | 3 | 8 |
| 4 | 2 | 9 | 8 | 3 | 6 | 5 | 7 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଉଚ୍ଚମାନର ପ୍ରଶିକ୍ଷଣ ଜରୁରୀ

ମହାଶୟ,

ପ୍ରଖର ସ୍ରୋତରେ ଫସି ରହିଥିବା ହାତୀ ଉଦ୍ଧାରରେ ଓଡ୍ରାଫ ଟିମ୍‌ର ବିଫଳତା ଦେଖାଦେଲା। ଅକାଳରେ ଦୁଇଟି ଜୀବନ ଚାଲିଗଲା। କୌଣସି ସୁରକ୍ଷାଜନିତ ବ୍ୟବସ୍ଥାକୁ ଆପଣାଇବା ପରିବର୍ତ୍ତେ ତ୍ରୁଟିପୂର୍ଣ୍ଣ ଜଳଯାତ୍ରା ହିଁ ଦୁର୍ଘଟଣାର କାରଣ ହେଲା। ଓଡ୍ରାଫ ଟିମ୍‌ର କୌଣସି କର୍ମଚାରୀ ନିଜେ ନିଜକୁ ପରସ୍ପର ମଧ୍ୟରେ ଚେନ୍ ବା ଦୌଡ଼ି ବାନ୍ଧି ରଖି ନ ଥିଲେ। ଜଣେ ଯଦି ସ୍ରୋତରେ ଖସିପଡ଼େ ତେବେ ଅନ୍ୟମାନେ ତାଙ୍କୁ ପାଣିରୁ ଟାଣି ଉଦ୍ଧାର କରିବା ସହଜ। ଯେପରି ସୈନ୍ୟବାହିନୀର ଯୁଦ୍ଧାଭାସ ହୁଏ, ଠିକ୍ ସେହିପରି ଓଡ୍ରାଫ ଓ ଦମକଳ ବାହିନୀର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ କର୍ମଚାରୀଙ୍କ କାର୍ଯ୍ୟ ସଂଲଗ୍ନ ଅଭ୍ୟାସ ଓ ଉଚ୍ଚ ମାନର ପ୍ରଶିକ୍ଷଣ ଜରୁରୀ। ନିର୍ବାକ ନିରୀହ ବନ୍ୟଜନ୍ତୁ ହାତୀ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନ ଥିଲା ପରି ଦୃଷ୍ଟିଗୋଚର ହେଉଛି। ପ୍ରଥମରୁ ସୈନ୍ୟବାହିନୀ ହେଲିକପ୍ଟରର ସାହାଯ୍ୟ ନିଆଯାଇପାରିଥିଲେ ହୁଏତ ହାତୀ ଉଦ୍ଧାର ସହ ଓଡ୍ରାଫ ଡଙ୍ଗାର ଦୁର୍ଘଟଣା ଓ ଜୀବନହାନିର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିଥା'ନ୍ତା। ପରିଶେଷରେ, ବିପଦପୂର୍ଣ୍ଣ ଉଦ୍ଧାର କାର୍ଯ୍ୟ ଚାଲୁଥିବା ବେଳେ କୌଣସି ଗଣମାଧ୍ୟମକୁ ସେ ସ୍ଥାନକୁ ଯିବା ଲାଗି ବାରଣ ନିୟମ ରହିବା ଦରକାର।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫିଟିଗଲା କବରୀ ତୁଟିଲା ହାର
ପୁଲକରେ ଝରିଲା ଲୋତକ ଧାର,
ତୁଆ ତୁଆ ହୋଇ ଯେ ଶୁଭିଲା 'ସ୍ୱନ'
ଛନ ଛନ ହୋଇଲା ପରାଣ ମନ।
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ

ପାଟଣା/ସୋର, ୨୮/୯(ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ହୋଇ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ପାଟଣା ଥାନା ତାଳପଦା ଗ୍ରାମର ମାଳତୀ ତନ୍ତି (୬୦) ଓ ବାଲେଶ୍ୱର ଜିଲା ସୋର ବ୍ଲକ ଖୁଣ୍ଟା ଜାତପଦା ସାହିର ଗୌତମ କିସ୍କୁ (୩୦)। ମାଳତୀଙ୍କ ଝିଅ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୌତମଙ୍କ ସାଙ୍ଗ ଦିବାକର ବାସ୍କେ ମଧ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମାଳତୀ ଓ ତାଙ୍କ ଝିଅ ଜଙ୍ଗଲକୁ ଛତୁ, ପତ୍ର ଓ କାଠି ସଂଗ୍ରହ କରିବାକୁ ଯାଇ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଝଡ଼ାଫୁଙ୍କାରେ ସମୟ ନଷ୍ଟ କରିବାରୁ ମାଳତୀଙ୍କ ମୃତ୍ୟୁ ହେଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏନେଇ ଡାକ୍ତର ଲକ୍ଷ୍ମଣ ମହାନ୍ତଙ୍କୁ ପଚାରିବାରୁ ମାଳତୀଙ୍କ ଛାତି ପୋଡିଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ସେ କହିଛନ୍ତି। ସୋର ବ୍ଲକ ଜାତପଦା ସାହିର ଗୌତମ ଓ ତାଙ୍କ ସାଙ୍ଗ ଦିବାକର ବିଲରୁ କାମସାରି ଘରକୁ ଫେରୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ମାଣିପୁର ଡାକ୍ତରଖାନା ଓ ପରେ ସୋର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ଗୌତମଙ୍କୁ ମୃତ ଘୋଷଣା କରିଥିଲେ।

## ପିପିଲି ଉପନିର୍ବାଚନ

# ୨୦୧ ସମ୍ବେଦନଶୀଳ ବୁଥ୍

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ପିପିଲି ଉପନିର୍ବାଚନ ପାଇଁ ଆସନ୍ତା ୩୦ ତାରିଖରେ ଭୋଟଗ୍ରହଣ କରାଯିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିପାରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମୋଟ୍ ୨୦୧ ବୁଥ୍ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ମଙ୍ଗଳବାର ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ମଙ୍ଗଳବାରଠାରୁ ବୁଥ୍‌ଗୁଡ଼ିକୁ ପୋଲିଂ ପାର୍ଟି ପଠାଯାଉଛି। ୩୪୮ ପୋଲିଂ ପାର୍ଟି ମଧ୍ୟରୁ ୨୦୦ ପଠାଯାଇ ସାରିଲାଣି। ମୋଟ ୧୪୯୦ ଜଣ କର୍ମଚାରୀଙ୍କୁ ପୋଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଅତିରିକ୍ତ ୬୯୬ କର୍ମଚାରୀଙ୍କୁ ପ୍ରସ୍ତୁତ ରଖାଯାଇଛି। ବୁଥ୍ ବାହାରେ ରହି କୋଭିଡ୍ ନିୟମ ଅନୁସାରେ ସବୁ ପ୍ରସ୍ତୁତି କରିବାକୁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଉପନିର୍ବାଚନ ପାଇଁ ସୁରକ୍ଷାକୁ ବି କଡ଼ାକଡ଼ି କରାଯାଇଛି। ୨ ହଜାର ପୋଲିସ କର୍ମଚାରୀଙ୍କୁ ଏଥିପାଇଁ ନିୟୋଜିତ କରାଯାଇଛି। ସେମାନଙ୍କ ଭିତରେ ବିଏସ୍‌ଏଫ୍ ୩ଟି କମ୍ପାନୀ ମଧ୍ୟ ରହିଛନ୍ତି। ପୋଲିସ କର୍ମଚାରୀଙ୍କ ନେତୃତ୍ୱ ଏସ୍‌ପି ନେଉଛନ୍ତି। ତାଙ୍କୁ ଏଥିପାଇଁ ୩ ଜଣ ଅତିରିକ୍ତ ଏସ୍‌ପି ଓ ୭ ଜଣ ଡିଏସ୍‌ପି ସହଯୋଗ କରୁଛନ୍ତି।

ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ

### ମୁତୟନ ହେବେ ୨ ହଜାର ପୋଲିସ

ମତଦାନ ବେଳେ ଯେପରି କିଛି ଅସୁବିଧା ନ ହେବ ସେଥିପାଇଁ ଅତିରିକ୍ତ ବ୍ୟବସ୍ଥା କରାଯାଇଛି। ସେହିସବୁ ବୁଥ୍‌ରେ ଜଣେ ମାଇକ୍ରୋ ଅବ୍‌ଜରଭର କିମ୍ବା କେନ୍ଦ୍ର ଅର୍ଦ୍ଧସାମରିକ ବାହିନୀ କିମ୍ବା ୱେବ୍‌କାଷ୍ଟିଂ କିମ୍ବା ଭିଡିଓ ରେକର୍ଡିଂ ମଧ୍ୟରୁ ଗୋଟିଏ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ଏହି ଉପନିର୍ବାଚନ ପାଇଁ ୪୨୩ଟି ଯାନ ନିୟୋଜିତ କରାଯାଇଛି। ପୋଲିଂ ପାର୍ଟି, ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ପାଇଁ ଏହି ସବୁ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଉପନିର୍ବାଚନରେ ସାମିଲ ସମସ୍ତ କର୍ମଚାରୀ ଡବଲ୍ ଡୋଜ୍ ଟିକା ନେଇଛନ୍ତି। ସେହିପରି ପ୍ରାର୍ଥୀମାନଙ୍କ ଦ୍ୱାରା ନିୟୋଜିତ ଏଜେଣ୍ଟ ଏବଂ କାଉଣ୍ଟିଂ ଏଜେଣ୍ଟଙ୍କୁ ଦୁଇ ଡୋଜ୍ ଟିକା ନେବାକୁ ହେବ। ସେଥିପାଇଁ ପୁରୀ, ଡେଲାଙ୍ଗ ଏବଂ ପିପିଲିଠାରେ ସ୍ୱତନ୍ତ୍ର ଟିକାକରଣ କ୍ୟାମ୍ପ୍ କରାଯାଇଛି। ପିପିଲି ଉପନିର୍ବାଚନ ନିମନ୍ତେ ମୋଟ୍ ୩୪୮ଟି ବାଲଟ୍ ୟୁନିଟ୍, ୩୪୮ଟି କଣ୍ଟ୍ରୋଲ ୟୁନିଟ୍ ଓ ୩୪୮ଟି ଭିଭିପାଟ୍‌କୁ ନିୟୋଜିତ କରାଯାଇଥିବା ବେଳେ ପର୍ଯ୍ୟାପ୍ତ ପରିମାଣର ଇଭିଏମ୍ ଗଚ୍ଛିତ ରଖାଯାଇଛି। ନିର୍ବାଚନ ସମୟରେ ଇଭିଏମ୍‌ରେ କୌଣସି ପ୍ରକାର ତ୍ରୁଟିକୁ ସୁଧାରିବା ନିମନ୍ତେ ହାଇଦ୍ରାବାଦରୁ ଆସିଥିବା ୮ ଜଣ



ଖବରଦାତା ସମ୍ମିଳନୀରେ ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି।

ଇଞ୍ଜିନିୟରଙ୍କୁ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ୯୨୪ ଜଣଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଭୋଟ ଦେବା ନିମନ୍ତେ ଚିହ୍ନଟ କରାଯାଇଛି। ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ମୋଟ୍ ୩୦୦୯ ଜଣ ଦିବ୍ୟାଙ୍ଗ ଭୋଟରମାନଙ୍କ ମତଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ଘରୁ ମତଦାନ କେନ୍ଦ୍ରକୁ ନେବା ଆଣିବା ନିମନ୍ତେ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୁଥ୍‌ରେ ସେମାନଙ୍କ ପାଇଁ ରାମ୍ପ ଓ ହ୍ୱିଲ୍‌ଚେୟାରର ବ୍ୟବସ୍ଥା କରାଯିବା ସହ ମତଦାନ କେନ୍ଦ୍ର ମଧ୍ୟରେ ସହାୟତା ନିମନ୍ତେ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ମତଦାନ କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ଭୋଟରଙ୍କୁ ହ୍ୟାଣ୍ଡଗ୍ଲୋଭ୍ସ ଓ ମାସ୍କ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିଭଳି ସେମାନଙ୍କ ଶରୀରର ତାପମାତ୍ରା ବି ମପାଯିବ। କୌଣସି ଭୋଟରଙ୍କ ଶରୀରର ତାପମାତ୍ରା ସାଧାରଣରୁ ଅଧିକ ଥିଲେ ବା ସେମାନଙ୍କଠାରେ କୋଭିଡ୍‌ର ଅନ୍ୟ କୌଣସି ଲକ୍ଷଣ ଥିଲେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ। ସେମାନଙ୍କୁ ଏକ ଚିର୍କୁଟ୍ ଦେଇ ଘରକୁ ପଠାଇ ଦିଆଯିବ। ଭୋଟ୍ ଗ୍ରହଣର ଅନ୍ତିମ ୧ ଘଣ୍ଟାରେ ଆସି ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ପ୍ରତ୍ୟେକ ବୁଥ୍‌ରେ କୋଭିଡ୍ ନୋଡାଲ୍ ଷ୍ଟାଫ୍ ନିଯୁକ୍ତି ଦିଆଯାଇଛି। ଆଶାକର୍ମୀ ବା ଅଙ୍ଗନୱାଡିକର୍ମୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ବୁଥ୍‌ଗୁଡ଼ିକରେ କୋଭିଡ୍ ପ୍ରୋଟୋକଲକୁ ଅନୁସରଣ କରାଯାଉଛି କି ନାହିଁ ତାହା ସେମାନେ ତଦାରଖ କରିବା ସହିତ ଏଥିରେ ସହଯୋଗ କରିବେ। ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ବ୍ୟତୀତ କୌଣସି ବାହାର ଲୋକ ରହିପାରିବେ ନାହିଁ। ଯଦି କୌଣସି ଲୋକ ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ଜଣାପଡ଼ନ୍ତି ତା'ହେଲେ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ରହିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଏ ପର୍ଯ୍ୟନ୍ତ ୩ଟି ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଠାରୁ ୫୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଭୋଟ ଗ୍ରହଣ ଦିନ ନିର୍ବାଚନମଣ୍ଡଳୀରେ ଭୋଟରମାନଙ୍କ ପାଇଁ ସବୈତନିକ ଛୁଟି ମଞ୍ଜୁର କରାଯାଇଛି।

# ଯାଇନାହାନ୍ତି ବହୁ ଷ୍ଟାର୍ ପ୍ରଚାରକ

ଭୁବନେଶ୍ୱର,୨୮।୯(ବ୍ୟୁରୋ): ଆସନ୍ତା ୩୦ ତାରିଖ ଗୁରୁବାର ପିପିଲି ବିଧାନସଭା ଉପନିର୍ବାଚନ। ପ୍ରଚାର ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ୭ଦିନ ସମୟ ଦିଆଯାଇଥିବାବେଳେ ମତଦାନର ୭୨ ଘଣ୍ଟା ପୂର୍ବରୁ ପ୍ରଚାର ଶେଷ ହୋଇଛି। ଇତିମଧ୍ୟରେ ପ୍ରମୁଖ ରାଜନୈତିକ ଦଳ ଭାବେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରଚାର ସାରିଛନ୍ତି। ସୋମବାର ପ୍ରଚାରର ଶେଷଦିନ ପର୍ଯ୍ୟନ୍ତ ଏହି ତିନି ପ୍ରମୁଖ ଦଳର ପ୍ରାର୍ଥୀ ଓ ପ୍ରଚାରଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ପ୍ରଚାର ପାଇଁ କମ୍ ସମୟ ମିଳୁଥିବାରୁ ସବୁ ଦଳ ସବୁ ରଣକୌଶଳ ଆପଣାଇଥିଲେ। ପ୍ରଚାରକୁ ଜୋର୍‌ଦାର କରିବା ସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୩ ପ୍ରମୁଖ ଦଳ ୨୦ ଜଣ ଲେଖାଏ ଷ୍ଟାର୍ ପ୍ରଚାରକଙ୍କ ସୂଚୀ ପ୍ରକାଶ କରିଥିଲେ। କିନ୍ତୁ ଏହି ପ୍ରଚାରରେ ପ୍ରମୁଖ ଷ୍ଟାର୍ ପ୍ରଚାରକ ସାମିଲ ହୋଇପାରି ନ ଥିଲେ। ରାଜ୍ୟର ଶାସକ ଦଳ ଭାବେ ପିପିଲିକୁ ନିଜ ଗଡ କହୁଥିବା ବିଜେଡି ପାଇଁ ଏହି ଉପନିର୍ବାଚନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷ୍ଟାର୍ ପ୍ରଚାରକ କରିଥିଲା ଦଳ। ହେଲେ ସେ ପ୍ରଚାରରେ ଯୋଗଦେଇପାରି ନ ଥିବାରୁ ଏହାକୁ ଅନ୍ୟ ଦଳ ସୁଯୋଗ ବୋଲି ଭାବିଛି। ବିରୋଧୀ ଭାଜପା କୌଣସିମତେ ପିପିଲି ଆସନ ହାତେଇବାକୁ ଆରମ୍ଭରୁ ଟାର୍ଗେଟ କରିଛି। ତେଣୁ ୩ କେନ୍ଦ୍ରମନ୍ତ୍ରୀଙ୍କୁ ନିଜ ଷ୍ଟାର୍ ପ୍ରଚାରକ ଟିମ୍‌ରେ ସାମିଲ କରି ଅଧିକରୁ ଅଧିକ ଜନମତ ହାସଲ କରିବ ବୋଲି ଆଶା ରଖିଥିଲା। କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ ପ୍ରଚାରରେ ଯୋଗ ଦେଇଥିବାବେଳେ ଅଶ୍ୱିନୀ ବୈଷ୍ଣବଙ୍କୁ ପିପିଲିବାସୀ ଦେଖିବାକୁ ପାଇ ନ ଥିଲେ। ସେହିପରି କଂଗ୍ରେସ ନିଜ ପୂର୍ବ ସମ୍ମାନ ଫେରିପାଇବା ଲକ୍ଷ୍ୟରେ ଉପନିର୍ବାଚନ ଲଢୁଛି। ପୂର୍ବରୁ କଂଗ୍ରେସ କେନ୍ଦ୍ରୀୟ ତଥା ବରିଷ୍ଠନେତାଙ୍କୁ ଉପନିର୍ବାଚନୀ ପ୍ରଚାରରେ ସାମିଲ କରିବ ବୋଲି କହିଥିବାବେଳେ ସେହିଭଳି ଦେଖିବାକୁ ମିଳି ନ ଥିଲା। ରାଜ୍ୟ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାରଙ୍କ ପ୍ରଚାର କଂଗ୍ରେସ ପାଇଁ ଅଧିକ ଗୁରୁତ୍ୱ ବହନ କରୁଥିଲେ ମଧ୍ୟ ସେ ଯୋଗ ଦେଇ ନ ଥିଲେ। ଏହା ପରେ ବି ତିନି ପ୍ରମୁଖ ଦଳର ପ୍ରାର୍ଥୀ ବିଜୟ ମୁକୁଟ ପିନ୍ଧିବାକୁ ବେଶ୍ ଉତ୍ସାହିତ ତଥା ଆଶାବାଦୀ ଅଛନ୍ତି।

# ବୈତରଣୀ କୂଳରୁ ବୁଦ୍ଧ ମୂର୍ତ୍ତି ଉଦ୍ଧାର


ଉଦ୍ଧାର ହୋଇଥିବା ବୁଦ୍ଧ ମୂର୍ତ୍ତି।

ଭଣ୍ଡାରିପୋଖରୀ, ୨୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଗ୍ରାମସ୍ଥିତ ବୈତରଣୀ ନଦୀକୂଳରୁ ଦୁଇଟି ପ୍ରାଚୀନ ବୁଦ୍ଧ ମୂର୍ତ୍ତି ଉଦ୍ଧାର ହୋଇଛି। ଏହାକୁ ଷୋଳମପୁର ବୌଦ୍ଧ ବିହାର ସଂଗ୍ରହାଳୟକୁ ହସ୍ତାନ୍ତର କରାଯାଇଛି। ଏହି ମୂର୍ତ୍ତି ଦୁଇଟିର ଅଧାଭାଗ ନାହିଁ। ଏହା ଅଷ୍ଟମ ଓ ନବମ ଶତାବ୍ଦୀର। ଖଣ୍ଡୋଲାଇଟ ପ୍ରସ୍ତରରେ ନିର୍ମିତ ଏହି ପ୍ରାଚୀନ ମୂର୍ତ୍ତିଦ୍ୱୟ ଷୋଳମପୁର ବୌଦ୍ଧ ବିହାରରେ ଭୌମକର ଶାସନ ସମୟର ବୋଲି ଗବେଷକ ଏକାଦଶୀ ପାଢ଼ୀ କହିଛନ୍ତି।

ପ୍ରକାଶ ଯେ, ମୁଢ଼ାପଦା ଗ୍ରାମର ନରେନ୍ଦ୍ର ମହାନ୍ତିଙ୍କ ପୁଅ ପ୍ରୀତମ ବୈତରଣୀ ନଦୀ ଶଯ୍ୟାରେ ବାଲି ଉତ୍ତୋଳନ କରୁଥିବା ବେଳେ ମୂର୍ତ୍ତି ଦୁଇଟି(ବୁଦ୍ଧଙ୍କ ମସ୍ତକ ଓ ବୌଦ୍ଧ ଦେବୀ ମୂର୍ତ୍ତି) ପାଇ ଘର ନିକଟରେ ରଖିଥିଲେ। ସ୍ଥାନୀୟ ଯୁବକ ସୁରଥ ଦାସଙ୍କଠାରୁ ଖବର ପାଇ ଗବେଷକ ବିଶ୍ୱମ୍ଭର ରାଉତ ସେଠାରେ ପହଞ୍ଚି ମୂର୍ତ୍ତି ଦୁଇଟିକୁ ଅନୁଧ୍ୟାନ କରିଥିଲେ। ମହାନ୍ତିଙ୍କ ପରିବାର ଲୋକଙ୍କ ଇଚ୍ଛାମତେ ଷୋଳମପୁର ବୌଦ୍ଧବିହାର ସଂଗ୍ରହାଳୟକୁ ଉକ୍ତ ମୂର୍ତ୍ତିକୁ ପ୍ରଦାନ କରାଯାଇଥିଲା। ଏହି ମୂର୍ତ୍ତି ପ୍ରଦାନ ବେଳେ ପୂଜକ ଉମାକାନ୍ତ ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, ଟ୍ରଷ୍ଟି କମଳାକାନ୍ତ ନାୟକ, ନରହରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାନାଥ ରାୟ ଥିଲେ ଜନମାନସର କବି

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ବାଲେଶ୍ୱର ଜିଲାର ସୋରୋ କେଦାରପୁରରେ ୧୮୪୮ ସେପ୍ଟେମ୍ବର ୨୮ରେ କବିବର ରାଧାନାଥ ରାୟ ଜନ୍ମଗ୍ରହଣ କରିଥିଲେ। ଶିକ୍ଷକତାରୁ ସ୍କୁଲ୍ ସମୂହ ପରିଦର୍ଶକ ଦାୟିତ୍ୱ ନିର୍ବାହ କରିବା ମଧ୍ୟରେ ସେ ପ୍ରଥମେ ବଙ୍ଗଳା କବିତା ଲେଖିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଆ କାବ୍ୟ କବିତା ରଚନା କଲେ। ଲେଖାରେ ପାଶ୍ଚାତ୍ୟ ପ୍ରଭାବ ଥିଲେ ମଧ୍ୟ ତାଙ୍କ କାବ୍ୟ କବିତା ଜନମାନସକୁ ଗଭୀର ଭାବରେ ପ୍ରଭାବିତ କରୁଥିଲା। ଉତ୍କଳ ସାହିତ୍ୟ ସମାଜର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ତାଙ୍କ କାଳଜୟୀ ରଚନାବଳୀରେ କବିବର ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ରାଧାନାଥଙ୍କ ୧୭୪ତମ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ଏହା କହିଛନ୍ତି। ଏଥିସହ ଓଡ଼ିଶା ରାଜ୍ୟ ମହିଳା ଆୟୋଗ

### ୨ଜଣଙ୍କୁ 'କବିବର ରାଧାନାଥ ରାୟ ସ୍ମୃତି ସମ୍ମାନ'

ଅଧ୍ୟକ୍ଷା ଡ. ମିନତୀ ବେହେରା ଓ ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ 'କବିବର ରାଧାନାଥ ରାୟ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ପ୍ରବୀର ମହାନ୍ତି, ସତ୍ୟ ଜେନା, ଜୟ ଓଡ଼ିଶା ସଙ୍ଗଠନ ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ଅସିତ ଦାସ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

# ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ଆଇପାସ୍ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ବିଷେଜ୍ଞମାନେ ନିରାପଦ ଗର୍ଭପାତ ଓ ଏହାର ବିଭିନ୍ନ ଚିକିତ୍ସା ସମ୍ବନ୍ଧୀୟ ଦିଗ ଉପରେ ଆଲୋକପାତ କରିଥିଲେ। ନୂଆଦିଲ୍ଲୀ ଆଇଡିଏଫ୍‌ର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସଙ୍ଗୀତା ବାତ୍ରା ଯୋଗଦେଇ ୨୦୨୧ରେ ଏମ୍‌ଟିପି ଅଧିନିୟମରେ କରାଯାଇଥିବା ସଂଶୋଧନ ବିଷୟରେ ତଥ୍ୟ ଉପସ୍ଥାପନା କରିବା ସହିତ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଭୁବନେଶ୍ୱର ଏମ୍‌ସର ଡା. ପୃଥ୍ୱୀରାଜ ସେଠୀ, ସମ୍ ହସ୍ପିଟାଲର ଡା. ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ନିରାପଦ ଗର୍ଭପାତ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ, ସାମାଜିକ ଓ ଚିକିତ୍ସା ସମ୍ବନ୍ଧୀୟ ସମସ୍ୟା ଓ ଏହାର ସମାଧାନ ବିଷୟରେ କହିଥିଲେ। ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ(ଜନସ୍ୱାସ୍ଥ୍ୟ) ଡା. ଅଜିତ କୁମାର ମହାନ୍ତି, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡା. ମୂରଲୀଧର ପଣ୍ଡା ସ୍ୱାଗତ ଭାଷଣ ଓ ଡା. ଦୀନବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

# ୩ କେଜି ସୁନା ଜବତ, ୨୫ଲକ୍ଷ ଜରିମାନା

ବ୍ରହ୍ମପୁର ଅଫିସ, ୨୮।୯

ଜିଏସ୍‌ଟି ଫାଙ୍କି ସୁନା ଗହଣା ବିକ୍ରି କରୁଥିବା ଅଭିଯୋଗରେ ବାଣିଜ୍ୟକର ଏବଂ ସେବାକର (ସିଟି ଆଣ୍ଡ ଜିଏସ୍‌ଟି) ବିଭାଗର ଟିମ୍ ବଡ଼ବଜାର ଥାନା ଅନ୍ତର୍ଗତ ଜଉରା ସାହିରେ ଥିବା ଏକ ଆପାର୍ଟମେଣ୍ଟରେ ମଙ୍ଗଳବାର ଚଢ଼ାଉ କରିଥିଲା। ସେଠାରୁ ମୁମ୍ବାଇର ଦୁଇ ବ୍ୟବସାୟୀଙ୍କୁ ଠାବ କରାଯାଇଥିବା

### ସିଟି ଆଣ୍ଡ୍ ଜିଏସ୍‌ଟି ବିଭାଗର ଚଢ଼ାଉ

ବେଳେ ସେମାନଙ୍କଠାରୁ ପ୍ରାୟ ୩ କେଜି ଓଜନର ସୁନା ଗହଣା ଜବତ ହୋଇଥିଲା। ଉଭୟ ବ୍ୟବସାୟୀ ଜବତ ସୁନା ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ପାରି ନ ଥିବାରୁ ଗହଣା ଜବତ କରାଯାଇଥିଲା। ହିସାବ ପରେ ସେମାନଙ୍କଠାରୁ ୨୫ଲକ୍ଷ ୨୬ହଜାର ୯୫୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାପରେ ଜବତ ଗହଣା ଫେରସ୍ତ କରାଯାଇଛି। ଆପାର୍ଟମେଣ୍ଟରେ ୨ ଦୁଇ ବ୍ୟବସାୟୀଙ୍କ ପାଖରେ ସୁନା ଥିବା ଖବରପାଇ ସିଟି ଆଣ୍ଡ ଜିଏସଟି ବ୍ରହ୍ମପୁର ୟୁନିଟ ଡେପୁଟି କମିଶନର୍ ଦେବକଲ୍ୟାଣ ବେହେରାଙ୍କ ନେତୃତ୍ୱରେ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ସେଠାରେ ଚଢ଼ାଉ କରିଥିଲା।

# ଓଡ଼ିଶା ସଚିବାଳୟ ସେବା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର,୨୮।୯(ବ୍ୟୁରୋ): ମହଙ୍ଗା ଭତ୍ତା ୧୧ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଓଡିଶା ସଚିବାଳୟ ସେବା ସଂଘ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ପତ୍ର ଲେଖିଛି। ଜାନୁୟାରୀ ୨୦୨୦ରୁ ମୁଦ୍ରାସ୍ଫୀତି ବୃଦ୍ଧି ସତ୍ତ୍ୱେ ମହଙ୍ଗା ଭତ୍ତା ବୃଦ୍ଧିକୁ ନେଇ ରାଜ୍ୟରେ କୌଣସି ସଂଶୋଧନ ହୋଇନାହିଁ। ଭାରତ ସରକାର ବହୁଦିନ ପୂର୍ବରୁ ସେମାନଙ୍କ କର୍ମଚାରୀଙ୍କ ପାଇଁ ୧୧ ପ୍ରତିଶତକୁ ବୃଦ୍ଧି କରି ତିନୋଟି କିସ୍ତି ପ୍ରଦାନ କରିଛନ୍ତି ଏବଂ ଅନ୍ୟାନ୍ୟ ରାଜ୍ୟ ସରକାର ମଧ୍ୟ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ରାଜ୍ୟର ସରକାରୀ କର୍ମଚାରୀମାନେ ବର୍ଦ୍ଧିତ ଖର୍ଚ୍ଚ ବହନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ନିଜ କର୍ମଚାରୀଙ୍କ ଆର୍ଥିକ ଅସୁବିଧାକୁ ହ୍ରାସ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ ଅନୁରୋଧ କରିଛି।

# ହୃତ୍‌ପିଣ୍ଡ ପାଇଁ ସୁସ୍ଥ ଜୀବନଶୈଳୀ ଲୋଡ଼ା

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ହୃଦୟ ରୋଗଠାରୁ ଦୂରେଇ ରହିବାକୁ ହେଲେ ସୁସ୍ଥ ରହିବା ଅତି ଜରୁରୀ। ଉପଯୁକ୍ତ ପୋଷଣଯୁକ୍ତ ଖାଦ୍ୟଶୈଳୀ, ମଦ୍ୟପାନ ଓ ସିଗାରେଟ୍‌ଠାରୁ ଦୂରେଇ ରହିବା, ଜଙ୍କ୍ ଫୁଡ୍ ନ ଖାଇବା ଉଚିତ ବୋଲି ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ମୁଖ୍ୟ ପରିଚାଳକ ଏବଂ ମେଡିକାଲ ସର୍ଭିସେସ୍ ନିର୍ଦ୍ଦେଶକ ଡାକ୍ତର ଆଲୋକ ଶ୍ରୀବାସ୍ତବ କହିଛନ୍ତି।

ହସ୍ପିଟାଲ ପକ୍ଷରୁ 'ୱାର୍ଲଡ ହାର୍ଟ ଡେ' ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେ କହିଛନ୍ତି, ବର୍ତ୍ତମାନ ଯେକୌଣସି ବ୍ୟକ୍ତି ହୃଦ୍‌ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ଯୁବଗୋଷ୍ଠୀ ମଧ୍ୟ ଏଥିରୁ ବର୍ତ୍ତିପାରୁନାହାନ୍ତି। ପିଲା ଓ କିଶୋରମାନଙ୍କଠାରେ ଅଳ୍ପ ବୟସରେ ପ୍ଲାକ୍ ତିଆରି ହୋଇ ଧମନୀରେ ଜମାହେବା ସହ ପରବର୍ତ୍ତୀ ସମୟରେ ଏହା ଧମନୀକୁ ବନ୍ଦ କରିଦେବା ଆଶଙ୍କା ରହିଥାଏ। ଟାଇପ୍ ଟୁ ଡାଇବେଟିସ୍ (ମଧୁମେହ), ଓବେସିଟି (ମେଦବହୁଳତା) ଓ ଅନ୍ୟାନ୍ୟ ଧମନୀ ଜନିତ ସମସ୍ୟା ମଧ୍ୟ ଏହି ଗୋଷ୍ଠୀମାନଙ୍କଠାରେ ଦେଖାଯାଉଛି। ଅଣସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଓ ମାନ୍ଦା ଜୀବନଶୈଳୀ ପ୍ରତ୍ୟେକ ବୟସ ବର୍ଗର ଲୋକଙ୍କ ପାଇଁ କ୍ଷତିକାରକ ହେଉଛି। ଯଦି ଯୁବବର୍ଗ ନିଜର ଖାଦ୍ୟ ଓ ଜୀବନଶୈଳୀ ପ୍ରତି ଯତ୍ନବାନ ନ ହୁଅନ୍ତି ତେବେ ଭବିଷ୍ୟତରେ କାର୍ଡିଓ ଭାସ୍କୁଲାର ଡିଜିଜ୍‌ରେ ଆକ୍ରାନ୍ତ ହେବାର ଅଧିକ ଆଶଙ୍କା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

ଖାଦ୍ୟଶୈଳୀ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ସହିତ ଶାରୀରିକ ସକ୍ରିୟତା ଦ୍ୱାରା ଅଣସଂକ୍ରାମକ ରୋଗଗୁଡ଼ିକୁ ପ୍ରତିରୋଧ କରିହେବ କିମ୍ବା ଏହି ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ଆପୋଲୋ ହସ୍ପିଟାଲ, ଭୁବନେଶ୍ୱରର ଇଣ୍ଟରଭେନ୍‌ସନାଲ୍ କାର୍ଡିଓଲୋଜି ନିର୍ଦ୍ଦେଶକ ଡା. ପି.କେ.ସାହୁ ମତ କହିଛନ୍ତି। ହୃଦୟ ସହ ସଂଯୋଗ ଲାଗି ହୃଦୟ ବ୍ୟବହାର ଥିମ୍ ଉପରେ ହସ୍ପିଟାଲ କାର୍ଯ୍ୟ କରୁଛି। ସେହିଭଳି ହାର୍ଟ ଚେପ୍ ଅପ୍ ଉପରେ ରିହାତି ସୁବିଧା ହସ୍ପିଟାଲ ପକ୍ଷରୁ ପ୍ରଦାନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଆକଳନ ଅନୁସାରେ ପ୍ରତି ୫ଟି ସିଭିଡି ରୋଗୀମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହାର୍ଟ ଆଟାକ୍ (ହୃଦ୍‌ଘାତ) ଓ ଷ୍ଟ୍ରୋକ୍ ଯୋଗୁ ହୋଇଥାଏ।




# ୧୫ଲକ୍ଷ ଟଙ୍କା ଠକେଇ: ଯୁବକ ଗିରଫ

### ୪.୭ଲକ୍ଷ ଟଙ୍କା ଜବତ, ୪ଲକ୍ଷର ବ୍ୟାଙ୍କ ଆକାଉଣ୍ଟ ଅଚଳ

ଝାରସୁଗୁଡ଼ା ଅଫିସ,୨୮।୯

ଝାରସୁଗୁଡ଼ା ଜିଲା ବଡମାଲ ଥାନା ପୋଲିସ ଏକ ଠକେଇ ଅଭିଯୋଗରେ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଶ୍ରୀପୁରା ଗ୍ରାମର ଲକ୍ଷ୍ମୀଧର ପୋଢ (୩୦)। ତାଙ୍କ ନିକଟରୁ ପୋଲିସ ନଗଦ ୪.୭ଲକ୍ଷ ଜବତ କରିଥିବାବେଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୪ଲକ୍ଷ ଟଙ୍କା ଫ୍ରିଜ୍ କରିଛି। ଠକେଇର ଶିକାର ହୋଇଥିବା ଶ୍ରୀପୁରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ ଦୀକ୍ଷିତ(୮୩)ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ବଡମାଲ ଥାନା (କେସ୍‌ନଂ୧୮୦/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଅଭିଯୋଗରୁ ଜଣାପଡିଛି ଶିକ୍ଷକ ଦୀକ୍ଷିତ ଘରେ ଏକା ରହୁଥିବାବେଳେ ବିଭିନ୍ନ ସମୟରେ ଯୁବକ ଲକ୍ଷ୍ମୀଧର ତାଙ୍କ ଘରକୁ ଯିବାଆସିବା କରନ୍ତି। ଗତ ୪ତାରିଖରେ ଲକ୍ଷ୍ମୀଧର ଏକ ବ୍ୟାଗ୍‌ରେ କିଛି ଜିନିଷ ନେଇ ଶିକ୍ଷକଙ୍କ ଘରେ ରଖି କାଲି ନେବାକୁ କହିଥିଲେ। ପରଦିନ ସେ ଶିକ୍ଷକଙ୍କ ଘରକୁ ଆସି ବ୍ୟାଗ୍ ନେଇଥିଲେ। ପରେ ସେ ଆସି ଶିକ୍ଷକଙ୍କୁ କହିଥିଲେ ବ୍ୟାଗ୍‌ରେ କଳାଟଙ୍କା ଥିଲା। ଏହି ଟଙ୍କା ବ୍ୟାଗ୍ ନେଉଥିବାବେଳେ ପୋଲିସ ଜବତ କରିଛି। ଏଥିରେ ପୋଲିସ ମୋତେ ଆଉ ତୁମକୁ ଗିରଫ କରିବ। ପୋଲିସ୍‌କୁ ୨ଲକ୍ଷ ଟଙ୍କା ଦେଲେ ଆମକୁ ଗିରଫ ନ କରି ଛାଡିଦେବ। ଶିକ୍ଷକ ଜଣଙ୍କ ଭୟଭୀତ ହୋଇ ୨ଲକ୍ଷ ଟଙ୍କା ଦେଇଦେଇଥିଲେ। ପରେ ଲକ୍ଷ୍ମୀଧର ଇନ୍‌କମ୍ ଟ୍ୟାକ୍ସ ବାହାନା କରି ପୁଣି ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଶିକ୍ଷକ ତାଙ୍କୁ ବ୍ୟାଙ୍କରୁ ଟଙ୍କା ଉଠାଇବା


ଗିରଫ ଲକ୍ଷ୍ମୀଧର ପୋଢ଼ ଓ ଜବତ ଟଙ୍କା।

ପାଇଁ ସେଲ୍‌ଫ ଚେକ୍ ଦେଉଥିଲେ। ଏହା ମାଧ୍ୟମରେ ସେ ବ୍ୟାଙ୍କରୁ ବାରମ୍ବାର ଟଙ୍କା ଉଠାଇ ଚାଲିଥିଲେ। ଗତ ୪ରୁ ୨୩ତାରିଖ ମଧ୍ୟରେ ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୫ଲକ୍ଷ ଟଙ୍କା ଲକ୍ଷ୍ମୀଧର ଉଠାଇ ନେଇଥିଲେ। ପରେ ସେ ଶିକ୍ଷକଙ୍କଠାରୁ ୭୦ହଜାର ଟଙ୍କା ଦାବି କରିଥିଲେ। ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ସେ ତାଙ୍କ ନାତିଙ୍କୁ ମାଗିଥିଲେ। ଏପଟେ ୨୦ଦିନ ମଧ୍ୟରେ ୧୫ଲକ୍ଷ ଟଙ୍କା ଉଠିଯିବା ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ସନ୍ଦେହକରି ତାଙ୍କ ପୁଅଙ୍କୁ ଜଣାଇଥିଲେ। ବ୍ରଜରାଜନଗରରେ ରହୁଥିବା ପୁଅ ଘରକୁ ଆସି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ବାପା ଓ ପୁଅ ପୋଲିସରେ ଜଣାଇଥିଲେ। ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ଲକ୍ଷ୍ମୀଧରଙ୍କୁ ଥାନାକୁ ଆଣି ପଚରାଉଚରା କଲା ପରେ ସେ ମାନିଯାଇଛନ୍ତି। ୧୫ଲକ୍ଷରୁ ସେ ଘରେ ୪.୭ ଲକ୍ଷ ରଖିଥିବାବେଳେ ୪ଲକ୍ଷ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ରଖିଥିଲେ। ବାକି ଟଙ୍କା ଘରର ବିଭିନ୍ନ ଆସବାପତ୍ର ଓ ଅଳଙ୍କାର କିଣି ଦେଇଛନ୍ତି।

ଧରିତ୍ରୀ DHARITRI
ବୁଧବାର, ୨୯ ସେପ୍ଟେମ୍ବର, ୨୦୨୧

## ବଚସାକୁ ନେଇ ଆକ୍ରମଣ

କଣିହାଁ,(ଡି.ଏନ.ଏ.): ଏନ୍‌ଟିପିସି ପୋଲିସ ଗଣ୍ଡଗୋଳ ଓ ଆକ୍ରମଣକୁ ନେଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଆଇଆଇସି ଦୀପିକା ଦେବୀ ରାୟ କହିଛନ୍ତି, ଏନ୍‌ଟିପିସି ବାଇପାସ ଓଭର ବ୍ରିଜ୍ ନିକଟରେ ବିଜିଗୋଳର ସୁନୀଲ ଧର ଓ ଗଦାଶିଳାର ଜୟନ୍ତ ମିଶ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସୁନୀଲ ଜୟନ୍ତଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ନଂ ୧୪୭/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁନୀଲଙ୍କୁ ଗିରଫ କରାଯାଇଛି।



## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଅଭିଯୋଗ

ଖମାର,୨୮।୯(ଡି.ଏନ.ଏ.): ପାଲଲହଡ଼ା ବ୍ଲକ ଖମାର ଥାନା ଆଲୋରି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ୱାମୀ ଟିକେଶ୍ୱର ଶୁଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଟିକେଶ୍ୱର ଦର୍ଶାଇଛନ୍ତି, ସେ ବାହାରେ କାମ କରୁଥିବାରୁ ସ୍ତ୍ରୀ କୁମାରୀ ଶୁଣ୍ଡି ଭଉଣୀ ସରସ୍ୱତୀ ଲାଗୁରିଙ୍କ ସହିତ ଆଲୋରିରେ ରହୁଥିଲେ। ସୋମବାର ରାତିରେ କୁମାରୀଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ତାଙ୍କ ବେକକୁ ଧାରୁଆ ଅସ୍ତ୍ର ସାହାଯ୍ୟରେ କଟାଯାଇଥିଲା। ଏହି ଘଟଣାରେ କୁମାରୀଙ୍କ ଭଉଣୀ ସରସ୍ୱତୀଙ୍କ ହାତ ଥିବା ଟିକେଶ୍ୱର ଉଲ୍ଲେଖ କରିଛନ୍ତି। ଖବରପାଇ ଖମାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

### ଆକ୍ରମଣ ଅଭିଯୋଗରେ ୨ ଗିରଫ

ବଇଣ୍ଡା,୨୮।୯(ଡି.ଏନ.ଏ.): କିଶୋରନଗର ବ୍ଲକ ଠାକୁରଗଡ ଥାନା କଣ୍ଡାଳ ଗ୍ରାମର ତୈଳକ୍ୟ ବେହେରାଙ୍କୁ ତାଙ୍କ ବଡ ଭାଇ ଜୟାନନ୍ଦ ବେହେରା ଓ ଭିଣୋଇ ଜରପଡା ଥାନା କୁଶକିଳା ଗ୍ରାମର ଭାବଗ୍ରାହୀ ବେହେରା ଏକ ଠେଙ୍ଗାରେ ପିଟିଥିବା ସୋମବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୩୫/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଭାବଗ୍ରାହୀ ଓ ଜୟାନନ୍ଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ତୈଳକ୍ୟ ଓ ଜୟାନନ୍ଦଙ୍କ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ ନେଇ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୨୮।୯(ଡି.ଏନ.ଏ.): ହଣ୍ଡପା ଥାନା ନାକିଚିଠାରେ ଥିବା ସୁସବ ଢାବା ଉପରେ ମଙ୍ଗଳବାର ହଣ୍ଡପା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୧୫ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ଢାବା ମାଲିକ ଜରପଡା ଥାନା ବିମ୍ଳବେ ଗ୍ରାମର ମାୟାଧର ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୩୬/୨୧ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଉକ୍ତ ଢାବାରେ ବହୁଦିନ ଧରି ମଦ ବିକ୍ରି ହେଉଥିବାବେଳେ ଖବରପାଇ ହଣ୍ଡପା ଆଇଆଇସି ପ୍ରଦୀପ ପ୍ରଧାନଙ୍କ ସହ ପୋଲିସ ଟିମ୍ ଚଢ଼ାଉ କରିଥିଲେ।

# ବିଫଳତା ଲୁଚାଇବାକୁ ବାହାନା

ବଇଣ୍ଡା,୨୮।୯ (ପରିକ୍ଷିତ ସାହୁ)



- ବଦଳାଯାଉନି ଉପଖଣ୍ଡର ୨୬ ପୋଡ଼ା ଟ୍ରାନ୍ସଫର୍ମର
- ମାସେ ହେଲା ବିନା ବିଦ୍ୟୁତ୍‌ରେ ସହସ୍ରାଧିକ ଉପଭୋକ୍ତା
- ସେବା ପରିବର୍ତ୍ତେ ବିଲ୍ ଆଦାୟ ଲକ୍ଷ୍ୟକୁ ନେଇ ଅସନ୍ତୋଷ

ବିପଦସଙ୍କୁଳ ଅବସ୍ଥାରେ ଅତି ତଳକୁ ଝୁଲିରହିଛି ବିଦ୍ୟୁତ୍ ତାର। ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱ। ଅନେକ ସ୍ଥାନରେ କାଠ, ବାଉଁଶ ଖୁଣ୍ଟିରେ ଯୋଗାଯାଇଛି ସେବା। ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବହୁ ଗାଁରେ ଅସଜଡ଼ା ବିଦ୍ୟୁତ୍ ବ୍ୟବସ୍ଥାର ଏପରି ଚିତ୍ର ବାରମ୍ବାର ଦେଖିବାକୁ ମିଳୁଛି। ଏପରି କି ମାସେ ହେଲା ଉପଖଣ୍ଡର ୨୬ଟି ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲେ ମଧ୍ୟ ତାହାକୁ ବଦଳାଯାଉ ନାହିଁ। ସହସ୍ରାଧିକ ଲୋକ ଏହି ଜରୁରୀ ସେବାରୁ ବଞ୍ଚିତ ରହିଥିବାବେଳେ ଭିତ୍ତିଭୂମି ସଜାଡିବାରେ ଦାୟିତ୍ୱରେ ଥିବା ସଂସ୍ଥା ବିଫଳ ହୋଇଥିବା ଅଭିଯୋଗ ହେଉଛି। ହେଲେ ନିଜ ବିଫଳତା ଲୁଚାଇବାକୁ ଉକ୍ତ ସଂସ୍ଥା ନାନା ବାହାନା କରୁଥିବା ଉପଭୋକ୍ତାମାନେ କହିଛନ୍ତି। ଉତ୍ତମ ସେବା ବଦଳରେ କେବଳ ବିଲ୍ ଆଦାୟ ଉପରେ ଜୋର୍ ଦିଆଯାଉଥିବାରୁ ଆଠମଲ୍ଲିକ ଉପଖଣ୍ଡରେ ଅସନ୍ତୋଷ ଦେଖାଦେଇଛି।

ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ୨୬ଟି ଟ୍ରାନ୍ସଫର୍ମର ମାସେ ତଳୁ ପୋଡିଯାଇଛି। ଫଳରେ ଶତାଧିକ ଗ୍ରାମବାସୀ ବିନା ବିଦ୍ୟୁତ୍‌ରେ ଅଛନ୍ତି। ବହୁ ହେକ୍ଟର ଜମିକୁ ପାଣି ମାଡ଼ିପାରୁ ନାହିଁ। କିଶୋରନଗର ବ୍ଲକ ବାମୁର ବିଦ୍ୟୁତ୍ ବିଭାଗ ଅଧୀନରେ ଥିବା ଆମ୍ବପାଳ ଗ୍ରାମର ୬୩ କେଭି ଟ୍ରାନ୍ସଫର୍ମର, ରେଙ୍ଗାଲବେଡ଼ାର ୨୫ କେଭି ଟ୍ରାନ୍ସଫର୍ମର, ସୁସବ ଗ୍ରାମର ୨୫ କେଭି, ଭାଙ୍ଗମୁଣ୍ଡା ଗ୍ରାମର ୨୫ କେଭି, ପିପଲମୁଣ୍ଡା ଗ୍ରାମର୨୫ କେଭି, ମାଣିକପୁର ଗ୍ରାମର ୧୬ କେଭି, ଅଙ୍ଗପଡା ଗ୍ରାମର ୬୩ କେଭି, ଧଡରପାଳ ଗ୍ରାମର ୧୬ କେଭି, ପୁରୁଣାପାଣି ଗ୍ରାମର ୧୬ କେଭି, ନଡଡା ଗ୍ରାମର ଏଲ୍‌ଆଇ ପଏଣ୍ଟ ପାଇଁ ଲାଗିଥିବା ୨୫ କେଭି, ବଅଁରନାଳି ଗ୍ରାମର ୨୫ କେଭି ଓ ୬୩ କେଭି, ପର୍ଣ୍ଣମାଳ ଗ୍ରାମର ୬୩ କେଭି, ଜଏରାଟର ୧୬ କେଭି, ଓସ୍କାପାଲି ପଞ୍ଚାୟତ ବାଲିଜେରେଙ୍ଗର ୧୬ କେଭି, ଜାମୁନାଳି ଗ୍ରାମର ୨୫ କେଭି ଓ ଏଲଆଇ ପଏଣ୍ଟ ପାଇଁ ଲାଗିଥିବା ୨୫ କେଭି ଟ୍ରାନ୍ସଫର୍ମର ପୋଡ଼ିଯାଇଛି। ସେହିପରି ଆଠମଲ୍ଲିକ ବ୍ଲକ କୁରୁମଟାପ ଗ୍ରାମରେ ଏଲ୍‌ଆଇ ପଏଣ୍ଟ ପାଇଁ ଲାଗିଥିବା ୨୫ କେଭି, ତିଳେଶ୍ୱର ହରିଜନ ସାହିର ୧୦ କେଭି, ଟେଣ୍ଟୁଳିପଥର ଗ୍ରାମର ୧୦ କେଭି, ଅନ୍ତପାଲି ଗ୍ରାମର ୬୩ କେଭି, ଜାମୁଡୁଲି ଗ୍ରାମ ଏଲ୍‌ଆଇ ପଏଣ୍ଟରେ ଥିବା ୧୬ କେଭି, ମାଧପୁର ଏଲ୍‌ଆଇ ପଏଣ୍ଟ ପାଇଁ ଥିବା ୨୫ କେଭି, କିଆକଟା ଏଲ୍‌ଆଇ ପଏଣ୍ଟ ପାଇଁ ଲାଗିଥିବା ୨୫ କେଭି, ବିନିକେଇଠାରେ ଏଲଆଇ ପଏଣ୍ଟ ପାଇଁ ଥିବା ୨୫ କେଭିର ୨ଟି ଟ୍ରାନ୍ସଫର୍ମର ପୋଡିଯାଇଛି। ଏ ନେଇ ଅଞ୍ଚଳର ଉପଭୋକ୍ତାମାନେ ବହୁବାର ବଇଣ୍ଡାସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ତିଳେଶ୍ୱର ଗ୍ରାମବାସୀ ଅଭିଯୋଗ କରିଛନ୍ତି। କରୋନା ମହାମାରୀକୁ ଆଳ କରି ବହୁ ବିଳମ୍ବରେ ଉପଭୋକ୍ତାମାନଙ୍କୁ ବିଲ୍ ଦିଆଯାଉଥିବା ବେଳେ ସମସ୍ତ ବକେୟା ପଇଠ ନ କଲେ ନୂତନ ଟ୍ରାନ୍ସଫର୍ମର ଲଗାଯିବ ନାହିଁ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ଅନେକ ଉପଭୋକ୍ତାଙ୍କ ମିଟର ଖରାପ ହୋଇଥିବା କହି ମିନିମମ୍ ଚାର୍ଜ ପକାଇ ବିଲ୍ ଆଦାୟ କରୁଥିବା କର୍ମଚାରୀମାନେ ଅଧିକ ଅର୍ଥ ନେଉଥିବା ଜଏରାଟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଅଚଳ ଟ୍ରାନ୍ସଫର୍ମର ସ୍ଥାନରେ ନୂଆ ବ୍ୟବସ୍ଥା କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

**ଭଙ୍ଗା ଖୁଣ୍ଟରେ ତାର ଟଣାଯାଉଛି**



"ମାଧପୁର ଅଞ୍ଚଳରେ ଉତ୍ତମ ସେବା ଯୋଗାଇବାରେ ଘରୋଇ ସଂସ୍ଥା ବିଫଳ ହୋଇଛି। ଯେଉଁ ଅଞ୍ଚଳରେ ଟ୍ରାନ୍ସଫର୍ମର ପୋଡୁଛି, ସେଠାରେ ନୂତନ ଟ୍ରାନ୍ସଫର୍ମର ଲଗାଇବାରେ ବହୁ ବିଳମ୍ବ କରାଯାଉଛି। ଅନେକ ଗ୍ରାମରେ ଭଙ୍ଗା ଖୁଣ୍ଟରେ ବିଦ୍ୟୁତ୍ ତାର ଟଣାଯାଇଛି।

-ସଚ୍ଚିଦାନଦ ପ୍ରଧାନ
ଗଦାଧରପୁର, ମାଧପୁର

**ସେବା ପରିବର୍ତ୍ତେ ଜୁଲମ**



"ବିଦ୍ୟୁତ୍ ସମସ୍ୟାର ସମାଧାନ ପରିବର୍ତ୍ତେ ଜୁଲମ ବଢ଼ୁଛି। କେବଳ ଏଲ୍‌ଇଡି ବଲ୍ ଜାଳୁଥିବା ଲୋକଙ୍କଠାରୁ ମିନିମମ୍ ଚାର୍ଜ ପକାଇ ବିଲ୍ ସଂଗ୍ରହ କରାଯାଉଛି। ସରକାର ବିନା ଦେୟରେ ଗରିବଙ୍କୁ ସଂଯୋଗ ଦେଉଥିବାବେଳେ ଅସାଧୁ କର୍ମଚାରୀ ଅର୍ଥ ଦାବି କରୁଛନ୍ତି।

-ରମଣୀ ରଞ୍ଜନ ପ୍ରଧାନ, ଜଏରାଟ

**ଅଯଥା ବିଲ୍ କରାଯାଉଛି**



"ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ପୋଡ଼ିଯାଇଥିବା ଟ୍ରାନ୍ସଫର୍ମର ଲଗାଇବାରେ ବହୁ ବିଳମ୍ବ କରାଯାଉଛି। ଅଯଥା ବିଲ୍ କରି ଉପଭୋକ୍ତାଙ୍କଠାରୁ ଅଧିକ ଅର୍ଥ ନିଆଯାଉଛି। ଭିତ୍ତିଭୂମିରେ ଉନ୍ନତି ଆଣିବା ଦିଗରେ ବିଭାଗ ଫେଲ୍ ମାରିଛି।

-ଭାଗୀରଥି ପ୍ରଧାନ, ଭାଜପା ନେତା

**ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯିବ**



"ଆଠମଲ୍ଲିକ ଉପଖଣ୍ଡରେ ଥିବା ପୋଡ଼ା ଟ୍ରାନ୍ସଫର୍ମର ସ୍ଥାନରେ କିଭଳି ଶୀଘ୍ର ନୂତନ ଟ୍ରାନ୍ସଫର୍ମର ଲଗାଯିବ ସେ ନେଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ନିର୍ଦ୍ଦେଶ ଦିଆଯିବ। ଲୋକଙ୍କ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ କୁହାଯିବ।

-ଲଳିତ ମୋହନ ବେହେରା,
ଉପଜିଲାପାଳ, ଆଠମଲ୍ଲିକ

**ତୁରନ୍ତ ପଦକ୍ଷେପ ନିଆଯିବ**



"ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର ସ୍ଥାନରେ ନୂତନ ଟ୍ରାନ୍ସଫର୍ମର ଲଗାଯାଉଛି କିନ୍ତୁ କିଛି ଅଞ୍ଚଳର ଉପଭୋକ୍ତାଙ୍କ ଉପରେ ବିଲ୍ ବାବଦ ବହୁ ଅର୍ଥ ବକେୟା ଥିବାରୁ ନୂତନ ଟ୍ରାନ୍ସଫର୍ମର ଲଗାଇବାରେ ସମସ୍ୟା ହେଉଛି। ତଥାପି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

-ସିପକ କୁମାର ଦାସ,
ଏସ୍‌ଡିଓ, ବଇଣ୍ଡା ସେକ୍ସନ

# ମେଡିକାଲ ଗେଟ୍‌ରେ ଯାଞ୍ଚ ବ୍ୟବସ୍ଥା



ମେଡିକାଲ ଗେଟ୍‌ରେ ସୁରକ୍ଷା କର୍ମୀମାନେ ଯାଞ୍ଚ କରୁଛନ୍ତି।

ଅନୁଗୋଳ ଅଫିସ,୨୮।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ବିଭିନ୍ନ ସମୟରେ ବିନା କାର୍ଯ୍ୟରେ ଗାଡି ନେଇ ଲୋକେ ପ୍ରବେଶ କରୁଛନ୍ତି। ଏପରି କି ବାହାର ଆମ୍ବୁଲାନ୍ସ ଚାଳକ ପ୍ରବେଶ କରି ଅନେକ ସମୟରେ ରୋଗୀଙ୍କୁ ଶୋଷଣ କରୁଛନ୍ତି। ରୋଗୀ ନେଇ ଆସୁଥିବା ବାହାର ଗାଡି ଘଣ୍ଟା ଘଣ୍ଟା ଧରି ଛିଡା ହେଉଥିବାରୁ ସମସ୍ୟା ଉପୁଜୁଛି। ତେଣୁ ଏଭଳି ବିଭିନ୍ନ ସମସ୍ୟା ହେଉଥିବାରୁ ମେଡିକାଲ କର୍ତ୍ତୃପକ୍ଷ ବ୍ୟବସ୍ଥାରେ ସୁଧାର ଆଣିବାକୁ ଉଦ୍ୟମ କରିଛନ୍ତି। ମେଡିକାଲ ପରିସରରେ ଅବାଧ ଗାଡି ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ମଙ୍ଗଳବାରଠାରୁ ମେଡିକାଲର ଉଭୟ ଗେଟ୍‌ରେ ଜଗୁଆଳି ରଖାଯାଇ ଗାଡ଼ି ଯାଞ୍ଚ କରାଯାଉଛି। ରୋଗୀ ଥିଲେ ପ୍ରବେଶ ଅନୁମତି ଦିଆଯାଉଛି। ଗାଡି ନମ୍ବର ଲେଖି ରଖାଯିବା ସହ ତୁରନ୍ତ ରୋଗୀଙ୍କୁ ଛାଡି ଆସିବାକୁ କୁହାଯାଉଛି। ସେହିଭଳି ଘରୋଇ ଆମ୍ବୁଲାନ୍ସ ପ୍ରବେଶ ଉପରେ ମଧ୍ୟ କଟକଣା ଲଗାଯାଇଛି। ସରକାରୀ ଆମ୍ବୁଲାନ୍ସ ନ ଥିଲେ ରୋଗୀମାନେ କେବଳ ଘରୋଇ ଆମ୍ବୁଲାନ୍ସ ନେଇପାରିବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ନୂଆ ନିୟମ କରାଯାଇଛି।

# ବଡ଼ଭାଇଙ୍କ ଟାଙ୍ଗିଆ ଚୋଟରେ ସାନ ଗୁରୁତର

ଛେଣ୍ଡିପଦା,୨୮।୯(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ରାଇପାଳ ଗ୍ରାମରେ ବଡ଼ବାପା ପୁଅ ଭାଇଙ୍କ ଟାଙ୍ଗିଆ ଚୋଟରେ ସାନଭାଇ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ରାଇପାଳ ଖଇରବେରେଣି ଗ୍ରାମର ପ୍ରଦୀପ କୁମାର ସାହୁ। ଘଟଣାରୁ ଜଣାପଡ଼ିଛି, ରାଇପାଳ ଖଇରବେରେଣି ଶିମିଳି ସାହିର ପ୍ରଦୀପ ଘର ପାଖ ଏକ ସରକାରୀ ଜାଗାରେ ଗୁହାଳ କରିଥିଲେ। ସେହି ଗୁହାଳ ପାଖକୁ ଲାଗି ବଡ଼ବାପା ପୁଅ ଭାଇ ରମେଶ ସାହୁଙ୍କ ଗୁହାଳ ରହିଛି। ଏହି ଗୁହାଳଘରକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ପ୍ରଦୀପ ମଙ୍ଗଳବାର ଭାଇ ରମେଶଙ୍କ ଗୁହାଳ ନିକଟରୁ ମାଟି ନେଇ ତାଙ୍କ ଗୁହାଳରେ ପକାଉଥିବା ବେଳେ ରମେଶ ଆସି ବାରଣ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରମେଶ ଏକ ଟାଙ୍ଗିଆରେ ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ପ୍ରଦୀପଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ ନେଇ ପ୍ରଦୀପଙ୍କ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ନିଯୁକ୍ତି ଦାବିରେ ଅନଶନ





ପରିବାର ସହ ଅନଶନରେ ବସିଥିବା ଦୁଇ କ୍ଷତିଗ୍ରସ୍ତ।

ଅନୁଗୋଳ ଅଫିସ,୨୮।୯: ଏନ୍‌ଟିପିସିରେ ନିଯୁକ୍ତି ଦାବିରେ ୨ କ୍ଷତିଗ୍ରସ୍ତ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଅନଶନକାରୀ ବିଜିଗୋଳ ଗ୍ରାମର ବିନ୍ଦୁସାଗର ପାଣି ଓ ଗଦାଶିଳା ଗ୍ରାମର ସବିତା ରାଣୀ ପ୍ରଧାନ କହିଛନ୍ତି, ୩୨ ବର୍ଷ ହେଲା ସେମାନେ ଏନ୍‌ଟିପିସି ପ୍ରକଳ୍ପର କ୍ଷତିଗ୍ରସ୍ତ ପ୍ରଜା ଭାବେ ରହି ଆସିଛନ୍ତି। କିନ୍ତୁ ଅନ୍ୟ ୧୮ ଜଣ କ୍ଷତିଗ୍ରସ୍ତଙ୍କୁ ପ୍ରକଳ୍ପ ପକ୍ଷରୁ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସେମାନଙ୍କୁ ଅବହେଳା କରାଯାଇଛି। ଏ ସମ୍ପର୍କରେ ସେମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ମିଳୁନାହିଁ। ତେଣୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ପରିବାର ସହ ସେମାନେ ଅନଶନରେ ବସି ରହିବେ ବୋଲି ଦୁଇ କ୍ଷତିଗ୍ରସ୍ତ ପ୍ରକାଶ କରିଛନ୍ତି।

# ମୋ ସ୍କୁଲ ଅଭିଯାନ ସଭା

ଛେଣ୍ଡିପଦା,୨୮।୯(ସ୍ୱ.ପ୍ର.)

ଛେଣ୍ଡିପଦା ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟ କମିଟି ସଭାପତି ବିଜୟ କୁମାର ଗଡନାୟକଙ୍କ ସଭାପତିତ୍ୱରେ ମୋ ସ୍କୁଲ ଅଭିଯାନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଭୂତିଆଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାକର ଗଡ଼ନାୟକ, ଯୁବନେତା ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ 'ମୋ ସ୍କୁଲ ଅଭିଯାନର' ଆଭିମୁଖ୍ୟ ଉପରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ ବେହେରା, ଗୋବର୍ଦ୍ଧନ ନାୟକ, ହେମନ୍ତ ପ୍ରଧାନ, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ

ତାଳଚେର/ ଛେଣ୍ଡିପଦା,୨୮।୯(ନି.ପ୍ର.)

**ବ୍ଲକସ୍ତରୀୟ ସମନ୍ୱୟ ମେଳା**





ଛେଣ୍ଡିପଦାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସମନ୍ୱୟ ମେଳାରେ ଉପସ୍ଥିତ ଅତିଥିମାନେ।

ତାଳଚେରରେ ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଦ୍ୱାରା ଆୟୋଜିତ ଉକ୍ତ ମେଳାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ମା'ମାନେ ଆଗକୁ ବଢ଼ିଲେ ବିକାଶ ସୁନିଶ୍ଚିତ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଡିପିସି ଯୋଗଦେଇ ସମନ୍ୱୟ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଏସ୍. ମିଶ୍ର ଉପସ୍ଥିତ ରହି ଧନ୍ୟବାଦ ଅର୍ପଣ କରିଥିଲେ। ତାଳଚେର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ମଞ୍ଜୁର କରିଥିବା ଋଣ ପ୍ରଦାନର ଲେଟର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରଦାନ କରାଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଯଶୋବନ୍ତ ବେହେରା, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ସାହୁ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୫୫୨ଟି ସ୍ୱୟଂସହାୟକ ଗୋଷ୍ଠୀକୁ ୧୧୬୬.୩୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ଲକରେ ଥିବା ସମସ୍ତ ବ୍ୟାଙ୍କ ମିତ୍ର ଓ ଅଗ୍ରଣୀ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଛେଣ୍ଡିପଦା ଜୀବିକା ସଂଯୋଜକ ସଞ୍ଜୟ ସାହୁ, ପଞ୍ଚାନନ ସାହୁ, ଦକ୍ଷତା ବିକାଶ ସଂଯୋଜକ ସୁବ୍ରତ କୁମାର ସାହୁ, ମିଶନ ଶକ୍ତି ବ୍ଲକ ସଂଯୋଜକ ତପନ ପ୍ରମୁଖ ପରିଚାଳନା କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପ୍ରସ୍ତୁତି ଯାଞ୍ଚ

ଅନୁଗୋଳ ଅଫିସ,୨୮।୯

**ଚଳଚଞ୍ଚଳ ଅନୁଗୋଳ ଭାଜପା**

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ଜିଲା ଭାଜପା କର୍ମକର୍ତ୍ତାମାନେ ଚଳଚଞ୍ଚଳ ହୋଇପଡ଼ିଛନ୍ତି। ଉକ୍ତ ଦିନ କେନ୍ଦ୍ରମନ୍ତ୍ରୀ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାର ଥିବାରୁ ମଙ୍ଗଳବାର ସେଠାରେ ପ୍ରସ୍ତୁତି ପର୍ବ ପରଖିଛି ଦଳର ଏକ ପ୍ରତିନିଧିମଣ୍ଡଳୀ। ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ଉପ ସଭାପତି ଅଜିତ ପ୍ରଧାନ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ କେନ୍ଦ୍ରମନ୍ତ୍ରୀ ଆସିବାକୁ ଥିବା ବାମୁର ଗାନ୍ଧୀ ସ୍ମୃତି ପୀଠ, ଜାମୁନାଳୀ ଏବଂ ଜଏରାଟ ଗ୍ରାମରେ ପହଞ୍ଚି ପ୍ରସ୍ତୁତିର ତଦାରଖ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀ ସହ ମଣ୍ଡଳ ସଭାପତି ଜଳଧର ପ୍ରଧାନ, ବାନାମ୍ବର ପ୍ରଧାନ ଏବଂ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀ ଓ ଅର୍ଜୁନ ପାଣ୍ଡେ, କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ରତ୍ନାକର ପ୍ରଧାନ, ଜିଲା କାର୍ଯ୍ୟକରିଣୀ ସଦସ୍ୟ ଅଲେଖ ପ୍ରଧାନ, ଅଖିଳ ପ୍ରଧାନ ଓ ହୃଦାନନ୍ଦ ପ୍ରଧାନ, ମଣ୍ଡଳ ପ୍ରଭାରୀ ଅରବିନ୍ଦ ସାହୁ, ସ୍ଥାନୀୟ ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

TOWER VISION COMPANY Regd.
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି
ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ।
ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ, ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗଡି
Helpline : 7027029427

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9999268493
Whatsapp: 8902923601

BCF FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

GOVERNMENT OF ODISHA No.B-419
OFFICE OF THE EXECUTIVE ENGINEER
KALAHANDI (R&B) DIVISION, BHAWANIPATNA
E-mail: eekalahandi@gmail.com, FAX No. 06670-230512; Cell No. 9437050413

E-Procurement Notice
Quotation Identification No. BC KLD-11/2021-22
No. 9264 Dated. 17.09.2021

| | | | |
|---|---|---|---|
| 1. | Name of work | : | 02 (Two) No. of Furniture Supplier |
| 2. | Estimated cost | : | Varies from Rs.20.00 Lakhs to Rs.40.00 Lakhs |
| 3. | Period of completion | : | 01 (Two) Calendar Months. |
| 4. | Date and time of availability of bid document in the portal | : | 27.09.2021 to 17.00 Hours of 07.10.2021 |
| 5. | Last date/Time for receipt of bid in the portal | : | 17.00 hour of 07.10.2021 |
| 6. | Name and address of the officer inviting bid | : | Executive Engineer, Kalahandi (R&B) Division, Bhawanipatna |
| 7. | Date & Venue of Opening of the Single & Double Cover Bid and Technical Bid (Cover 1) of Double cover Bid. | : | On 08.10.2021 at 11.00 AM in the Office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal https://tendersorissa.gov.in
Sd./- (Er.A.K. Babu), Executive Engineer, Kalahandi (R&B) Division
OIPR-34017/11/0004/2122

ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା
ଇସ୍ତାହାର
ସଂଖ୍ୟା 4054/ତାରିଖ: 22.09.2021

No. F-154:- ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା୩୧.୦୮.୧୯୯୮ ରିଖ ପରିଶିଷ୍ଟ-VI ନିୟମ - 2 (C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ ପ୍ଲଟ୍‌ଗୁଡ଼ିକୁ ରୂପାନ୍ତରିକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ ପ୍ଲଟ୍‌ଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟ୍‌ର ବିବରଣୀ ନିମ୍ନରେ ପ୍ରଦତ୍ତପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl No. | Conversion Case No. | Name of the applicant | Khata No. | Mouza | Revenue Plot No. | House No./ Layout lot No. | Area (in AC) | Location of Housing project |
|---|---|---|---|---|---|---|---|---|
| 1. | 14/2021 | ସତବୀର ସିଂ ଭୁଇ | 109 | RTU-41 | 253/P | K⁴/10 | 0.055 | ସିଭିଲ ଟାଉନସିପ |
| 2. | 07/2015 | ମୀନା ସାହୁ | 111 | RTU-42 | 82/P | Y2 | 0.146 | ସିଭିଲ ଟାଉନସିପ |
| 3. | 26/2018 | ଗୀରଜ ପ୍ରସାଦ ଅଗ୍ରୱାଲ | 109 | RTU-41 | 307/P | Y3/3 | 0.085 | ସିଭିଲ ଟାଉନସିପ |
| 4. | 17/2021 | ରାଘବ ଚନ୍ଦ୍ର ଧଳ | 172 (Hal-176) | RTU-27 | 182/P, 159/P | B/281 | 0.035 | କୋଏଲ ନଗର |
| 5. | 13/2021 | ଶ୍ରୀକାନ୍ତ ଅଭା | 172 (Hal-176) | RTU-27 | 189/P | C/492 | 0.035 | କୋଏଲ ନଗର |
| 6. | 07/2021 (Online) | ପ୍ରକାଶ କୁମାର ଦାଶ | 172 (Hal-176) | RTU-27 | 189/P | C/577 | 0.035 | କୋଏଲ ନଗର |

OIPR-24217/11/0001/2122
ସ୍ୱା./- ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା

**୨ ଆକ୍ରାନ୍ତ, ୫ ସୁସ୍ଥ**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ମଙ୍ଗଳବାର ୨ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୫ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ ଏବଂ ସଦର ବ୍ଲକର ଜଣେ ଲେଖାଏ ରହିଛନ୍ତି। ଜିଲାରେ ସକ୍ରିୟ ମାମଲା ୪୨କୁ ଖସିଥିବାବେଳେ କୋଭିଡ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୪୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ହାବିଲଦାରଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୮।୯:** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗତ ୨୫ ତାରିଖରେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି କେତେଜଣ ଅଭିଯୁକ୍ତଙ୍କୁ ଆଣିଥିବା ଟାଉନଥାନାର ହାବିଲଦାର ଧ୍ରୁବଚରଣ ବେହେରାଙ୍କୁ ଡାକ୍ତର ସ୍ୱାଧୀନ ରଥ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଡ୍ୟୁଟିରେ ଥିବା ସମ୍ପୃକ୍ତ ଡାକ୍ତର ଜଣେ ପୋଲିସ କର୍ମଚାରୀଙ୍କୁ ଉଠ୍‌ବସ୍ କରାଉଥିବା ଦେଖି ଧ୍ରୁବଚରଣ ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଡାକ୍ତର ରଥ ଧ୍ରୁବଚରଣଙ୍କୁ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଡାକ୍ତରଙ୍କ ବିରୋଧରେ ନଂ. ୩୯୩/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୋଗର ତଦନ୍ତ ଚାଲିଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

### ୨୪ ଟନ୍ ଚୋରା କୋଇଲା ଜବତ

**ଢେଙ୍କାନାଳ ଅଫିସ, ୨୮।୯:** ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରୁ ସୋମବାର ସନ୍ଧ୍ୟାରେ ୨୪ ଟନ୍ ଚୋରା କୋଇଲା ଜବତ କରାଯାଇଛି। ଏହି ଘଟଣାରେ ଟ୍ରକ୍ ଚାଳକ ଅନୁଗୋଳ ଜିଲା କଣିହାଁ ଥାନା ଦଣ୍ଡସିଙ୍ଗା ଗ୍ରାମର ଦେବାନନ୍ଦ ସାହୁ ଓରଫ୍ ଶିବୁ ଗିରଫ ହୋଇଛନ୍ତି। ତାଳଚେର ମାଇନ୍ସ ଏରିଆରୁ ୨୪ ଟନ୍ କୋଇଲା ଏକ ୧୦ ଚକିଆ ଟ୍ରକ୍ (ନଂ. ଓଆର୍ ୦୪ ଜି ୬୨୧୭)ରେ କଟକ ଚାଲାଣ କରାଯାଉଥିଲା। ସୂଚନା ପାଇ ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏ ନେଇ ନଂ. ୫୧୫/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ ବିକାଶ ବେଉରା ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ୨୦୦ ଲିଟର ମଦ ଜବତ

**ଢେଙ୍କାନାଳ ଅଫିସ, ୨୮।୯:** ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ ଧୀରପାଟଣା ଅଞ୍ଚଳରୁ ଗୁରୁବାର ସନ୍ଧ୍ୟାରେ ୨୦୦ ଲିଟର ଦେଶୀ ମଦ ଏବଂ ଅନ୍ୟ ଉପକରଣ ଜବତ କରାଯାଇଛି। ଏହି ଘଟଣାରେ ମାନସ ଖୁଣ୍ଟିଆ (୩୮) ଗିରଫ ହୋଇଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୪୦ ଲିଟର ବିଶିଷ୍ଟ ୫ ଜାରକିନ୍, ଲୋଗୋ ବିହୀନ ୮୦ ଦେଶୀମଦ ପାଉଚ୍, ଆଲକହଲ ମାପକ ଯନ୍ତ୍ର, ପାଉଚ୍ ସିଲିଂ ମେଶିନ, ୨ ଫନେଲ, ୧୫ ପ୍ଲାଷ୍ଟିକ ଟ୍ରେ, ୧୦୦୦ ପଲିଥିନ ପାଉଚ, ୬ ମାପ ଗ୍ଲାସ୍ ରହିଥିବା ଏସ୍‌ଡିପିଓ ବିକାଶ ବେଉରିଆ ସୂଚନା ଦେଇଛନ୍ତି।

### ଚୋରି ବୋଲେରୋ ଜବତ, ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୨୮।୯:** ଢେଙ୍କାନାଳ ସଦର ଥାନା ଇନ୍ଦିପୁର ବଉଳା ସାହିରୁ ସୋମବାର ବିଳମ୍ବିତ ରାତିରେ ଓଆର ୦୨ ଏୱାଇ ୮୪୩୧ ନମ୍ବର ବିଶିଷ୍ଟ ଏକ ବୋଲେରୋକୁ ଅଭିଯୁକ୍ତମାନେ ଚୋରି କରି ନେଇଯାଇଥିଲେ। ଗାଡ଼ି ମାଲିକଙ୍କ ଅଭିଯୋଗକ୍ରମେ ଥାନାଧିକାରୀ ଅଭିନବ ଡାଲୁଆ ଚଢ଼ାଉ କରି ଉକ୍ତ ଗାଡ଼ି ଜବତ କରିଛନ୍ତି। ଏହି ଘଟଣାରେ କଟକ ଜିଲା କାନପୁର ଥାନା ଚମ୍ପେଶ୍ୱର ଅଞ୍ଚଳର ବୀରେନ୍ଦ୍ର ବେହେରାଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ଘଟଣାରେ ବ୍ୟବହୃତ ଅନ୍ୟ ଏକ ବୋଲେରୋକୁ ମଧ୍ୟ ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ନଂ. ୫୧୪/୨୧ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ କହିଛନ୍ତି।

### ମଦ କାଉଣ୍ଟର ମ୍ୟାନେଜରଙ୍କୁ ଆକ୍ରମଣ

**ଅନୁଗୋଳ ଅଫିସ,୨୮।୯:** ଅନୁଗୋଳ ବ୍ଲକ ବନ୍ତଲା ଥାନା ବଡକେରାଠାରେ ଥିବା ବିଦେଶୀ ମଦ ଦୋକାନ ପରିଚାଳକ ରମାଶିଷ ପ୍ରସାଦଙ୍କୁ ମଙ୍ଗଳବାର ଖଣ୍ଡାରେ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରାଯାଇଛି। ରାମାଶିଷ ଦୋକାନ ବାହାରେ ଛିଡ଼ା ହୋଇଥିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ସେଠାରେ ପହଞ୍ଚି ପଛପଟୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରାମାଶିଷଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ବେଳକୁ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

### ୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୨୮।୯:** ଅନୁଗୋଳ ଜିଲାରୁ ମଙ୍ଗଳବାର ୭ ଜଣ କରୋନା ପଜିଟିଭ୍‌ଙ୍କୁ ଚିହ୍ନଟ କରାଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୪ ହଜାର ୩୪୧ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳରୁ ୩ ଜଣ, ବଣଁରପାଳ ବ୍ଲକ ଅଞ୍ଚଳରୁ ୨ ଓ ଅନୁଗୋଳ, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ଜିଲାରୁ ଦିନକରେ ୯ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

# ଠିକାସଂସ୍ଥା ପାଖରେ ଟଙ୍କା ନାହିଁ

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉଦ୍‌ବେଗ
- ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣରେ ସମସ୍ୟା
- ଦୁର୍ଘଟଣାଜନିତ ଧନଜୀବନ ହାନି ରୋକିବାକୁ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୮।୯**

ଢେଙ୍କାନାଳ-ଅନୁଗୋଳ ଜିଲା ବିକାଶର ଲାଇଫ୍ ଲାଇନ୍ ଭାବେ ପରିଚିତ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଅଧା ସରିନାହିଁ। ୬୦ କିଲୋମିଟରରୁ ମାତ୍ର ୨୮ କିଲୋମିଟର କାମ ଶେଷ ହୋଇଛି। ସେହିପରି ମଙ୍ଗୁଳିରୁ ଢେଙ୍କାନାଳ ୫୦ କିଲୋମିଟରରୁ ମାତ୍ର ୨୫ କିଲୋମିଟର ରାସ୍ତା ନିର୍ମାଣ ସରିଛି। ରାସ୍ତା ସମ୍ପ୍ରସାରଣରେ ନିୟୋଜିତ ଠିକାସଂସ୍ଥା ପାଖରେ ଅର୍ଥର ଅଭାବ ରହିଛି। ତେଣୁ ଦିନ ଗଡୁଥିଲେ ମଧ୍ୟ ରାସ୍ତା ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ନୋଟିସ୍ ଜାରି କରାଯାଇଛି। ୨୦୨୨ ଜୁନ୍ ସୁଦ୍ଧା ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଏନ୍‌ଏଚ୍‌ଏଆଇର ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ଜାତୀୟ ରାଜପଥ ସମ୍ପ୍ରସାରଣ ବିଳମ୍ବିତ ହେଉଥିବା ନେଇ ଅସନ୍ତୋଷ ତୀବ୍ର ହେଉଥିବାବେଳେ ଏନ୍‌ଏଚ୍‌ଏଆଇ ପୁଣି ବର୍ଷେ ସମୟ ମାଗିବା ଉଦ୍‌ବେଗର ବିଷୟ ହୋଇଛି।


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ଜିଲାରେ ସଡ଼କ ଦୁର୍ଘଟଣାଜନିତ ଧନଜୀବନ ହାନି ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିୟମିତ ବ୍ୟବଧାନରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ, ପ୍ରତି ଉପଖଣ୍ଡରେ ସଡ଼କ ସୁରକ୍ଷା ନିୟମ ପାଳନ ଲାଗି ବୈଠକ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦୁର୍ଘଟଣା ରୋକିବା ଲାଗି ଶୋଚନୀୟ ହୋଇପଡ଼ିଥିବା ରାସ୍ତା ମରାମତି ନିମନ୍ତେ ଏକ ସ୍କ୍ୱାଡ୍ ଗଠନ କରିବା ପାଇଁ କମିଟି ସଦସ୍ୟ ପ୍ରଦ୍ୟୁମ୍ନ ରଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୫୫ ଏବଂ ୫୩ନଂ. ଜାତୀୟ ରାଜପଥ ନିର୍ମାଣ ତ୍ୱରାନ୍ୱିତ କରିବା, ସ୍ପିଡ୍ ଲିମିଟ୍ ବୋର୍ଡ ସ୍ଥାପନ, ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ରମ୍ବଲର୍ସ ନିର୍ମାଣ, ସାଇନେଜ୍ ସ୍ଥାପନ, ବୁଲା ଗୋରୁଙ୍କୁ ନିୟନ୍ତ୍ରଣ, ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଥିସହ ଆରଟିଓ ଏବଂ ପୋଲିସ ପ୍ରଶାସନ ସମନ୍ୱୟ ରଖି ସଡ଼କ ଦୁର୍ଘଟଣାର ଯାଞ୍ଚ କରିବା, ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେବା ଲାଗି ପରାମର୍ଶ ଦିଆଯାଇଛି। ଗତ ବର୍ଷକ ଭିତରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ଅତି ନୈରାଶ୍ୟଜନକ ହୋଇଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ସୁଧାର ଆଣିବାକୁ ଜିଲାପାଳ ପୋଲିସ ଅଧିକାରୀଙ୍କୁ କହିଛନ୍ତି।

ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝି, ଡିଏସ୍‌ପି ହରପ୍ରିୟା ନାୟକ, ସଡ଼କ ସୁରକ୍ଷା କମିଟି ସଦସ୍ୟ ବିରଞ୍ଚି ନାରାୟଣ ପାଣି, ଅତିରିକ୍ତ ଆରଟିଓ ଦେବାଶିଷ ସ୍ୱାଇଁ, ଜୁନିୟର ଏମ୍‌ଭିଆଇ ମାନସ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ପଦୋନ୍ନତି ପାଇଁ କାଉନ୍‌ସେଲିଂ ଦାବି

**ଢେଙ୍କାନାଳ ଅଫିସ, ୨୮।୯**

ଢେଙ୍କାନାଳ ଜିଲା ଖଜୁରିଆକଟା ହାଟପଡ଼ିଆରେ ହିନ୍ଦୋଳ ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ, ଲେବୁଲ୍-୪ ପ୍ରଧାନଶିକ୍ଷକ, ଲେବୁଲ୍-୪ ଗ୍ରାଜୁଏଟ୍ ଶିକ୍ଷକ ପଦୋନ୍ନତି ପାଇବେ। ପୂର୍ବେ ପଦୋନ୍ନତି ପୂର୍ବରୁ କାଉନ୍‌ସେଲିଂ କରାଯାଉଥିଲା। ଏବେ ଏହି ପ୍ରକ୍ରିୟାକୁ ଅଣଦେଖା କରାଯାଉଛି। ତେଣୁ ଏଥିରେ ବ୍ୟାପକ ଅନିୟମିତତା ହେବା ଆଶଙ୍କା ରହିଛି। ତେଣୁ ପ୍ରଶାସନିକ ସ୍ୱଚ୍ଛତା ଏବଂ ଆଶାୟୀଙ୍କ ସୁବିଧା ଦୃଷ୍ଟିରୁ କାଉନ୍‌ସେଲିଂ ମାଧ୍ୟମରେ ପଦୋନ୍ନତି ଦେବା ପାଇଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ସମ୍ପାଦକ ପଙ୍କଜ ଲୋଚନ ସାହୁ, ଭଗବାନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ମହେଶ ଚନ୍ଦ୍ର ସାହୁ, ଅମିୟ କୁମାର ପତି ପ୍ରମୁଖ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଘର କାମ ପାଇଁ ଝିଅପିଲା ଆବଶ୍ୟକ। ରହିବା, ଖାଇବା ସହ 5000/- to 7500/-। ଫୁଲନଖରା, କଟକ।
ଯୋଗାଯୋଗ:
**7809525452**

**JOB IN BHUBANESWAR**
**SURVEY GROUNDS**
Post- Full time **(BUSINESS DEVELOPER)** person.
Exp.- Min. 1 year (Fluency in English). Salary- 12K to 20K (Depends upon caliber).
Email: lkishor@surveygrounds.com

**ଆବଶ୍ୟକ**
ସେଲ୍‌ସମ୍ୟାନ୍ ଆବଶ୍ୟକ।
ଇଲେକ୍ଟ୍ରିକାଲ ସପ୍,
ଭୁବନେଶ୍ୱର
**9437081583**

**ଏୟାରପୋର୍ଟ ରେ ଚାକିରୀ**
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାପ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview
ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
**CONTACT : 8448123162**

**APPOINTMENT**
Urgently required **DRIVER** for domestic purpose in Bhubaneswar.
Contact:
**9937203178**

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
For Apply Contact
**7894509327**

**ଆବଶ୍ୟକ** ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି। **ମାର୍କେଟିଂ ମ୍ୟାନେଜର (୧), ସେଲ୍ସ ଏକ୍‌ଜିକ୍ୟୁଟିଭ୍ (୫), ଲ୍ୟାବ୍ ଟେକ୍‌ନିସିଆନ୍ (୧), ପ୍ରୋକୋରମେଣ୍ଟ ଅଫିସର (୨), ଡ୍ରାଇଭର (୨)।** ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
**ଯୋଗାଯୋଗ: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲି., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭**
**Email ID: pratichidairyproducts@gmail.com**

# ସପ୍ତଶଯ୍ୟା–ଢେଙ୍କାନାଳ ବସ୍ ଚଳାଚଳ ଦାବି

**ଢେଙ୍କାନାଳ ଅଫିସ, ୨୮।୯**

ଢେଙ୍କାନାଳ ଜିଲାର ସପ୍ତଶଯ୍ୟା ପଞ୍ଚାୟତରୁ ଢେଙ୍କାନାଳ ସହରକୁ ବସ୍ ଚଳାଚଳ କରିବା ପାଇଁ ଅଞ୍ଚଳର କଲେଜ ପଢୁଆ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ନେଇ ସେମାନେ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସପ୍ତଶଯ୍ୟା ପଞ୍ଚାୟତଠାରୁ ଢେଙ୍କାନାଳ ମହିଳା କଲେଜ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୂରତା ୧୦ କିଲୋମିଟର। ବସ୍ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ କଲେଜ ଆସିବାକୁ ସମସ୍ୟାରେ ପଡୁଛନ୍ତି। ଅଟୋରିକ୍ସା ଚାଳକମାନେ ଅଧିକ ଭଡ଼ା ଦାବି କରୁଛନ୍ତି। ଏଥିରେ ଗରିବ ପିଲା ନୟାନ୍ତ ହେଉଛନ୍ତି। ତେଣୁ କଲେଜ ସମୟରେ ଏକ ବସ୍ ଚଳାଚଳ କରାଇବା ପାଇଁ ଛାତ୍ରୀ ସୁଜାତା ସାହୁ, ଭାରତୀ ଗୋଛି, ଅର୍ଚ୍ଚନା ବେହେରା, ସ୍ୱର୍ଣ୍ଣଲତା ଦେହୁରୀ, ପୁଷ୍ପିତା ସାହୁ, ସ୍ୱାଗତିକା ମହାରଣା ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।


ବସ୍ ଚଳାଚଳ କରିବାକୁ ଛାତ୍ରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ମାଡ଼ି ବସିଲା ଘର କାନ୍ଥ

### ଶାଶୁ ମୃତ, ବୋହୂ ଗୁରୁତର

**କାମାକ୍ଷାନଗର,୨୮।୯(ଡି.ଏନ୍.ଏ.)**

ଲଗାଣବର୍ଷାରେ ଭିଜି ଦୁର୍ବଳ ହୋଇଯାଇଥିବା ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିଲା। ଏହା ତଳେ ଚାପି ହୋଇ ଚାଲିଗଲା ଶାଶୁଙ୍କ ଜୀବନ। ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ବୋହୂ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତା ହେଲେ ତରାଜଙ୍ଗ ଗ୍ରାମର କଦଳୀ ସାହୁ (୭୩)। ଗୁରୁତର ବୋହୂ ରୀନା ସାହୁ (୪୨) କାମାକ୍ଷାନଗର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଲଗାଣବର୍ଷାରେ ଉକ୍ତ ଘର କାନ୍ଥ ପାଣିରେ ବତୁରି ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିଲା। ସୋମବାର ବିଳମ୍ବିତ ରାତିରେ ଘର ଲୋକେ ଶୋଇଥିବାବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଉଭୟ ଶାଶୁ-ବୋହୂ ଚାପି ହୋଇଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଶ୍ୱାସରୁଦ୍ଧ ହୋଇ କଦଳୀ ସାହୁଙ୍କ ମୃତ୍ୟୁ ହୋଇସାରିଥିଲା। ରୀନାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେ ଏବେ ଚିକିତ୍ସାଧୀନ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। କଙ୍କଡ଼ାହାଡ଼ ପୋଲିସ, ବୀରାଶାଳା ରାଜସ୍ୱ ନିରୀକ୍ଷକ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ନିୟମ ଅନୁଯାୟୀ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ନିରୀକ୍ଷକ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀପୂଜା ପାଇଁ ଶାନ୍ତି କମିଟି ଗଠିତ



**ଢେଙ୍କାନାଳ ଅଫିସ, ୨୮।୯**

ଢେଙ୍କାନାଳ ଗଣପର୍ବ ଲକ୍ଷ୍ମୀପୂଜା ପାଇଁ ଶାନ୍ତି କମିଟି ଗଠିତ ହୋଇଛି। ସୋମବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ମିନାବଜାର ସଭାଗୃହରେ ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ନବକିଶୋର ଗୁରୁ ସର୍ବସମ୍ମତିକ୍ରମେ ଶାନ୍ତିକମିଟି ସଭାପତି ଭାବେ ଚୟନ ହୋଇଛନ୍ତି। ଦୀପକ ପ୍ରସାଦ ପଟ୍ଟନାୟକ, ଚକ୍ରଧର ନାୟକ, ସୁଧାଂଶୁ ଦଳେଇ, ନିରୋଦ ସାହୁ, ନିଶାକର ସାହୁ, ନିତ୍ୟାନନ୍ଦ ସାହୁ, ବସନ୍ତ କୁମାର ରଥ, ଗୋପାଳ ସାହୁ, ରଙ୍ଗାଧର ପାତ୍ର, ବିନୋଦ ମହାନ୍ତି, ଜ୍ୟୋତିରଞ୍ଜନ ମହାପାତ୍ର, ମିହିର ପ୍ରଧାନ, ଜ୍ଞାନ ମିଶ୍ର, ବ୍ରହ୍ମାନନ୍ଦ ଦାସ, ଅବଦୁଲ ଚାନ୍ ଖାଁ, ଗୋପାଳ ପାତ୍ର, ସଞ୍ଜୀବ ମଲ୍ଲିକ, ରୁଦ୍ରନାରାୟଣ ତ୍ରିପାଠୀ, ସତ୍ୟସ୍ୱରୂପ ଦାସ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ମିନାବଜାର ପୂଜା ପ୍ରତିଷ୍ଠାନ ସଭାପତି ରବିନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମିଳିତବଜାର ପୂଜା କମିଟି ସମ୍ପାଦକ ପୀତବାସ ସାହୁ ସହଯୋଗ କରିଥିଲେ।

# ଓମ୍‌ସାର ଆନ୍ଦୋଳନ ଚେତାବନୀ

- ଡାକ୍ତରଙ୍କୁ ଦୁର୍ବ୍ୟବହାର ମାମଲା
- ଜିଲାପାଳ, ଏସ୍‌ପିଙ୍କୁ ଦାବିପତ୍ର

**ଢେଙ୍କାନାଳ ଅଫିସ, ୨୮।୯**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଦେଖାକୁ କେନ୍ଦ୍ରକରି ଡାକ୍ତର ରାଜକିଶୋର ସେଠୀ ଏବଂ ପୂର୍ବତନ ନଗରପାଳ ମୋନିକା ଶର୍ମାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଜଟିଳ ରୂପ ଧାରଣ କରିଛି। କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ପୂର୍ବତନ ନଗରପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ (ଓମ୍‌ସା) ଜିଲା ଶାଖା ପକ୍ଷରୁ ଦାବି କରାଯାଇଛି। ସଂଘର ଜିଲା ଶାଖା ସମ୍ପାଦକ ଡା. ପ୍ରଦ୍ୟୋତ ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଡାକ୍ତର ସେଠୀ ଏବଂ ଅନ୍ୟ ସଦସ୍ୟମାନେ ଜିଲାପାଳ, ଏସ୍‌ପିଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୁକ୍ତାଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଓମ୍‌ସା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଏ ସମ୍ପର୍କରେ ରାଜ୍ୟ ସଂଘକୁ ଅବଗତ କରାଯାଇଥିବା ସମ୍ପାଦକ ସୂଚନା ଦେଇଛନ୍ତି। ଅନ୍ୟପଟେ ଅଯଥାରେ ବିବାଦକୁ ରାଜନୈତିକ ରୂପ ଦିଆଯାଉଥିବା ମୋନିକା ପ୍ରତିକ୍ରିୟାରେ କହିଛନ୍ତି।

ଘଟଣା ସମ୍ପର୍କରେ ଡା. ରାଜକିଶୋର ସେଠୀ କୁହନ୍ତି, ମୋନିକା ଶର୍ମା ଆଉଟ ଡୋର ଟିକେଟ ନ କାଟି ପୁଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଆସିଥିଲେ। ତଥାପି ସୌଜନ୍ୟତା ଦୃଷ୍ଟିରୁ ସେ ପରୀକ୍ଷା କରୁଥିଲେ। ଏହାସତ୍ତ୍ୱେ ପୂର୍ବରୁ ଦେଖାଇଥିବା ଡାକ୍ତରଙ୍କୁ ମୋନିକା ଗାଳିଗୁଲଜ କରିଥିଲେ। ଏଥିରୁ ନିବୃତ୍ତ ରହିବାକୁ କହିବା ପରେ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାରିବାକୁ ଚପଲ ଉଠାଇଥିଲେ। ତେଣୁ ଭୟରେ ସିଡିଏମ୍‌ଓଙ୍କ ଅଫିସ ପ୍ରକୋଷ୍ଠକୁ ପଳାଇ ଆସିଥିଲେ। ସମସ୍ତ ଘଟଣାବଳୀ ବିଷୟରେ ସିଡିଏମ୍‌ଓ ଓ ଓମ୍‌ସା ଜିଲା ଶାଖାକୁ ଜଣାଇଥିଲେ। ପୂର୍ବତନ ନଗରପାଳ ମୋନିକା ନିଜ ପ୍ରତିକ୍ରିୟାରେ କୁହନ୍ତି, ପୁଅକୁ ଜ୍ୱର ହୋଇଥିବା ଯୋଗୁ ସେ ୩ ଦିନ ଧରି ଡାକ୍ତର ରାଜକିଶୋର ସେଠୀଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଡାକ୍ତର ତାଙ୍କୁ କ୍ଲିନିକକୁ ଆସିବା ପାଇଁ କହିଥିଲେ। କ୍ଲିନିକକୁ ଯିବାବେଳେ ତାଙ୍କୁ ୩୬ନଂ. ସିରିଆଲ ମିଳିଥିଲା। କ୍ଲିନିକ ଦାୟିତ୍ୱରେ ଥିବା ଜଣେ ବ୍ୟକ୍ତି ଡାକ୍ତର କେବଳ ୩୫ଜଣ ରୋଗୀଙ୍କୁ ଦେଖିବେ ବୋଲି କହିଥିଲେ। ବୁଝିବା ପରେ ଡାକ୍ତର ସେଠୀ ଜିଲା ଚିକିତ୍ସାଳୟରେ ଥିବା ସୂଚନା ମିଳିଥିଲା। ଏହାପରେ ପୁଅକୁ ନେଇ ଡାକ୍ତରଖାନା ଯାଇଥିଲେ। ପୁଅ ସ୍ୱାସ୍ଥ୍ୟ ସମ୍ପର୍କରେ ଡାକ୍ତରଙ୍କୁ ବୁଝାଇବାକୁ ଚେଷ୍ଟା କରିବା ବେଳେ ସେ କ୍ଲିନିକ୍‌କୁ ଆସିବା ବଦଳରେ ଏଠାକୁ କାହିଁକି ଆସିଛ ବୋଲି ପଚାରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପୁଅର ସ୍ୱାସ୍ଥ୍ୟ ପରୀକ୍ଷା କରିବେ ନାହିଁ କହି ଡାକ୍ତର ପ୍ରେସ୍କ୍ରିପଶନ ଫୋପାଡ଼ି ଦେଇ ପଳାଇଥିଲେ। ରାଜନୈତିକ ଫାଇଦା ପାଇଁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିବାଦ ବଢ଼ାଉଥିବା ମୋନିକା କହିଛନ୍ତି। ଅନ୍ୟପଟେ ଡାକ୍ତର ସେଠୀ ଏବଂ ମୋନିକାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାଧିକାରୀ ନମିତା ନାୟକ କୁହନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଓମ୍‌ସା ଶାଖାର ଡାକ୍ତର ଓ କର୍ମଚାରୀମାନେ ଏସ୍‌ପିଙ୍କୁ ଭେଟି ଫେରୁଛନ୍ତି।

FORM No.13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 948 OF 2019**
**Canara Bank, Puri Branch................................ Applicant**
**- Versus -**
**M/s. Banabasi Sahu and another........................Defendants**
**To**
Defendant No. (1) M/s. Banabasi Sahu, Prop. Sri Banabasi Sahu, Grand Centre, Grand Road, P.O./Dist.- Puri, Pin-752002.
(2) Sri Banabasi Sahu, S/o. Sri Adwaita Charan Sahu, Markandeswar Sahi, Mangala Ghat, Grand Road, P.O./Dist.- Puri, Pin-752002.
(3) Smt. Sabitri Mohanty, W/o. Sri Chitrasen Routray, At- Siddhamahavir, Gaudasahi, Kumbharapara, P.O./Dist.- Puri(Odisha), Pin-752001.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 948/2019** in the Court of the Debts Recovery Tribunal, Cuttack for recovery of Rs. 46,31,243/- only together with current and future interest costs and other reliefs. The above-mentioned defendants are therefore directed to appear before this Tribunal in person of through an advocate or duly authorized agent in support of their defense to show cause within 30 days from the date of publication or on 03.11.2021 at 10.30 A.M. as to why reliefs prayed for should not be granted.
Take notice that, in case of default the application will be heard and determined in their absence.
Given under my hand and seal of this Tribunal on this 30th day of Aug' 2021.
**Sd./- REGISTRAR**
**DEBTS RECOVERY TRIBUNAL, CUTTACK**

FORM No.13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 947 OF 2019**
**Canara Bank, Puri Branch................................ Applicant**
**- Versus -**
**Sri Banabasi Sahu and anothers........................Defendants**
**To**
Defendant No. (1) Sri Banabasi Sahu, S/o. Sri Adwaita Charan Sahu, Markandeswar Sahi, Mangala Ghat Road, Baseli Sahi, P.O./Dist.- Puri, Pin-752001.
(2) Smt. Puspanjali Sahu, W/o. Sri Banabasi Sahu, At- Mangala Ghat Road, Baseli Sahi, P.O./Dist- Puri, Pin-752001.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 947/2019** in the Court of the Debts Recovery Tribunal, Cuttack for recovery of Rs. 42,16,698/- only together with current and future interest costs and other reliefs. The above-mentioned defendants are therefore directed to appear before this Tribunal in person of through an advocate or duly authorized agent in support of their defense to show cause within 30 days from the date of publication or on 03.11.2021 at 10.30 am as to why reliefs prayed for should not be granted.
Take notice that, in case of default the application will be heard and determined in their absence.
Given under my hand and seal of this Tribunal on this 30th day of Aug'2021.
**Sd./- REGISTRAR**
**DEBTS RECOVERY TRIBUNAL, CUTTACK**

**'ଦୀର୍ଘଦିନ ରହିବ କୋଭିଡ୍ ସଂକ୍ରମଣ'**

କରୋନା ଭୂତାଣୁ ସଂକ୍ରମଣ ଦୀର୍ଘଦିନ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ଦକ୍ଷିଣପୂର୍ବ ଏସିଆର ଆଞ୍ଚଳିକ ନିର୍ଦ୍ଦେଶକ ପୁନମ୍ କ୍ଷେତ୍ରପାଲ ସିଂ କହିଛନ୍ତି। ତେବେ ଏହା ଏଣ୍ଡେମିକ୍ ହେବା ନେଇ ଟିକାକରଣ ଏବଂ ପୂର୍ବ ସଂକ୍ରମଣ ଯୋଗୁ ହୋଇଥିବା ରୋଗ ପ୍ରତିରୋଧ କ୍ଷମତା ନିର୍ଣ୍ଣୟ କରିବ ବୋଲି ସେ କହିଛନ୍ତି। ଭୂତାଣୁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ସ୍ଥିତିକୁ ଆଣିବାକୁ ହେବ। ଏଣ୍ଡାମିକ୍ ବା ମହାମାରୀ ସ୍ଥିତିଠାରୁ ଏଣ୍ଡେମିକ ଭିନ୍ନ। ଏଣ୍ଡେମିକ୍ ସ୍ଥିତି ହେଉଛି ଯେଉଁଠି ଲୋକେ ଭୂତାଣୁ ସହ ରହିବା ଶିଖିଯାଇଥାନ୍ତି।

## ସଂକ୍ଷେପରେ

### ପିଲାଙ୍କ ଉପରେ ନୋଭାଭାକ୍ସ ପରୀକ୍ଷା ପାଇଁ ସିରମ୍‌କୁ ଅନୁମତି




**ନୂଆଦିଲ୍ଲୀ, ୨୮।୯:** ଆମେରିକାର ନୋଭାଭାକ୍ସ କରୋନା ଟିକାକୁ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ୭-୧୧ ବର୍ଷ ବୟସ ପିଲାଙ୍କ ଉପରେ ପରୀକ୍ଷଣ ନିମନ୍ତେ ଭାରତର ଡ୍ରଗ୍ ନିୟନ୍ତ୍ରକ ମଙ୍ଗଳବାର ଅନୁମତି ଦେଇଛନ୍ତି। ଏଥିସହ ସିରମ ଇନ୍‌ଷ୍ଟିଚ୍ୟୁଟ୍ ନୋଭାଭାକ୍ସର ଶଟ୍ କୋଭୋଭାକ୍ସକୁ ଭାରତରେ ପ୍ରସ୍ତୁତ କରି ୧୨-୧୭ ବର୍ଷୀୟ ପିଲାଙ୍କ ଉପରେ ଟ୍ରାଏଲ ଚଲାଇଛି। ଏ ପର୍ଯ୍ୟନ୍ତ କେବଳ ଜାଇଡସ୍ କାଡିଲାର ଡିଏନ୍ଏ କୋଭିଡ୍ ଭାକ୍ସିନକୁ ୧୨ରୁ ଉର୍ଦ୍ଧ୍ୱ ବୟସ ବର୍ଗଙ୍କ ପାଇଁ ଜରୁରିକାଳୀନ ବ୍ୟବହାର ନିମନ୍ତେ ଭାରତରେ ଅନୁମତି ମିଳିଛି।

### ସିଙ୍ଗାପୁର ଲୋକ ସଂଖ୍ୟାରେ ଦ୍ରୁତ ହ୍ରାସ

**ସିଙ୍ଗାପୁର, ୨୮।୯:** ସିଙ୍ଗାପୁର ଲୋକସଂଖ୍ୟାରେ ଦ୍ରୁତ ହ୍ରାସ ଘଟୁଛି। ଚଳିତ ବର୍ଷ ଜୁନ୍‌ରେ ଏହି ସଂଖ୍ୟା ୪.୧ ପ୍ରତିଶତ ହ୍ରାସ ପାଇ ୫୪.୫ ଲକ୍ଷରେ ପହଞ୍ଚିଛି। ୧୯୭୦ରେ ଜନଗଣନା ଆରମ୍ଭ ହେବାଠାରୁ ଏହା ସର୍ବାଧିକ ହ୍ରାସ। କୋଭିଡ୍-୧୯ ଜନିତ ଯାତାୟାତ କଟକଣା ଯୋଗୁ ପ୍ରବାସୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ସେହିପରି ମହାମାରୀ ଯୋଗୁ ବିଦେଶୀ ନିଯୁକ୍ତି କମିବା ସହ ଆର୍ଥିକ ଅନିଶ୍ଚିତତା ଦେଖାଦେଇଛି। ପ୍ରଥମ ଥର ପାଇଁ ଉଭୟ ନାଗରିକ ଓ ସ୍ଥାୟୀ ବାସିନ୍ଦା ସଂଖ୍ୟା କମୁଥିବା ଦେଖାଯାଇଛି। ନାଗରିକ ସଂଖ୍ୟା ୦.୭ ପ୍ରତିଶତ ହ୍ରାସ ପାଇ ୩୫ ଲକ୍ଷରେ ପହଞ୍ଚିଥିବାବେଳେ ସ୍ଥାୟୀ ବାସିନ୍ଦା ସଂଖ୍ୟା ୬.୨ ପ୍ରତିଶତ କମି ୪,୯୦,୦୦୦ ହୋଇଛି।

### ପାକିସ୍ତାନରେ ଗୋଟିଏ ପିଅନ ପଦବୀ ପାଇଁ ୧୫ ଲକ୍ଷ ଆବେଦନ

**ଇସ୍‌ଲାମାବାଦ, ୨୮।୯:** ପାକିସ୍ତାନର ଏକ ହାଇକୋର୍ଟରେ ଗୋଟିଏ ପିଅନ ପଦବୀ ପାଇଁ ନିକଟରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ଏମ୍‌ଫିଲ୍ ଡିଗ୍ରୀଧାରୀଙ୍କ ସମେତ ୧୫ ଲକ୍ଷ ଆଶାୟୀ ଆବେଦନ କରିଥିବା ଜଣାପଡ଼ିଛି। ପାକିସ୍ତାନରେ ବେରୋଜଗାରୀ ସ୍ଥିତି ଉତ୍କଟ ହୋଇଛି। ସେଠାରେ ଶିକ୍ଷିତ ଜନସଂଖ୍ୟାର ଅନ୍ୟୁନ ୨୪ ପ୍ରତିଶତଙ୍କ ହାତରେ କାମ ନାହିଁ। ଅଣ୍ଡରଗ୍ରାଜୁଏଟ୍ ଓ ଗ୍ରାଜୁଏଟ୍‌ଙ୍କ ମଧ୍ୟରୁ ୪୦ ପ୍ରତିଶତ ବେକାର। ପାକିସ୍ତାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଭେଲପମେଣ୍ଟ ଇକୋନୋମିକ୍ସ (ପିଆଇଡିଇ) ଅନୁଯାୟୀ ଦେଶରେ ୧୬ ପ୍ରତିଶତରୁ ଅଧିକ ବେରୋଜଗାର। ଦେଶରେ ବେରୋଜଗାରୀ ହାର ୬.୫ ପ୍ରତିଶତ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହୁଥିବାବେଳେ ଗୋଟିଏ ପିଅନ ପଦବୀ ପାଇଁ ୧୫ ଲକ୍ଷ ଆବେଦନ କରିବା ବାସ୍ତବ ସ୍ଥିତିକୁ ପଦାରେ ପକାଇ ଦେଇଛି।

# ପଞ୍ଜାବ କଂଗ୍ରେସରେ ସଙ୍କଟ

## ସିଦ୍ଧୁ ଜଣେ ମାନବ ବୋମା, ଯୁଆଡ଼େ ଯିବେ ବିସ୍ଫୋରଣ କରିବେ: ଅକାଳୀ ଦଳ

**ଚଣ୍ଡିଗଡ଼/ନୂଆଦିଲ୍ଲୀ,୨୮।୯**

କ୍ରିକେଟରରୁ ରାଜନେତା ସାଜିଥିବା ନବଜୋତ୍ ସିଂ ସିଦ୍ଧୁ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବା ପରେ ପଞ୍ଜାବ ରାଜନୀତିରେ ଅନିଶ୍ଚିତତା ଦେଖାଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ସିଦ୍ଧୁଙ୍କ ଇସ୍ତଫା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ଦିଲ୍ଲୀରେ ପହଞ୍ଚିବା ପରେ ସେ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଅମରିନ୍ଦର କହିଛନ୍ତି, ପଞ୍ଜାବର ଦ୍ରୁତ ପରିବର୍ତ୍ତନଶୀଳ ଘଟଣାକ୍ରମ ଉପରେ ନଜର ରଖିଛନ୍ତି। ଖୁବ୍‌ଶୀଘ୍ର ସେ ବଡ଼ ଘୋଷଣା କରିପାରନ୍ତି। ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ସିଦ୍ଧୁ କଂଗ୍ରେସ ଛାଡ଼ି ଅନ୍ୟ ଦଳରେ ସାମିଲହେବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି।

ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ପଦରୁ ସିଦ୍ଧୁଙ୍କ ଇସ୍ତଫା ପରେ ତାଙ୍କର ୪ ସହଯୋଗୀ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଚନ୍ନି କ୍ୟାବିନେଟରୁ ମନ୍ତ୍ରୀ ରଜିଆ ସୁଲତାନା ଇସ୍ତଫା ଦେଇଥିବାବେଳେ ପିପିସିସି ସାଧାରଣ ସମ୍ପାଦକ ପର୍ଗତ ସିଂ ଏବଂ କୋଷାଧ୍ୟକ୍ଷ ଗୁଲଜାର ଚଲାଲ ମଧ୍ୟ ନିଜ ନିଜ ପଦ ଛାଡ଼ିଛନ୍ତି। ସେହିପରି ଦଳର ସାଧାରଣ ସମ୍ପାଦକ ଯୋଗିନ୍ଦର ଧିଙ୍ଗ୍ରା ମଧ୍ୟ ଇସ୍ତଫା ଦେଇଛନ୍ତି। ସିଦ୍ଧୁ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ପ୍ରଶଂସା କରିଥିବାରୁ ସେ ଦିଲ୍ଲୀରେ କ୍ଷମତାସୀନ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି। ଶିରୋମଣି ଅକାଳୀ ଦଳ ମୁଖପାତ୍ର ମଜିନ୍ଦର ସିଂ ଶିର୍ଷା ସିଦ୍ଧୁଙ୍କୁ ଏକ 'ମାନବ ବୋମା' ଭାବେ ଅଭିହିତ କରିଛନ୍ତି। ସିଦ୍ଧୁ ଏପରି ଜଣେ ମାନବ ବୋମା ଯେ ସେ ଯୁଆଡ଼େ ଯିବେ ବିସ୍ଫୋରଣ କରିବେ ବୋଲି ଶିର୍ଷା କହିଛନ୍ତି। ପଞ୍ଜାବ କଂଗ୍ରେସରେ ସୃଷ୍ଟି ହୋଇଥିବା ସଙ୍କଟକୁ ନେଇ ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଙ୍ଗଳବାର ଲକ୍ଷ୍ନୌ ଗସ୍ତ ବାତିଲ କରିଦେଇଛନ୍ତି।



ଚଣ୍ଡିଗଡରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି।

## କଂଗ୍ରେସରେ କହ୍ନେୟା କୁମାର

**ନୂଆଦିଲ୍ଲୀ, ୨୮।୯**



ପୂର୍ବତନ ଛାତ୍ରନେତା କହ୍ନେୟା କୁମାର ମଙ୍ଗଳବାର କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଦଳର ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ତାଙ୍କୁ ଦଳରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଜରାଟର ଦଳିତ ନେତା ଜିଗ୍ନେଶ ମେଭାନି ଉପସ୍ଥିତ ଥିଲେ। ବୈଷୟିକ କାରଣରୁ ସେ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗ ଦେଇ ନ ଥିଲେ ହେଁ ଦଳକୁ ସମର୍ଥନ କରିବେ ବୋଲି କହିଛନ୍ତି। କଂଗ୍ରେସ ଏକ ଦଳ ନୁହେଁ ଏକ ଚିନ୍ତାଧାରା। ଏହା ଦେଶର ସର୍ବପୁରାତନ ଓ ସବୁଠୁ ଗଣତାନ୍ତ୍ରିକ ପାର୍ଟି। ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରାର ଲୋକେ ଦେଶର ମୂଲ୍ୟବୋଧ, ସଂସ୍କୃତି, ଇତିହାସ ଓ ଭବିଷ୍ୟତକୁ ଧ୍ୱଂସ କରିଦେବାକୁ ଉଦ୍ୟମ ଚଳାଇଥିବା ସେ ଅନୁଭବ କରିଥିଲେ। କଂଗ୍ରେସ ବିନା ଦେଶ ତିଷ୍ଠି ରହିପାରିବ ନାହିଁ ବୋଲି ତାଙ୍କ ସମେତ କୋଟି କୋଟି ଯୁବବର୍ଗ ଅନୁଭବ କରୁଥିବା କହ୍ନେୟା କହିଛନ୍ତି। ସୂଚନାଯୋଗ୍ୟ, ଜେଏନ୍‌ୟୁ ଛାତ୍ରସଂସଦର ପୂର୍ବତନ ସଭାପତି କହ୍ନେୟା କୁମାର ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ରେ ସାମିଲ ହୋଇଥିଲେ। ସେ ବିହାରର ବେଗୁସରାଇ ଆସନରୁ ଲଢ଼ି ଭାଜପା ପ୍ରାର୍ଥୀ ଗିରିରାଜ ସିଂଙ୍କଠାରୁ ହାରିଯାଇଥିଲେ। ୨୦୧୬ରେ ପାର୍ଲାମେଣ୍ଟ ଆକ୍ରମଣର ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କ ମୃତ୍ୟୁବାର୍ଷିକୀରେ ଦେଶବିରୋଧୀ ସ୍ଲୋଗାନ ଦେବା ଅଭିଯୋଗରେ କହ୍ନେୟା ଜେଲ୍ ଯାଇଥିଲେ।

## ମାସେ ବଢ଼ିଲା କୋଭିଡ୍ କଟକଣା

**ନୂଆଦିଲ୍ଲୀ, ୨୮।୯**

କେତେକ ରାଜ୍ୟର ନିର୍ଦ୍ଦିଷ୍ଟ ଅଞ୍ଚଳରେ କରୋନା ସଂକ୍ରମଣ ବଢ଼ୁଥିବାବେଳେ ଏବେ ବି ଏହା ଜନସ୍ୱାସ୍ଥ୍ୟ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କୋଭିଡ୍-୧୯ କଟକଣାକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଅକ୍ଟୋବର ପାର୍ବଣ ଋତୁ ହୋଇଥିବାରୁ କୋଭିଡ୍ ଗାଇଡ୍‌ଲାଇନ ପାଳନକୁ କଡ଼ାକଡ଼ି କରିବା ପାଇଁ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ପାର୍ବଣ ସମୟରେ କଟକଣା କୋହଳ ହେଲେ ସଂକ୍ରମଣ ପୁଣିଥରେ ବଢ଼ିପାରେ। ତେଣୁ କୌଣସି ପ୍ରକାର ଜନସମାଗମକୁ ଅନୁମତି ନ ଦେବାକୁ ପରାମର୍ଶ ଦିଆଯାଇଛି। ସଂକ୍ରମଣ ହାର, ହସ୍ପିଟାଲରେ କୋଭିଡ୍ ରୋଗୀ ସଂଖ୍ୟା ଆଦି ସମ୍ପର୍କରେ ନିୟମିତ ଅନୁଧ୍ୟାନ କରିବା ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କୁହାଯାଇଛି। ଅଧିକ ପଜିଟିଭିଟି ହାର ଥିବା ଜିଲାରେ ସଂକ୍ରମଣ କମାଇବା ପାଇଁ ଉପଯୁକ୍ତ କଣ୍ଟେନମେଣ୍ଟ ପଦକ୍ଷେପ ନେବାକୁ ଅନୁମତି ଦିଆଯାଇଛି। ଟେଷ୍ଟିଂ, ଟ୍ରାକିଂ, ଟ୍ରିଟ୍‌ମେଣ୍ଟ, ଟିକା ଏବଂ କୋଭିଡ୍‌ରୁ ସୁରକ୍ଷା ପାଇଁ ସୁରକ୍ଷା ନିୟମ ପାଳନ ଉପରେ ଗୁରୁତ୍ୱ ଦେବାକୁ ହେବ। ସମସ୍ତ ଯୋଗ୍ୟ ହିତାଧିକାରୀ ଯେପରି ଟିକା ନେଇପାରିବେ ସେଥିପାଇଁ ଟିକାକରଣ କାର୍ଯ୍ୟକ୍ରମ ବଢ଼ାଇବାକୁ କୁହାଯାଇଛି। ପ୍ରାୟ ୨୦୦ ଦିନ ପରେ ଦେଶରେ ଦୈନିକ ସଂକ୍ରମଣ ୨୦ ହଜାର ତଳେ ରହିଛି ଏବଂ ସକ୍ରିୟ ମାମଲା ସଂଖ୍ୟା ୨,୯୨,୨୦୬କୁ ହ୍ରାସ ପାଇଛି।

## ଅକ୍ଟୋବର ୩୦ରେ ୩ ଲୋକ ସଭା, ୩୦ ବିଧାନସଭା ଆସନରେ ଉପନିର୍ବାଚନ

**ନୂଆଦିଲ୍ଲୀ, ୨୮।୯(ପି.ଟି.)**

୧୪ଟି ରାଜ୍ୟରେ ଖାଲି ପଡ଼ିଥିବା ୩ ଲୋକ ସଭା ଆସନ ଏବଂ ୩୦ ବିଧାନସଭା ଆସନ ଲାଗି ଅକ୍ଟୋବର ୩୦ରେ ଉପନିର୍ବାଚନ ଅନୁଷ୍ଠିତ ହୋଇ ନଭେମ୍ବର ୨ରେ ଭୋଟଗଣତି ହେବ। ମଙ୍ଗଳବାର ନିର୍ବାଚନ କମିଶନ (ଇସି) ଏହା ଘୋଷଣା କରିଛନ୍ତି। ମଧ୍ୟପ୍ରଦେଶର ଖଣ୍ଡୱା, ହିମାଚଳପ୍ରଦେଶର ମଣ୍ଡି ଏବଂ ଦାଦ୍ରା ଓ ନଗର ହାଭେଲି ଲୋକ ସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ମଣ୍ଡି ନିର୍ବାଚନ ମଣ୍ଡଳୀରୁ ଏମ୍‌ପି ଥିବା ଭାଜପାର ରାମସ୍ୱରୂପ ଶର୍ମାଙ୍କର ଗତ ମାର୍ଚ୍ଚରେ ପରଲୋକ ଘଟିଥିଲା। ସେହିପରି ଖଣ୍ଡୱାର ଭାଜପା ଏମ୍‌ପି ନନ୍ଦକୁମାର ସିଂ ଚୌହାନ ଏବଂ ଦାଦ୍ରା ନଗର ହାଭେଲି ଏମ୍‌ପି ମୋହନ ଦେଲକାରଙ୍କର ପରଲୋକ ହୋଇଥିଲା।

ଉପନିର୍ବାଚନ ହେବାକୁ ଥିବା ୩୦ ବିଧାନସଭା ଆସନ ମଧ୍ୟରୁ ଆସାମରେ ୫ଟି ଥିବାବେଳେ ପଶ୍ଚିମବଙ୍ଗରେ ୪, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ ଏବଂ ମେଘାଳୟରେ ୩ଟି ଲେଖାଏ, ବିହାର, କର୍ଣ୍ଣାଟକ, ରାଜସ୍ଥାନରେ ୨ଟି ଲେଖାଏ ଏବଂ ଆନ୍ଧ୍ରପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ମିଜୋରାମ, ନାଗାଲାଣ୍ଡ ଓ ତେଲଙ୍ଗାନାରେ ଗୋଟିଏ ଲେଖାଏ ଆସନ ରହିଛି। ନିର୍ବାଚନ କମିଶନ ସମସ୍ତ ନିର୍ବାଚନ ମଣ୍ଡଳୀରେ ମହାମାରୀ, ବନ୍ୟା, ଉତ୍ସବ ଏବଂ ଅନ୍ୟାନ୍ୟ ସ୍ଥିତିକୁ ବିଚାରକୁ ନେଇ ଅକ୍ଟୋବର ୩୦ରେ ଉପନିର୍ବାଚନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି।



ବିଏସ୍ଏଫ୍ ଯବାନମାନେ ଭାରତ-ପାକିସ୍ତାନ ସୀମା ଚେନାବ ନଦୀରେ ବୋଟ୍ ଯୋଗେ ପାଟ୍ରୋଲିଂ କରୁଛନ୍ତି।

## ପାକ୍ ଆତଙ୍କବାଦୀ ଗିରଫ, ଜଣେ ନିହତ

**ଶ୍ରୀନଗର, ୨୮।୯**



ଅଲି ବାବର ପାରା

ଜମ୍ମୁ-କଶ୍ମୀରର ଉରି ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣ ରେଖା(ଏଲ୍ଓସି)ରେ ସୁରକ୍ଷା ବଳର ଅନୁପ୍ରବେଶ ନିରୋଧୀ ଅଭିଯାନ ବେଳେ ଲଶ୍କର-ଇ-ତୋଇବା ସଂଗଠନର ଜଣେ ୧୯ ବର୍ଷୀୟ ପାକିସ୍ତାନୀ ଆତଙ୍କବାଦୀ ଗିରଫ ହୋଇଛନ୍ତି। ଅନ୍ୟ ଜଣେ ଆତଙ୍କବାଦୀ ସୁରକ୍ଷା ବଳ ଗୁଳିରେ ନିହତ ହୋଇଥିବାବେଳେ ୩ ଜଣ ଯବାନ ଆହତ ହୋଇଛନ୍ତି। ନିୟନ୍ତ୍ରଣ ରେଖା ନିକଟରେ ସନ୍ଦେହଜନକ ଗତିବିଧି ସେନା ନଜରକୁ ଆସିବା ପରେ ଗତ ୧୮ ତାରିଖରୁ ଅନୁପ୍ରବେଶ ନିରୋଧୀ ଅଭିଯାନ ଆରମ୍ଭ ହୋଇଥିଲା। ୨୬ ତାରିଖ ସକାଳେ ଅନୁପ୍ରବେଶକାରୀଙ୍କ ଏକ ୬ ଜଣିଆ ଗ୍ରୁପ୍ ଏହାକୁ ଚ୍ୟାଲେଞ୍ଜ କରିବାରୁ ଗୁଳିବିନିମୟ ହୋଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣ ପାକିସ୍ତାନ ପାର୍ଶ୍ୱରେ ଥିବାବେଳେ ୨ ଜଣ ଭାରତୀୟ ଅଞ୍ଚଳ ମଧ୍ୟକୁ ଚାଲିଆସିଥିଲେ। ସେମାନଙ୍କ ମଧ୍ୟରୁ ଅଲି ବାବର ପାରା ଜୀବନ୍ତ ଧରାପଡ଼ିଥିବାବେଳେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି।

## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

### ନିର୍ବାଚନ ପରବର୍ତ୍ତୀ ହିଂସା
### ସିବିଆଇ ତଦନ୍ତ ବିରୋଧରେ ପଶ୍ଚିମବଙ୍ଗର ଆବେଦନ

**ନୂଆଦିଲ୍ଲୀ, ୨୮।୯(ପି.ଟି.)**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହତ୍ୟା ଓ ବଳାତ୍କାର ମାମଲାଗୁଡ଼ିକର ସିବିଆଇ ତଦନ୍ତ ଅଦାଲତ ତତ୍ତ୍ୱାବଧାନରେ କରିବା ପାଇଁ କାଲ୍‌କାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମା ବିରୋଧରେ ପଶ୍ଚିମବଙ୍ଗ ସରକାରଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଏଭଳି ମାମଲାରେ ଅଧିକ ଏତଲା ଦାଏର ନ କରିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦେବା ନିମନ୍ତେ ଜଷ୍ଟିସ ବିନୀତ ସରଣ ଏବଂ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ମନା କରିଦେଇଛନ୍ତି। ଅନ୍ୟ ପକ୍ଷଙ୍କ ଜବାବ ନ ଶୁଣି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୭କୁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ ଗତ ମେ'ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଥିଲା। ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରାଯିବା ସହ ମହିଳାମାନେ ବଳାତ୍କାରର ଶିକାର ହୋଇଥିଲେ। ଅନେକ ଘର ଓ ଦୋକାନ ପୋଡ଼ାଜଳା ଲୁଟ୍‌ପାଟ ହୋଇଥିଲା। ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) କମିଟିର ସୁପାରିସକୁ ଗ୍ରହଣ କରି ହାଇକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ବଳାତ୍କାର ଓ ହତ୍ୟା ମାମଲାଗୁଡ଼ିକର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ହସ୍ତକ୍ଷେପ କରିବେନି ହାଇକୋର୍ଟ

### ଭବାନୀପୁର ଉପନିର୍ବାଚନ

**କୋଲକାତା, ୨୮।୯(ଆଇଏଏନ୍ଏସ୍)**

ପଶ୍ଚିମବଙ୍ଗର ଭବାନୀପୁର ଉପନିର୍ବାଚନ ତାରିଖ ସଂକ୍ରାନ୍ତରେ ହସ୍ତକ୍ଷେପ କରିବାକୁ କାଲ୍‌କାଟା ହାଇକୋର୍ଟ ସୋମବାର ମନା କରିଦେଇଛନ୍ତି। ଫଳରେ ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ତାରିଖରେ ମତଦାନ ପାଇଁ ଅନୁମତି ମିଳିଛି। ଏହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସ ପାଇଁ ବଡ଼ ଆଶ୍ୱସ୍ତି। ତେବେ ଶୀଘ୍ର ଉପନିର୍ବାଚନ କରା ନ ଗଲେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବ ବୋଲି ଭାରତର ନିର୍ବାଚନ କମିଶନଙ୍କ ନିକଟକୁ ପତ୍ର ଲେଖିଥିବା ପଶ୍ଚିମବଙ୍ଗ ମୁଖ୍ୟ ସଚିବ ଏଚ୍.କେ. ଦ୍ୱିବେଦୀଙ୍କୁ ଅଦାଲତ ସମାଲୋଚନା କରିଛନ୍ତି। ଏଭଳି ପତ୍ର ଲେଖିବା ତାଙ୍କ ପକ୍ଷେ ଠିକ୍ ନ ଥିଲା ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେଶ ବିନ୍ଦଲ କହିଛନ୍ତି। ଭବାନୀପୁର ଉପନିର୍ବାଚନକୁ ଇସି ପ୍ରାଥମିକତା ଦେଉଥିବାରୁ ଉକ୍ତ ଆସନର ଅନ୍ୟତମ ପ୍ରାର୍ଥୀ ସାୟନ ବାନାର୍ଜୀ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଭବାନୀପୁରରେ ୧୪୪ ଧାରା ଜାରି ହୋଇଛି।

## ଜମ୍ମୁ-କଶ୍ମୀର, ଲଦାଖରେ ହେବ ୩୧ ଟନେଲ

**ଗୁଲ୍‌ମାର୍ଗ, ୨୮।୯**



କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ମଙ୍ଗଳବାର ଜୋଜିଲା ଗିରିପଥରେ ଏସିଆର ଦୀର୍ଘତମ ଟନେଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜମ୍ମୁ-କଶ୍ମୀର ଓ ଲଦାଖ ୫୨ କିଲୋମିଟର ଦୂରତା ମଧ୍ୟରେ ୩୧ ଟନେଲ ନିର୍ମାଣ ହେବ ବୋଲି ଏହି ଅବସରରେ ଗଡ଼କରୀ ଘୋଷଣା କରିଛନ୍ତି। ଏହି ଟନେଲଗୁଡ଼ିକର କାର୍ଯ୍ୟ ଦୁଇବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଦେଶର ସର୍ବବୃହତ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟରୁ ଅନ୍ୟତମ ୧୪.୪ କିଲୋମିଟର ଦୀର୍ଘ ଜୋଜିଲା ଟନେଲ ୨୦୨୩ରେ ଶେଷ କରିବାକୁ ସେ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟନେଲ ଶ୍ରୀନଗର-କାର୍ଗିଲ-ଲେହ ଜାତୀୟ ରାଜପଥକୁ ସଂଯୋଗ କରିବ ଏବଂ ଦୂରତା ୪୦ କିଲୋମିଟରରୁ ୧୩ କିଲୋମିଟରକୁ ହ୍ରାସ ପାଇବ। ଏବେ ଏହି ଦୂରତା ଅତିକ୍ରମ କରିବାକୁ ଦେଢ଼ ଘଣ୍ଟା ସମୟ ଲାଗୁଥିବାବେଳେ ଜୋଜିଲା ଟନେଲ ସମ୍ପୂର୍ଣ୍ଣ ହେଲେ ୧୫ ମିନିଟ ଲାଗିବ। ଉକ୍ତ ଟନେଲଗୁଡ଼ିକ ସ୍ଥାନୀୟ ଅର୍ଥନୀତି ଓ ନିଯୁକ୍ତି ସୁଯୋଗ ବଢ଼ାଇବ ବୋଲି ଗଡ଼କରୀ କହିଛନ୍ତି। ୧.୪ ଲକ୍ଷ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ୩୧ଟି ଟନେଲ କାର୍ଯ୍ୟ ୨ ବର୍ଷରେ ଶେଷ ହେବ। ଜମ୍ମୁ-କଶ୍ମୀରର ୩୨ କିଲୋମିଟର ମଧ୍ୟରେ ୨୦ଟି ଏବଂ ଲଦାଖର ୨୦ କିଲୋମିଟର ମଧ୍ୟରେ ୧୧ଟି ଟନେଲ ରହିବ। ଉକ୍ତ ଅଞ୍ଚଳରେ ଶୀତଦିନେ ଓ ଖରାପ ପାଗରେ ଗମନାଗମନ ବାଧାପ୍ରାପ୍ତ ହେଉଥିବାବେଳେ ଉକ୍ତ ଟନେଲଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ସେସବୁ ଅସୁବିଧା ଦୂର ହେବା ସହ ପର୍ଯ୍ୟଟନର ବିକାଶ ହେବ ବୋଲି ଗଡ଼କରୀ କହିଛନ୍ତି।

# ବନ୍ୟାରେ ଉବୁଟୁବୁ ଥାଇଲାଣ୍ଡ

- ୬ ମୃତ, ୭୦ ହଜାର ଘର ପ୍ରଭାବିତ
- ଆକାଶ ମାର୍ଗରୁ ଖାଦ୍ୟ ଯୋଗାଣ
- ବଢ଼ିଲା ବ୍ୟାଙ୍କକ୍ ସୁରକ୍ଷା ଚିନ୍ତା

**ବ୍ୟାଙ୍କକ୍, ୨୮।୯**



ଝଡ଼ ଡାଇନାମୁ ଏବଂ ମୌସୁମୀଜନିତ ଲଗାଣ ବର୍ଷା ଯୋଗୁ ଥାଇଲାଣ୍ଡରେ ବନ୍ୟା ଆସିଛି। ଏଥିରେ ଦେଶର ୭୬ ପ୍ରଦେଶ ମଧ୍ୟରୁ କେନ୍ଦ୍ର, ଉତ୍ତର ଏବଂ ଉତ୍ତରପୂର୍ବରେ ଥିବା ପ୍ରାୟ ୩୦ ରାଜ୍ୟ ପ୍ରଭାବିତ ହୋଇଛି। ୭୦ ହଜାରରୁ ଉର୍ଦ୍ଧ୍ୱ ଘର ପାଣି ଘେରରେ ରହିଛି। ପାଣିରେ ଭାସିଯାଇ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ୨ ଜଣ ନିଖୋଜ ଥିବା ବିପର୍ଯ୍ୟୟ ନିରାକରଣ ଏବଂ କ୍ଷୟକ୍ଷତି ପୂରଣ ବିଭାଗ ପକ୍ଷରୁ କୁହାଯାଇଛି। ୭ଟି ରାଜ୍ୟରେ ସ୍ଥିତିରେ ସୁଧାର ଆସୁଥିବାବେଳେ ୨୩ଟିରେ ସ୍ଥିତି ଗମ୍ଭୀର ରହିଛି। ବିଶେଷକରି ଦେଶର କେନ୍ଦ୍ରାଞ୍ଚଳ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଆଗାମୀ ୩ ଦିନରେ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ବର୍ଷା ଲାଗିରହିପାରେ ବୋଲି ସେଠାକାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣି ଘେରରେ ଥିବା ଲୋକଙ୍କୁ ଆକାଶମାର୍ଗରୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଉଛି।

ରାଜଧାନୀ ବ୍ୟାଙ୍କକ୍‌କୁ ବନ୍ୟା କବଳରୁ ସୁରକ୍ଷିତ ରଖିବା ପାଇଁ ସେନା ନିୟୋଜିତ ହୋଇଛନ୍ତି। ସହର ମଧ୍ୟକୁ ପାଣି ନ ଆସିବା ପାଇଁ ବ୍ୟାରିୟର ନିର୍ମାଣ କରାଯିବା ସହ ବାଲି ବସ୍ତା ଗଦା କରାଯାଇଛି। ବ୍ୟାଙ୍କକ୍‌ଠାରୁ ଉତ୍ତରରେ ପ୍ରାୟ ୬୦ କି.ମି. ଦୂରରେ ଥିବା ଅୟୁଥାୟାରେ ପ୍ରତ୍ନତାତ୍ତ୍ୱିକ ଅବଶେଷ ଏବଂ ପଡ଼ୋଶୀ ଅଞ୍ଚଳର ସୁରକ୍ଷା ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ବ୍ୟାଙ୍କକ୍ ଦେଇ ପ୍ରବାହିତ ହେଉଥିବା ଚାଓ ଫରାୟା ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଉଦ୍ଧାରକାରୀ ଦଳ ଲୋକଙ୍କୁ ସେମାନଙ୍କ ଛାତ ଉପରୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି। ପ୍ରଧାନମନ୍ତ୍ରୀ ପ୍ରୟୁତ ଚାନ୍-ଓଚା ଏବଂ କ୍ୟାବିନେଟ୍ ସଦସ୍ୟମାନେ ସ୍ଥିତି ସମୀକ୍ଷା କରିବା ସହ ବନ୍ୟା ପ୍ରଭାବିତଙ୍କୁ ଭେଟିଛନ୍ତି। ୨୦୧୧ରେ ବ୍ୟାଙ୍କକ୍‌ରେ ଭୟଙ୍କର ବନ୍ୟା ହୋଇଥିଲା। ମାସ ମାସ ଧରି ଏହାର ପ୍ରଭାବ ଲାଗି ରହିଥିଲା। ଏଥିରେ ୫ ଶହରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ।

## ସଂକ୍ଷେପରେ

### ତମାଣ୍ଡୋ ସରକାରୀ ଶିକ୍ଷା ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ପରିଦର୍ଶନ କଲେ ମନ୍ତ୍ରୀ

**ଭୁବନେଶ୍ୱର,୨୮।୯(ବ୍ୟୁରୋ):** କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ତମାଣ୍ଡୋସ୍ଥିତ ସରକାରୀ ଶିକ୍ଷା ମହାବିଦ୍ୟାଳୟର ନୂତନ କ୍ୟାମ୍ପସ୍ ପରିଦର୍ଶନରେ କରି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ବେହେରା କଲେଜ ବିଲ୍ଡିଂ, କ୍ଲାସ୍‌ରୁମ୍, ଛାତ୍ରାବାସ ଓ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ କ୍ରୀଡ଼ା ବିଭାଗ ଅଧିକାରୀ, କାର୍ଯ୍ୟଭାର ନେଇଥିବା ସଂସ୍ଥା ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିଥିଲେ। ଆଧୁନିକ ଜ୍ଞାନକୌଶଳରେ ନିର୍ମିତ କ୍ୟାମ୍ପସ୍‌ରେ ୩ ମହଲା ବିଶିଷ୍ଟ ଆକାଡେମିକ୍ ବ୍ଲକ୍ ଏବଂ ୪ ମହଲା ବିଶିଷ୍ଟ ଗୋଟିଏ ଛାତ୍ରାବାସ ଓ ଗୋଟିଏ ଛାତ୍ରୀନିବାସର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉଭୟ ହଷ୍ଟେଲରେ ୧୫୬ ଜଣ ଅନ୍ତେବାସୀ ରହିବାର କ୍ଷମତା ରହିଛି। ଏହାସହ ଆକାଡେମିକ୍ ବ୍ଲକରେ ସ୍ମାର୍ଟ କ୍ଲାସ୍‌ରୁମ୍, ଲାବ୍, ସେମିନାର୍ ହଲ୍, ସ୍ୱତନ୍ତ୍ର ଟ୍ୟୁଟୋରିଆଲ୍ ହଲ୍, ଆଲୁମିନି ହଲ୍, ଫାକଲଟି ଲାଉଞ୍ଜର ବ୍ୟବସ୍ଥା ରହିଛି। ଆସନ୍ତା ଶିକ୍ଷା ବର୍ଷରୁ ନୂଆ କ୍ୟାମ୍ପସ୍‌ରେ ଶିକ୍ଷାଦାନ ପାଇଁ ସରକାର ଲକ୍ଷ୍ୟ ରଖିଥିବାରୁ ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ଅଧିକାରୀ ଓ ଇଞ୍ଜିନିୟରଙ୍କୁ ମନ୍ତ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଅଭ୍ୟାସ ଲାଗି ପଡ଼ିଆ ଏବଂ ଇନ୍‌ଡୋର ହଲ୍ ଉପରେ ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି।

### ବସ୍ ଧକ୍କାରେ ୨ ଯୁବକ ମୃତ, ଡ୍ରାଇଭର ଗିରଫ

**କେସିଙ୍ଗା,୨୮।୯(ଡି.ଏନ.ଏ.):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପାଷ୍ଟିକୁଡି ନିକଟ ୨୬ ନଂ. ଜାତୀୟ ରାଜପଥ ବେଲାମାଲଠାରେ ସୋମବାର ରାତିରେ ଏକ ଘରୋଇ ବସ୍ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବେଲାମାଲ ଗ୍ରାମର ଯଶୋବନ୍ତ ନିଆଲ (୨୩) ଓ ଚୈତନ୍ୟ ଶିଖା (୨୪)। ମାଲକାନଗିରିଠାରୁ ଭବାନୀପାଟଣା-କେସିଙ୍ଗା ଦେଇ ଏକ ଘରୋଇ ବସ୍ (ନଂ.ଓଡି୦୨ଏୟୁ-୨୫୯୭) କଟକ ଯାଉଥିଲା। ଏହି ସମୟରେ ଯଶୋବନ୍ତ ଓ ଚୈତନ୍ୟ କେସିଙ୍ଗା ରେଲୱେ ଷ୍ଟେଶନରୁ ନିଜ ଗାଁକୁ ଏକ ବାଇକ୍ ଯୋଗେ ଫେରୁଥିଲେ। ପାଷ୍ଟିକୁଡି ପଞ୍ଚାୟତ ନିକଟ ବେଲାମାଲ ୨୬ ନଂ. ଜାତୀୟ ରାଜପଥରେ ବସ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା।

### ୪୮ ଘଣ୍ଟା ପରେ ମିଳିଲା ପ୍ରେମୀଯୁଗଳଙ୍କ ମୃତଦେହ

**ନୂଆପଡ଼ା ଅଫିସ,୨୮।୯:** ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଗୋଧିସ ଜଳ ପ୍ରପାତକୁ ରବିବାର ବେଳେ ପ୍ରେମୀଯୁଗଳ ନିଖୋଜ ହୋଇଥିଲେ। ନିଖୋଜ ହେବାର ପ୍ରାୟ ୪୮ ଘଣ୍ଟା ପରେ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଉଭୟଙ୍କ ମୃତଦେହ ନୂଆପଡା ଅଗ୍ନିଶମ ବିଭାଗ ଓ ଧରମବନ୍ଧା ପୋଲିସ ଜବତ କରିଛି। ଉଭୟ ଛତିଶଗଡ ଗରିଆବନ୍ଧ ଜିଲ୍ଲା ପିପଲଛେଣ୍ଡି ଥାନା ଥୁଆପାଣି ଗାଁର ଦେମତୀ ସୋରି (୨୫) ଓ ଧନୀରାମ ଅଟି (୨୩)। ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିଶମ ବିଭାଗ ଜଳପ୍ରପାତରେ ଖୋଜାଖୋଜି କରିବା ପରେ ପ୍ରେମୀଯୁଗଳଙ୍କ ମୃତଦେହ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବତୀଯୁବକଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଆସି ଚିହ୍ନଟ କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଧରମବନ୍ଧା ଥାନାରେ ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପେଟ୍ରୋଲ ପମ୍ପରୁ ଲୁଟ୍ ଘଟଣା: ୪ ଗିରଫ

ଢେଙ୍କାନାଳ ଅଫିସ, ୨୮।୯

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଓସ୍ତପାଳ ନିକଟରେ ଥିବା ମାତୃକୃପା ପେଟ୍ରୋଲ ପମ୍ପରେ ଲୁଟ୍ ମାମଲାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସଦର ଥାନା କଙ୍କଡ଼ାହାଡ଼ ଗ୍ରାମର ପିଣ୍ଟୁ ବେହେରା (୨୨), ପର୍ବତିଆ ଗ୍ରାମର ଜଗବନ୍ଧୁ ସାହୁ ଓରଫ୍ ଜଗା (୨୩), କଟକ ଜିଲ୍ଲା ଆଠଗଡ଼ ଥାନା ବିଶ୍ୱନାଥପୁର ଗ୍ରାମର ସମୀର ରାଉତ ଓରଫ୍ ଭରତ (୨୨), କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ନାରୋଡ଼ା ଗ୍ରାମର ସୌରଭ ଦାସ ଓରଫ ସୋନୁ (୨୨)। ସେମାନଙ୍କ ନିକଟରୁ ଗୋଟିଏ ରିଭଲଭର, କାର୍ (ନଂ. ଓଡ଼ି. ୦୫ ଏୟୁ୨୬୦୦), ବାଇକ୍, ୩ ମୋବାଇଲ, ନଗଦ ୬ ହଜାର ୫୦୦ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ଗତ ଅଗଷ୍ଟ ୨୩ରେ ୨ ଜଣ ଗିରଫ ହୋଇଥିଲେ। ମଙ୍ଗଳବାର ଅପରାହ୍ନରେ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବିକାଶ ବେଉରା ଏହି ସୂଚନା ଦେଇଛନ୍ତି।


ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଗତ ଅଗଷ୍ଟ ୧୯ ରାତି ୭ଟା ୫୦ରେ ୩ଜଣ ଯୁବକ ବାଇକ୍ (ନଂ. ଓଡ଼ି ୦୨ ଏଜେ ୫୮୭୮)ରେ ଆସି ମାତୃକୃପା ପେଟ୍ରୋଲ ପମ୍ପର ୨ ସେଲ୍ସମ୍ୟାନଙ୍କୁ ବନ୍ଧୁକ ମୁନରେ ଭୟଭୀତ କରାଇ ୪୯ ହଜାର ୬୪୬ ଟଙ୍କା ଛଡ଼ାଇ ନେଇ ଭାପୁର ଆଡ଼କୁ ଫେରାର ହୋଇଯାଇଥିଲେ। ଏହାପରେ ସେମାନେ ଟିଗିରିଆ ଅଞ୍ଚଳର ଏକ ପେଟ୍ରୋଲ ପମ୍ପରୁ ମଧ୍ୟ ଲୁଟ୍ କରିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଞ୍ଚଳରୁ ଏବଂ ଅନ୍ୟ ଦୁଇଜଣଙ୍କୁ ଆଠଗଡ଼ ଏବଂ ଢେଙ୍କାନାଳ ସଦର ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା। ଧରାପଡ଼ିଥିବା ଯୁବକମାନେ କଟକ ଜିଲ୍ଲା ଆଠଗଡ଼, ଟିଗିରିଆ ଥାନା ଅଞ୍ଚଳରେ ଏକାଧିକ ଆପରାଧିକ ମାମଲାରେ ଜଡ଼ିତ। ସଦର ଥାନାଧିକାରୀ ଅଭିନବ ଡାଲୁଆଙ୍କ ନେତୃତ୍ୱରେ ଭାପୁର ଫାଣ୍ଡି ଅଧିକାରୀ ଏସ୍‌ଆଇ ସତ୍ୟବ୍ରତ ଭୂତିଆ ଓ ଏସ୍‌ଆଇ ପ୍ରଦୀପ ରଞ୍ଜନ ପାତ୍ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ନିର୍ମାଣ ଶୀଘ୍ର ସାରିବାକୁ ନିର୍ଦ୍ଦେଶ


ଏକ ସ୍କୁଲ ନିର୍ମାଣର ତଦାରଖ କରୁଛନ୍ତି ପ୍ରଶାସନିକ ଅଧିକାରୀ।

**ବଇଣ୍ଡା,୨୮।୯(ଡି.ଏନ.ଏ.)**

୫-ଟି ବିଭାଗ ଅଧୀନରେ କିଶୋରନଗର ବ୍ଲକର ଅନେକ ହାଇସ୍କୁଲର ନୂତନ ଶ୍ରେଣୀଗୃହ ନିର୍ମାଣ ହେଉଛି। ବହୁ ଲକ୍ଷ ଟଙ୍କା ବ୍ୟୟରେ ଶ୍ରେଣୀଗୃହ ନିର୍ମାଣ ହେଉଥିବାବେଳେ କିଭଳି ଠିକ ଭାବରେ କାର୍ଯ୍ୟ ଶେଷ ହେବ ସେ ନେଇ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି। ମଙ୍ଗଳବାର କିଶୋରନଗର ବ୍ଲକର ବଇଣ୍ଡା, ନାକିଚି, ହଣ୍ଡପା, ଇଚ୍ଛାପୁର, ଓସ୍କାପାଲି ହାଇସ୍କୁଲକୁ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା ପରିଦର୍ଶନରେ ଆସି ନିର୍ମାଣ ହେଉଥିବା ଶ୍ରେଣୀଗୃହଗୁଡ଼ିକ ଯାଞ୍ଚ କରିଥିଲେ। ନିର୍ମାଣରେ ଲାଗୁଥିବା ସମସ୍ତ ସାମଗ୍ରୀ ଦେଖିବା ସହ ଶୀଘ୍ର ସାରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। କିଶୋରନଗର ବିଡିଓ ଶ୍ୟାମଳ କୁମାର ରାଏ, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ଶିକ୍ଷକ ଅମରେଶ କୁମାର ପ୍ରଧାନ, ମନୋରମା ପ୍ରଧାନ, କ୍ଷିତୀଶ ରଞ୍ଜନ ଦେହୁରି, ଭାଗୀରଥି ପ୍ରଧାନଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ପୁଣି ୧% ଟପିଲା ଦୈନିକ ସଂକ୍ରମଣ ହାର

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

- ୫୪୫ ପଜିଟିଭ୍ ମଧ୍ୟରୁ ୭୪ ପିଲା
- ଆଉ ୭ଜଣଙ୍କ ଜୀବନ ନେଲା କରୋନା

ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଦୈନିକ ଆକ୍ରାନ୍ତ ସଂଖ୍ୟା ଉପର ତଳ ହେଉଛି। ଗତ କିଛିଦିନ ହେବ ୪୦୦ରୁ ୬୦୦ ଭିତରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ସଂକ୍ରମଣ ହାର ୧% ତଳେ ରହିଥିଲା। ଏବେ କିନ୍ତୁ ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୫୨,୬୭୫ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୬ ଜିଲ୍ଲାରୁ ୫୪୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୧.୦୩କୁ ବୃଦ୍ଧି ପାଇଛି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୧୯ଜଣ କ୍ୱାରେଣ୍ଟାଇନ ସେଣ୍ଟରରୁ ଓ ୨୨୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବାବେଳେ ୧୮ ବର୍ଷରୁ କମ୍ ବୟସର ୭୪ଜଣ ଶିଶୁ ଓ କିଶୋର ଅଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୧୮ଜଣ ନୂଆ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସେହିପରି କଟକରୁ ୭୩ଜଣ ଥିବାବେଳେ ବାକି ସବୁ ଜିଲ୍ଲାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୫୦ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୨୫,୩୦୯କୁ ବୃଦ୍ଧି ପାଇଛି।

ସେହିପରି ରାଜ୍ୟରେ ଆଉ ୭ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଜଗତ୍‌ସିଂହପୁରରୁ ୨ଜଣ ଥିବାବେଳେ ଖୋର୍ଦ୍ଧା, କଟକ, ଗଞ୍ଜାମ, ଯାଜପୁର ଓ କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୧୮୭କୁ ବୃଦ୍ଧି ପାଇଛି। ତେବେ ଖୋର୍ଦ୍ଧାରେ ଏହି ମୃତ୍ୟୁ ସଂଖ୍ୟା ୧,୪୯୫କୁ ବୃଦ୍ଧି ପାଇଥିବାବେଳେ କଟକ ୮୩୫, ଗଞ୍ଜାମ ୪୭୪, ଜଗତ୍‌ସିଂହପୁର ୩୦୨, କେନ୍ଦ୍ରାପଡ଼ା ୨୪୫ ଓ ଯାଜପୁରରେ ୧୬୬ରେ ପହଞ୍ଚିଛି।

# ସୁଙ୍କି ଘାଟିରେ ଗାଡ଼ି ଚଳାଚଳ ସ୍ୱାଭାବିକ

**ପଟ୍ଟାଙ୍ଗୀ,୨୮।୯(ଡି.ଏନ.ଏ.)**

ଲଘୁଚାପଜନିତ ବର୍ଷା ତଥା ଗୁଲାବ ବାତ୍ୟାରେ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ବ୍ଲକର ସୁଙ୍କି ଘାଟିରେ ପଥର ଓ ମାଟି ଧସି ଆନ୍ଧ୍ରକୁ ସଂଯୋଗ କରୁଥିବା ଜାତୀୟ ରାଜପଥରେ ୨ ଦିନ ଧରି ଗାଡି ଚଳାଚଳ ବନ୍ଦ ରହିଥିଲା। ଦୀର୍ଘ ୩୬ ଘଣ୍ଟା ପରେ ଘାଟିରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଜିଲାପାଳ ଅବଦଲ ଏମ. ଅଖତାର ଘଟଣା ସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଥିଲେ। ୨୬ ତାରିଖ ବିଳମ୍ବିତ ରାତିରେ ଗୁଲାବବାତ୍ୟା ପ୍ରଭାବରେ ସୁଙ୍କି ଘାଟିରେ ଦୁଇଟି ସ୍ଥାନରେ ଏବଂ ରାଲେଗଡା ଘାଟିରେ ଗୋଟିଏ ସ୍ଥାନରେ ପାହାଡ଼ରୁ ପଥର ଖସିବା ସହ ମାଟି ଅତଡା ରାସ୍ତା ଉପରେ ପଡିଥିଲା। ଫଳରେ ଉପରୋକ୍ତ ସ୍ଥାନ ଗୁଡିକରେ ଜାତୀୟ ରାଜପଥ ଅବରୋଧ ହୋଇ ପଡିଥିଲା। ଏଥିଯୋଗୁ ଉଭୟ ଆନ୍ଧ୍ର ଏବଂ ଓଡିଶା ଅଭିମୁଖେ ଆସିବାକୁ ଥିବା ଗାଡ଼ି ଉଭୟ ପାର୍ଶ୍ୱରେ ଅଟକି ରହିଥିଲା । ମଙ୍ଗଳବାର ସକାଳୁ ଉପଜଲାପାଳ ଲଳିତ କହଁର, ଜାତୀୟ ରାଜପଥ ବିଭାଗର ଏସଡିଓ ପ୍ରଶାନ୍ତ କୁମାର ପାତ୍ର, ଏଇ ପ୍ରଭାତ ମହାଲି , ବ୍ରହ୍ମପୁରରୁ ଚିଫ୍ କନ୍‌ଷ୍ଟ୍ରକସନ ଇଞ୍ଜିନିୟର ମହେଶ ମହାନ୍ତି ପ୍ରମୁଖ ପଥର ଓ ମାଟିଅତଡାକୁ ସଫା କରିବା ପରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଛି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

**ବଳଙ୍ଗା ଥାନା ବିସ୍ଫୋରଣ ଘଟଣା**

ପିପିଲି ଉପନିର୍ବାଚନ ଯେତିକି ପାଖଉଛି ଏହି ଅଞ୍ଚଳରେ ହିଂସା ଓ ଅଶାନ୍ତ ବାତାବରଣ ସେତିକି ବଢିଚାଲିଛି। ଗତ କିଛିଦିନ ମଧ୍ୟରେ ଘଟିଯାଇଥିବା ଘଟଣାକୁ ଦେଖିଲେ ଏହି ଅଞ୍ଚଳର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରୁ ଏହା ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ଯେଉଁ ଅଞ୍ଚଳରେ ନିଜେ ରକ୍ଷକ ସୁରକ୍ଷିତ ନାହାନ୍ତି, ସେ ଅଞ୍ଚଳବାସୀ କେତେ ସୁରକ୍ଷିତ ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରଶ୍ନ କରିଛନ୍ତି ସୋମବାର ବିଳମ୍ବିତ ରାତିରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ସୀମାରେ ଥିବା ବଳଙ୍ଗା ଥାନା ବିସ୍ଫୋରଣ ସାଧାରଣ ଜନତାଙ୍କ ମନରେ ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହ ଗଣତନ୍ତ୍ରର ସୁରକ୍ଷା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ଏହାସହ ସମସ୍ତ ବୁଥରେ ଅବାଧ, ମୁକ୍ତ ନିର୍ବାଚନ ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରାଯିବା ସହ ସିସି ଟିଭି ଓ ୱେବ୍ କାଷ୍ଟ କରିବା ପାଇଁ ଭାଜପା ପକ୍ଷରୁ ଦାବୀ କରାଯାଇଛି ବୋଲି ସମ୍ବିତ କହିଛନ୍ତି। ପିପିଲି- ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବହୁ ଅଞ୍ଚଳ ବଳଙ୍ଗା ଥାନା ଅଧିନରେ ଆସୁଛି। ନିର୍ବାଚନ ସମୟରେ ଆଇନଶୃଙ୍ଖଳା ରକ୍ଷା କରିବା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ପ୍ରଥମେ ସାତଶଙ୍ଖସ୍ଥିତ ଭାଜପା ନିର୍ବାଚନ କାର୍ଯ୍ୟାଳୟରେ ବୋମାମାଡ ଏବଂ ପରେ ବଳଙ୍ଗା ଥାନା ବିସ୍ଫୋରଣ ଆଦୌ ଅକସ୍ମାତ ନୁହେଁ ବରଂ ଏହା ଏକ ସୁପୋରିକଳ୍ପିତ ଓ ଏହା ନିଶ୍ଚିତ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ନଗ୍ନ ରୂପକୁ ପଦାରେ ପକାଇ ଦେଇଛି। ବଳଙ୍ଗା ଥାନାରେ କେତେ ଦିନ ହେଲା ବାଣ ଥିଲା ଏବଂ କାହିଁକି ଓ କାହା ପ୍ରରୋଚନାରେ ନିଷ୍କ୍ରିୟ କରାଯାଇ ନ ଥିଲା ବୋଲି ସମ୍ବିତ ପ୍ରଶ୍ନ କରିଛନ୍ତି।

# ଜବରଦଖଲମୁକ୍ତ ହେବ ଜମି

ଢେଙ୍କାନାଳ ଅଫିସ, ୨୮।୯

**କପିଳାସ ପୀଠ ଉନ୍ନତୀକରଣ ସମୀକ୍ଷା**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଏବଂ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟାର ଉନ୍ନତୀକରଣ ପାଇଁ କପିଳାସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରି କହିଲେ, ଶ୍ରୀଚନ୍ଦ୍ରଶେଖରଙ୍କ ନାମରେ ଥିବା ଜମିକୁ ଯଥାଶୀଘ୍ର ଜବରଦଖଲ ମୁକ୍ତ କରାଯିବ। ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ ସୁବିଧା, ବିଦ୍ୟୁତୀକରଣ କରାଯିବ। ପ୍ରାକୃତିକ ଝରଣାକୁ ଆକର୍ଷଣୀୟ କରିବା ଲାଗି ଯୋଜନା ପ୍ରସ୍ତୁତ ହେବ। ପୀଠକୁ ପଲିଥିନ ମୁକ୍ତ କରିବା, ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହିତ କପିଳାସ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ସମ୍ପ୍ରସାରଣ କରାଯିବ। ଯୋଗାଯୋଗ ଲାଗି ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ ହେବ। ଶିବସାଗର ପୋଖରୀର ପୁନରୁଦ୍ଧାର, ଶ୍ରୀଜୀଉଙ୍କ ନୀତିନିଯୋଗର ମାନବୃଦ୍ଧି, ପାର୍ବତୀ ମନ୍ଦିର ଛାତ ମରାମତି କରିବା ବିଷୟରେ ଆଲୋଚନା କରାଯାଇଛି। ଚଳିତ ଆର୍ଥିକ ବର୍ଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ଲାଗି ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଦୁଇମାସରେ କାର୍ଯ୍ୟାନ୍ୱୟନର ସମୀକ୍ଷା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଏସ୍‌ପି କେ. ଶିବା ସୁବ୍ରମଣି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, ପିଡି ଡିଆର୍‌ଡିଏ ତଥା ଜିଲା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ବିଭିନ୍ନ ବିଭାଗର ପଦାଧିକାରୀ ଏବଂ ମନ୍ଦିରର ସେବାୟତମାନେ ଉପସ୍ଥିତ ଥିଲେ।


**OFFICE OF THE NOTIFIED AREA COUNCIL, G.UDAYAGIRI**

NO.2043 Date: 28.09.2021

**'e' Tender Notice**

**BID Identification No. GUDGR-NAC-36/2021-22**

Bid documents consisting of work, estimated cost of tender paper, EMD, time of completion, class of contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1 | Name of the works | Civil construction of works as mentioned in website |
| 2 | No. of works | 16 Nos. |
| 3 | Estimated cost | Rs.2.61 lakh to 20.00 lakhs |
| 4 | Period of completion | 1 month to 3 months |
| 5 | Date & time of availability of bid documents in the portal | 30.09.2021 to 11.10.2021 upto 5.00 P.M. |
| 6 | Last date & time for receipt of documents at N.A.C. G.Udayagiri in Tender Box | 26.10.2021 upto 1.00 P.M. |
| 7 | Bids received online shall be opened on | 27.10.2021 at 11.00 A.M. |
| 8 | Name and address of the officer inviting bid | Executive Officer, N.A.C., G. Udayagiri |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer, N.A.C., G. Udayagiri

**DISTRICT RURAL DEVELOPMENT AGENCY, NABARANGPUR**

Dist.- Nabarangpur - 764059, Phone No.: 06858-222372
Fax No.: 06858-222236, E-mail: ori-dnawarangpur@nic.in
Mobile No. 9437094725

Letter No. 5043/2021 Dated: 27.09.2021

**Expression of Interest for Statutory Audit of DRDA, Nabarangpur**

No. CAD-1339: Sealed expression of interest is invited from the C & AG empanelled partnership Chartered Accountants firms for statutory Audit of Accounts of DRDA, Nabarangpur for the year 2020-21 to 2022-23. The bids should reach the undersigned by Speed Post/Registered Post only. The last date for submission of tender is 11.10.21 upto 5.00 P.M. Details regarding terms & conditions and submission of bids can be downloaded from the district website of Nabarangpur **www.nabarangpur.nic.in**.

**Sd./- Project Director**
**DRDA, Nabarangpur**
OIPR-19076/11/0002/2122

**COMMISSIONERATE OF CT & GST**
(Under Finance Department)
(GOVERNMENT OF ODISHA)

NATION TAX MARKET

No. S-19

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ ।**

**ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

ଯେଉଁ ଟିକସଦାତାଙ୍କ ଜିଏସ୍‌ଟି ପଞ୍ଜୀକରଣ ''ରିଟର୍ଣ୍ଣ ଦାଖଲ ନ କରିବା'' ଯୋଗୁ ରଦ୍ଦ କରାଯାଇଅଛି ଏବଂ ଯେଉଁଠି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମା ୨୦୨୦ ମସିହା ମାର୍ଚ୍ଚ ତାରିଖରୁ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ମଧ୍ୟରେ ରହିଥିଲା (ବିଜ୍ଞପ୍ତି ସଂଖ୍ୟା ୩୪/୨୦୨୧ ତାରିଖ ୨୯ ଅଗଷ୍ଟ ୨୦୨୧ ଓ ସର୍କୁଲାର ସଂଖ୍ୟା ୧୫୮/୪/୨୦୨୧- ଜିଏସ୍‌ଟି ତାରିଖ ୬ ସେପ୍ଟେମ୍ବର ୨୦୨୧ ଅନୁଯାୟୀ), ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମାକୁ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**ନିମ୍ନୋକ୍ତ କ୍ଷେତ୍ରରେ ଏହି ସୁବିଧା ପ୍ରଯୁଜ୍ୟ ହେବ:**

(୧) ଟିକସଦାତାଙ୍କ ଦ୍ୱାରା ରଦ୍ଦୀକରଣ ପ୍ରତ୍ୟାହର ପାଇଁ ଦରଖାସ୍ତ ଦାଖଲ ହୋଇ ନ ଥିବ।
(୨) ରଦ୍ଦୀକରଣ ଆଦେଶ ବିରୋଧରେ ଅପିଲ ହୋଇଥିବ ଓ ଏହି ଅପିଲକୁ ପ୍ରତ୍ୟାଖ୍ୟାନ କରାଯାଇଥିବ।
(୩) ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତକୁ ପ୍ରପର ଅଫିସରଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବ।
(୪) ରଦ୍ଦୀକରଣ ଆଦେଶ ବିରୋଧରେ ଟିକସଦାତାଙ୍କ ଦ୍ୱାରା ଅପିଲ ହୋଇଥିବ ଏବଂ ଏହାର ନିଷ୍ପତ୍ତି ଟିକସଦାତାଙ୍କ ବିରୋଧରେ ସ୍ଥିରୀକୃତ ହୋଇଥିବ।

ଉପରୋକ୍ତ ସମସ୍ତ ମାମଲାରେ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ସାନି ଅନ୍‌ଲାଇନ ଦରଖାସ୍ତ ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ଦାଖଲ କରିବା ପାଇଁ ଟିକସଦାତାଙ୍କୁ ଏହି ସୁବିଧା ବର୍ତ୍ତମାନ ଉପଲବ୍ଧ କରାଯାଇଛି।

**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ**
**ଓଡ଼ିଶା ସରକାର, କଟକ**

Help Desk: 1800-345-6753 (Toll Free)
email: ctdho@odishatax.gov.in
OIPR-05006/11/0006/2122

**ତହସିଲ କାର୍ଯ୍ୟାଳୟ, ରାୟଗଡ଼**

**ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା: ୪୧୦୪/୨୦୨୧ ତାରିଖ: ୨୭।୦୯।୨୦୨୧

No. F-155: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରାୟଗଡ଼ ତହସିଲର (୦୯) ନଅ ଗୋଟି ସୈରାତ ଉତ୍ସଗୁଡ଼ିକ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତାବକ ପାଞ୍ଚବର୍ଷ ନିମନ୍ତେ (୨୦୨୧-୨୨ଠାରୁ ୨୦୨୫-୨୬) ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା: ବିଜ୍ଞାପନ, ସର୍ତ୍ତାବଳୀ ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି **www.rayagada.nic.in**ରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ଦାଖଲ କରିବେ ଅଥବା ରେଜିଷ୍ଟ୍ରି ଡାକଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ।

| | |
|---|---|
| ନିଲାମ ସ୍ଥାନ | : ତହସିଲ କାର୍ଯ୍ୟାଳୟ, ରାୟଗଡ଼ |
| ଧାର୍ଯ୍ୟ ତାରିଖ ଏବଂ ସମୟ | : ପ୍ରଥମ ପର୍ଯ୍ୟାୟ ତା୦୨।୧୧।୨୦୨୧ରିଖ ଦିବା ୧୧.୦୦ ଘଟିକା |
| | : ଦ୍ୱିତୀୟ ପର୍ଯ୍ୟାୟ ତା୦୯।୧୧।୨୦୨୧ରିଖ ଦିବା ୧୧.୦୦ ଘଟିକା |
| | : ତୃତୀୟ ପର୍ଯ୍ୟାୟ ତା୧୬।୧୧।୨୦୨୧ରିଖ ଦିବା ୧୧.୦୦ ଘଟିକା |

ସ୍ୱା./- ତହସିଲଦାର, ରାୟଗଡ଼
OIPR-24207/11/0002/2122

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**(ଅବକାରୀ ବିଭାଗ)**

**ଅନୁଗୋଳ ଜିଲ୍ଲାରେ ଦୁଇ ଗୋଟି ବାହାର ଭାଟି ମଦ ଦୋକାନ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୨୨୯୬ ଅ.ତା. ୨୮।୦୯।୨୦୨୧ରିଖ

ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ଅନୁଗୋଳ ଜିଲ୍ଲାରେ ୨ (ଦୁଇ) ଗୋଟି ବାହାର ଭାଟି ମଦ ଦୋକାନ (ଲୋଧାବନ୍ଧ ଓ ଅନାଦିପୁର)ର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି।

ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **"http://stateexcise.odisha.gov.in"** ୱେବସାଇଟରେ ଉପଲବ୍ଧ **Form 'B'**ରେ ଅନଲାଇନ ମାଧ୍ୟମରେ ତା୨୯।୦୯।୨୦୨୧ରିଖଠାରୁ ତା୧୨।୧୦।୨୦୨୧ରିଖ (ଅପରାହ୍ନ ୫.୦୦ ଘଟିକା ମଧ୍ୟରେ) ଆବେଦନ କରିପାରିବେ। ଲଟେରି ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୧୮।୧୦।୨୦୨୧ରିଖ (ସୋମବାର) ଦିବା ୧୧.୦୦ ଘଟିକାଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳଠାରେ ଆରମ୍ଭ ହେବ।

ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବସାଇଟ୍‌ରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଅନୁଗୋଳ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ନୋଟିସ ବୋର୍ଡ଼ରେ ଉପଲବ୍ଧ ଅଟେ।

ବି.ଦ୍ର.:ସେବା ପାଇଁ ଟୋଲ ଫ୍ରି ନମ୍ବର - ୧୫୫୩୩୫/୧୮୦୦୩୪୫୬୭୭୦
ସେବା ସମୟ: ରବିବାର ବ୍ୟତୀତ ସପ୍ତାହର ଅନ୍ୟ ସବୁଦିନ (ସକାଳ ୭ରୁ ସନ୍ଧ୍ୟା ୭ ଘଟିକା ମଧ୍ୟରେ)।

ସ୍ୱା./- ୨୮।୦୯।୨୦୨୧
ଜିଲ୍ଲାପାଳ, ଅନୁଗୋଳ

**ODISHA COAL AND POWER LTD.**
OCPL Odisha Coal and Power Limited
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

NIT No: OCPL/SER-129/2021 Date: 29.09.2021

Sealed bids in prescribed format are invited from companies/contractors/agencies/firms for the following work:

| Sl. No. | Name of the work | Cost of Tender Paper | Last date of Sale/ download of Tender Document | Last Date of Submission/ Opening of bid |
|---|---|---|---|---|
| 01 | Hiring of Vehicles for Odisha Coal and Power Limited, Manoharpur, Sundargarh, Odisha. | Rs.1,180/- (Rupees One Thousand One Hundred and Eighty Only) inclusive of GST @ 18% | 19.10.2021 | 03.00 P.M. / 03.30 P.M. on 30.10.2021 |

For further details, bidders may visit our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

Addl. General Manager (C & CA.)

**ଭା**ରତ ସମେତ ସାରା ବିଶ୍ୱରେ ହୃଦ୍‌ଘାତ ଯୋଗୁ ବୟସ ନିର୍ବିଶେଷରେ ବହୁ ଲୋକ ମୃତ୍ୟୁବରଣ କରୁଛନ୍ତି। ବୟସ ବୃଦ୍ଧି ସହ ବିଭିନ୍ନ କାରଣରୁ ହୃଦ୍‌ଘାତର ଆଶଙ୍କା ବଢ଼ିଯାଏ। ତେବେ ଜଣ ଜଣଙ୍କ ପାଖରେ ରୋଗର ଅନେକ କାରଣ ଥିଲେ, ଅଳ୍ପ ବୟସରେ ବି ହୃଦ୍‌ଘାତ ମାରାତ୍ମକ ହୋଇପାରେ। ଏଥିରୁ ରକ୍ଷା ପାଇବା ପାଇଁ କେତେକ ଉପାୟ ଅବଲମ୍ବନ କରିବା ଜରୁରୀ। **ହୃଦ୍‌ଘାତର ବିଭିନ୍ନ କାରଣ:** ବୟସ୍କ ପୁରୁଷ, ବୟସ୍କା ମହିଳା (ମାସିକ ରକ୍ତସ୍ରାବର ବିରତି ପରେ), ମଧୁମେହ, ଉଚ୍ଚ ରକ୍ତଚାପ, ଧୂମପାନ, ରକ୍ତରେ ଚର୍ବି ଅଂଶର ଆଧିକ୍ୟ (ହାଇ, ଲୋ ଡେନ୍‌ସିଟି କୋଲେଷ୍ଟରଲ୍ ଏବଂ ଲିପିଡ ପ୍ରୋଫାଇଲ), ରକ୍ତରେ କମ୍ ପରିମାଣର ଭଲ କୋଲେଷ୍ଟରଲ୍ ଲୋ ଏଚ୍‌ଡିଏଲ୍(ପୁରୁଷଙ୍କର ୪୦ମି.ଗ୍ରା.ରୁ କମ୍ ଏବଂ ମହିଳାଙ୍କର ୫୦ ମି.ଗ୍ରା.ରୁ କମ୍ ରହିଲେ), ପରିବାରରେ କୌଣସି ସଦସ୍ୟଙ୍କର

# ବେଳହୁଁ ସାବଧାନ

**ବୟସ ଦେଖେନି ହୃଦ୍‌ରୋଗ। କାରଣ ଏହା ଏଭଳି ଏକ ମାରାତ୍ମକ ରୋଗ ଯେଉଁଥିରେ ଆକ୍ରାନ୍ତ ହେଲେ ଅସମୟରେ ରୋଗୀ ଟାଣି ହୋଇଯାଏ ମୃତ୍ୟୁମୁଖକୁ...**

୪୦ ବର୍ଷରୁ କମ୍ ବୟସରେ ହୃଦ୍‌ଘାତ ହୋଇଥିଲେ କିମ୍ବା ଏଥିଯୋଗୁ ମୃତ୍ୟୁ ହୋଇଥିଲେ, ମେଦବହୁଳତା ଥିଲେ ଏବଂ ଅଣ୍ଟା, ଜଙ୍ଘ ଓ ତଳିପେଟରେ ବେଶି ଚର୍ବି ଜମିଗଲେ, ରକ୍ତରେ ହିମୋସିଷ୍ଟିନ୍‌ର ପରିମାଣ ବଢ଼ିବା ଇତ୍ୟାଦି। ଏହା ବ୍ୟତୀତ ବର୍ତ୍ତମାନ ଅନେକଙ୍କର ଜୀବନଶୈଳୀ ହିଁ ସେମାନଙ୍କଠାରେ ବିଭିନ୍ନ ରୋଗର ମୁଖ୍ୟ କାରଣ। ବ୍ୟାୟାମ ନ କରି ଅଳ୍ପ ପରିଶ୍ରମ ସହ ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍ ଭଳି ବିଭିନ୍ନ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁପାନୀୟ ପିଇବା ଦ୍ୱାରା ମେଦ ବୃଦ୍ଧି ହେଉଛି, ଯାହାକି ପରବର୍ତ୍ତୀ ସମୟରେ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରୁଛି। **ପ୍ରତିଷେଧକ ବ୍ୟବସ୍ଥା:** ହୃଦ୍‌ଘାତକୁ ରୋକିବା ପାଇଁ ଉଚ୍ଚ ରକ୍ତଚାପ, ମଧୁମେହ, ମୋଟାପଣ ତଥା ରକ୍ତରେ କୋଲେଷ୍ଟରଲ ବୃଦ୍ଧିକୁ ରୋକିବା ଆବଶ୍ୟକ।

❖ ବ୍ୟାୟାମ, ଶାରୀରିକ ପରିଶ୍ରମ କରି ନିଜ ଓଜନ କମାଇବା ଜରୁରୀ। ପୁଣି ଉଚ୍ଚ ରକ୍ତଚାପ ପାଇଁ ଔଷଧ ଖାଇ ତଥା ଖାଦ୍ୟ ନିୟନ୍ତ୍ରଣ କରି ଏହାକୁ କମାଇବା ଆବଶ୍ୟକ। ଏକଥା ଜାଣିରଖିବା ଉଚିତ ଯେ ହୃଦ୍‌ଘାତ ପାଇଁ କୌଣସି ବୟସ ସୀମା ନାହିଁ।

❖ ଚର୍ବିଜାତୀୟ ଖାଦ୍ୟ ବା ଫାଷ୍ଟଫୁଡ୍ ଭଳି ଖାଦ୍ୟ ପରିବର୍ତ୍ତେ ସୁଷମ ଖାଦ୍ୟ ତଥା ପ୍ରଚୁର ପୁଷ୍ଟିସାର, ଫଳ, ତନ୍ତୁଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପ୍ରଚୁର ପାଣି ପିଅନ୍ତୁ।

❖ ଧୂମପାନ ଓ ମଦ୍ୟପାନ ପରିହାର କରିବା ଜରୁରୀ। ଯଦି ଖାଦ୍ୟ ବା ବ୍ୟାୟାମ ଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ ଓ ରକ୍ତରେ କୋଲେଷ୍ଟରଲର ପରିମାଣ ନ କମିଲା ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ଆବଶ୍ୟକ। ମୋଟାମୋଟି ଅଳ୍ପ ବୟସରୁ ହିଁ ଏସବୁ କଥା ପ୍ରତି ଧ୍ୟାନଦେଲେ ଏହି ରୋଗରୁ ଦୂରେଇବା ସହ ଏକ ସୁସ୍ଥ ଜୀବନ ଜିଇଁବା ସହଜ ହୋଇପାରିବ।

**-ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ**
ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ, ଲିଙ୍କ୍‌ରୋଡ଼, କଟକ-୧୨

## ସଚେତନତା ଜରୁରୀ

ହୃଦ୍‌ଘାତ(ହାର୍ଟ ଆଟାକ୍) ବେଶ୍ ମାରାତ୍ମକ। ଏହାର ପ୍ରାକ୍ ସୂଚନା ଜାଣିବା ମାତ୍ରେ ହସ୍‌ପିଟାଲକୁ ଯାଇ ଚିକିତ୍ସା କରାଇବା ଜରୁରୀ। ଏହାର ଲକ୍ଷଣ ବିଷୟରେ ଅବଗତ ହେବା ନିହାତି ଆବଶ୍ୟକ। ଛାତିରେ ହଠାତ୍ ଖୁବ୍ ଯନ୍ତ୍ରଣା ହେବା, ଝାଳ ବୋହିବା, ଧଇଁସଇଁ ଲାଗିବା ଆଦି ହେଉଛି ହୃଦ୍‌ଘାତର ପ୍ରାରମ୍ଭିକ ଲକ୍ଷଣ। ତେବେ କ୍ରମବର୍ଦ୍ଧିଷ୍ଣୁ ହୃତ୍‌ପିଣ୍ଡଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ବିଶ୍ୱବ୍ୟାପୀ ଜନସଚେତନତା ସୃଷ୍ଟିଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୯ରେ ପାଳିତ ହୋଇ ଆସୁଛି ବିଶ୍ୱ ହୃତ୍‌ପିଣ୍ଡ ଦିବସ।







## ସମସ୍ୟା ବଢ଼ାଏ ସାଚ୍ୟୁରେଟେଡ୍ ଫ୍ୟାଟ୍

**ବ୍ୟ**ସ୍ତବହୁଳ ଜୀବନ ଏବଂ ଅନିୟମିତ ଖାଦ୍ୟଶୈଳୀ ଯୋଗୁ କେତେକଙ୍କଠାରେ ହାର୍ଟ(ହୃତ୍‌ପିଣ୍ଡ) ସମସ୍ୟା ଦେଖାଦେଉଛି। ପୁଣି କୋଲେଷ୍ଟ୍ରଲ ବୃଦ୍ଧି ଏହି ସମସ୍ୟାକୁ ବଢାଇ ଦେଉଛି। ଶରୀରରେ କୋଲେଷ୍ଟରଲ ବୃଦ୍ଧି ପାଇଁ ସାଚ୍ୟୁରେଟେଡ୍ ଫ୍ୟାଟ୍ ଏକ ପ୍ରମୁଖ କାରଣ। ନିତିଦିନିଆ ଜୀବନରେ ଗ୍ରହଣ କରୁଥିବା ବହୁ ଖାଦ୍ୟରେ ସାଚ୍ୟୁରେଟେଡ୍ ଫ୍ୟାଟ୍ ରହିଥାଏ। ସେଥିରୁ କେତେକ ପ୍ରାଣୀଜ ଖାଦ୍ୟରୁ ଆସିଥାଏ। ମାଂସ, ତେଲ, କ୍ରିମ୍, ବଟର, ଛେନା ଆଦିରେ ଥାଏ ଅଧିକ ସାଚ୍ୟୁରେଟେଡ୍ ଫ୍ୟାଟ୍। ତେଲରେ ଭଜା ଖାଦ୍ୟରେ ବି ଏହି ଫ୍ୟାଟ୍ ଅଧିକ ଥାଏ। ସେହିପରି କେତେକ ଉଦ୍ଭିଦ ଜାତ ଯେପରିକି ପାମ୍ ତେଲ, ପାମ୍ କର୍ଣ୍ଣେଲ ତେଲ ଏବଂ ନଡିଆ ତେଲ ଆଦିରେ ମୁଖ୍ୟତଃ ସାଚ୍ୟୁରେଟେଡ୍ ଫ୍ୟାଟ୍ ଥାଏ। କିନ୍ତୁ ଏଥିରେ କୋଲେଷ୍ଟ୍ରଲ ନ ଥାଏ। ସାଚ୍ୟୁରେଟେଡ୍ ଫ୍ୟାଟ୍ 'ଖରାପ' କୋଲେଷ୍ଟ୍ରଲ ଅର୍ଥାତ୍ କମ୍-ସାନ୍ଦ୍ରତାଯୁକ୍ତ ଲିପୋପ୍ରୋଟିନ (ଏଲଡିଏଲ୍) ବୃଦ୍ଧି କରିଥାଏ। ଏହା ହୃତ୍‌ପିଣ୍ଡର କରୋନାରୀ ଧମନୀକୁ ଅବରୋଧ କରିବାର ଆଶଙ୍କା ରହିଥାଏ। ଧମନୀ ଅବରୋଧ ଦ୍ୱାରା ହୃଦ୍‌ଘାତ ସହିତ ହୃତ୍‌ପିଣ୍ଡ ଅକାମୀ ବା କାମ କରିବା ବନ୍ଦ କରି ଦେବା ଭଳି ସମସ୍ୟା ସୃଷ୍ଟିର ଆଶଙ୍କା ଥାଏ।

ତେଣୁ ଅନ୍‌ସାଚ୍ୟୁରେଟେଡ୍ ଫ୍ୟାଟ୍ ଥିବା ସନ୍ତୁଳିତ ଖାଦ୍ୟ ହୃତ୍‌ପିଣ୍ଡ ପାଇଁ ଭଲ। ସେଥିରେ ମନୋ ଅନ୍‌ସାଚ୍ୟୁରେଟେଡ ଫ୍ୟାଟ୍ ଏବଂ ପଲି ଅନସାଚ୍ୟୁରେଟେଡ ଫ୍ୟାଟ୍ ଆଦି ରହିଥାଏ। ଅଲିଭ ତେଲ, ବାଦାମ, ସମୁଦ୍ରଜାତ ମାଛ ତେଲ, ସୋୟାବିନ ତେଲ ଏବଂ ଅନ୍ୟାନ୍ୟ ଖାଦ୍ୟରେ ମନୋ ଅନ୍‌ସାଚ୍ୟୁରେଟେଡ ଫ୍ୟାଟ୍ ଅଧିକ ପରିମାଣରେ ରହିଥାଏ।

ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ରେଡ୍ ମିଟ୍‌କୁ ଏଡାଇବା ଜରୁରୀ। ପୁଣି ଘିଅ ଏବଂ ଶରୀରରେ 'ଖରାପ' କୋଲେଷ୍ଟ୍ରଲ ସ୍ତରକୁ ବଢ଼ାଉଥିବା ଖାଦ୍ୟ ନ ଖାଇବା ଭଲ। ଟ୍ରାନ୍ସ ଫ୍ୟାଟଯୁକ୍ତ ଜଙ୍କ୍ ଫୁଡ୍, ତେଲରେ ଅଧିକ ଭଜା ହୋଇଥିବା ଖାଦ୍ୟ ଏବଂ ପ୍ୟାକେଜିଂ ଖାଦ୍ୟକୁ ମଧ୍ୟ ବର୍ଜନ କରିବା ଜରୁରୀ। ଟ୍ରାନ୍ସ ଫ୍ୟାଟ 'ଖରାପ' କୋଲେଷ୍ଟ୍ରଲ ସ୍ତରକୁ ବଢ଼ାଇଥାଏ। ବ୍ୟକ୍ତିଗତ କିମ୍ବା ପାରିବାରିକ ହୃଦ୍‌ରୋଗର ଇତିହାସ ଥିବା ଲୋକେ ସୁସ୍ଥ ଖାଦ୍ୟଶୈଳୀ ଆପଣେଇବା ଆବଶ୍ୟକ। ଖାଦ୍ୟରେ ଡ୍ରାଏ ଫ୍ରୁଟ୍‌ସ, ଅଲିଭ ତେଲ ଏବଂ ଅନ୍‌ସାଚ୍ୟୁରେଟେଡ୍ ଫ୍ୟାଟ୍ ଯୁକ୍ତ ଡାଏଟ୍ ଅନ୍ତର୍ଭୁକ୍ତ ସହିତ ସଚେତନତାର ଆବଶ୍ୟକତା ରହିଛି।

**-ଡା. ଦିବ୍ୟ ରଞ୍ଜନ ବେହେରା,** ହୃଦ୍‌ରୋଗ ବିଶେଷଜ୍ଞ, ଭୁବନେଶ୍ୱର










## ବଢୁଛି ହୃଦ୍‌ଜନିତ ମୃତ୍ୟୁ

**ବି**ଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ହୋଇଥିବା ଏକ ସଦ୍ୟ ସର୍ଭେରୁ ଜଣାପଡ଼ିଛି ଯେ, ଚିକିତ୍ସା ପ୍ରଣାଳୀ ଉନ୍ନତ ହେବା ସତ୍ତ୍ୱେ ହୃଦ୍‌ଜନିତ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ତେଣୁ ଏନେଇ ଯଥେଷ୍ଟ ସଚେତନତା ଜରୁରୀ। ଏକ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପାଖାପାଖି ୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ହୃଦ୍‌ରୋଗରେ ମୃତ୍ୟୁ ଘଟୁଛି। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଏଥିପାଇଁ ଅନେକାଂଶରେ ଦାୟୀ। ଏବେ ଅଧିକାଂଶ ଯୁବବର୍ଗ ଏହି ରୋଗର ଶିକାର ହେଉଛନ୍ତି। ତେଣୁ ଚାପମୁକ୍ତ ତଥା ସନ୍ତୁଳିତ ଜୀବନଶୈଳୀ ଅନୁସରଣ ସହ ନିଶାଦ୍ରବ୍ୟ ସେବନରୁ ଦୂରେଇ ରହିବା ଆବଶ୍ୟକ।

## ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାର ସହଜ ଉପାୟ

**ହୃ**ତ୍‌ପିଣ୍ଡ ବା ହାର୍ଟକୁ ସୁସ୍ଥ ରଖିବାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ତାହା ହେଉଛି ହସ। ଅର୍ଥାତ୍ ହସିବା ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ ବୋଲି ୟୁନିଭର୍‌ସିଟି ଅଫ୍ କାଲିଫର୍ଣ୍ଣିଆର ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ହସିବା ଏକ ଭଲ ବ୍ୟାୟାମ। ଏହା ଦ୍ୱାରା ଜଣେ ବ୍ୟକ୍ତି ଅନେକାଂଶରେ ସୁସ୍ଥ ରହିଥାଏ। ତେବେ ଏହାର ପ୍ରଭାବ ହୃତ୍‌ପିଣ୍ଡ ଉପରେ କିପରି ପଡୁଛି, ସେ ସମ୍ପର୍କରେ ଜାଣିବା ପାଇଁ ଉକ୍ତ ୟୁନିଭର୍‌ସିଟି ପକ୍ଷରୁ 'ହସ ଓ ହୃତ୍‌ପିଣ୍ଡ' ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ସର୍ଭେ କରାଯାଇଥିଲା। ଯେଉଁମାନେ ଅଧିକାଂଶ ସମୟ ହସୁଥିଲେ କିମ୍ବା ଖୁସିର ମାହୋଲ୍ ଭିତରେ ରହୁଥିଲେ ସେମାନଙ୍କର ହୃତ୍‌ପିଣ୍ଡ ପୂର୍ବାପେକ୍ଷା ସକ୍ରିୟ ଭାବରେ କାମ କରୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସାରାଙ୍କ ଶାଢ଼ୀରେ ବିଗ୍ ବି'ଙ୍କ ଡାଏଲଗ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ତାଙ୍କ ଅଭିନୟ ଏବଂ ନୂଆ ନୂଆ ଲୁକ୍‌ରେ ସବୁବେଳେ ଚର୍ଚ୍ଚାରେ ରୁହନ୍ତି। ନିକଟରେ ସେ ଟ୍ରାଡିସନାଲ ଲୁକ୍‌ରେ ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେଥିରେ ସାରା ପିଙ୍କ୍ କଲର ପ୍ରିଣ୍ଟେଡ୍ ଶାଢ଼ି ପିନ୍ଧିଛନ୍ତି। ଖାସ୍ କଥା ହେଉଛି, ସେ ପିନ୍ଧିଥିବା ଶାଢ଼ୀରେ ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନଙ୍କ ଆଇକନିକ୍ ଡାଏଲଗ୍ 'ମେରେ ପାସ୍ ମା ହେ' ଲେଖାଯାଇଛି। ସାରାଙ୍କ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।




## ଶ୍ୟାମଳ ବର୍ଣ୍ଣ ପାଇଁ ରିଜେକ୍ଟ ହୋଇଥିଲେ

**ମୁମ୍ବାଇ:** ଟେଲି ଅଭିନେତ୍ରୀ ହିନା ଖାନ୍ ନିଜ ଅଭିନୟ ମାଧ୍ୟମରେ ଘରେ ଘରେ ପରିଚିତ ହୋଇ ପାରିଛନ୍ତି। ଟେଲି ଧାରାବାହିକ, 'ୟେ ରିସ୍ତା କ୍ୟା କେହେଲାତା ହେ' ମାଧ୍ୟମରେ ଦର୍ଶକଙ୍କ ସାମ୍ନାରେ ନିଜ ଅଭିନୟ କଳା ଦେଖାଇଥିଲେ ହିନା। ଏହା ବ୍ୟତୀତ ସେ ଅନେକ ଟିଭି ଶୋ'ରେ ନଜର ଆସିଛନ୍ତି। ନିକଟରେ ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସେ କଶ୍ମୀରର ଝିଅ। ଏକ ଶୋ'ରେ କାଶ୍ମୀର ଝିଅର ଚରିତ୍ର ରହିଥିଲା। ତାହାକୁ ସେ କରିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କୁ ପ୍ରତ୍ୟାଖାନ କରିଦିଆଯାଇଥିଲା। ପରେ କାରଣ ପଚାରି ବୁଝିବାରୁ ସେ ଜାଣିବାକୁ ପାଇଥିଲେ କି ଶ୍ୟାମଳ ବର୍ଣ୍ଣ ପାଇଁ ତାଙ୍କୁ ରିଜେକ୍ଟ କରାଯାଇଛି। ତାଙ୍କୁ କୁହାଯାଇଥିଲା, 'ଆପଣ କଶ୍ମୀର ଭାଷାରେ ପୁରା ପାରଙ୍ଗମ ହୋଇଥିଲେ ହେଁ ଶରୀରର ବର୍ଣ୍ଣ ଶ୍ୟାମଳ। ତେଣୁ ଆପଣ ଏହି ଚରିତ୍ର ପାଇଁ ଉପଯୁକ୍ତ ନୁହଁନ୍ତି'। ସେତେବେଳେ ହିନାଙ୍କୁ ଏହା କଷ୍ଟ ଦେଇଥିଲେ ହେଁ ସେ ସେଠାରେ ଅଟକି ଯାଇ ଆଶା ହରାଇ ନ ଥିଲେ। ଏବେ ସେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବେ ପ୍ରମାଣିତ କରିପାରିଛନ୍ତି। ନିକଟରେ ସେ ଅଙ୍ଗଦ ବେଦୀଙ୍କ ସହ ଏକ ମ୍ୟୁଜିକ୍ ଭିଡିଓ 'ମେ ଭି ବର୍‌ବାଦ୍'ରେ ନଜର ଆସିଥିଲେ।

# ମେନୁରୁ ହଟିପାରେ କୁକୁର ମାଂସ

**ଦକ୍ଷିଣ କୋରିଆର ଖାଦ୍ୟ ସାରଣୀରୁ ଖୁବ୍‌ଶୀଘ୍ର ହଟିପାରେ କୁକୁର ମାଂସରୁ ପ୍ରସ୍ତୁତ ବ୍ୟଞ୍ଜନ। ସାପ୍ତାହିକ ବୈଠକରେ ପ୍ରଧାନମନ୍ତ୍ରୀ କିମ୍-ବୁ-କ୍ୟୁମ୍‌ଙ୍କ ସହ ଆଲୋଚନା ବେଳେ ଏହି ସଙ୍କେତ ଦେଇଛନ୍ତି ରାଷ୍ଟ୍ରପତି ମୁନ୍-ଜେ-ଇନ୍। କୁକୁର ମାଂସରୁ ତିଆରି ଭୋଜନ ପାଇଁ ଦକ୍ଷିଣ କୋରିଆକୁ ଉପହାସ କରାଯାଉଛି। ତେଣୁ ଏହା ଉପରେ କଟକଣା ଲଗାଇବାର ବେଳ ଆସିଯାଇଥିବା ରାଷ୍ଟ୍ରପତି ମୁନ୍ ଗୁରୁତ୍ୱାରୋପ କରିଛନ୍ତି।**



**ସିଓଲ୍:** ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍-ଜେ-ଇନ୍ ଦେଶରେ କୁକୁର ମାଂସ ବିକ୍ରି ଏବଂ ଏଥିରୁ ତିଆରି ଖାଦ୍ୟ ଉପରେ ବ୍ୟାନ୍ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି। ଅନ୍ତର୍ଜାତୀୟସ୍ତରରେ କୁକୁର ମାଂସ ଖାଇବାକୁ ଘୃଣ୍ୟ ଚକ୍ଷୁରେ ଦେଖାଯାଉଛି। ତେଣୁ ବର୍ତ୍ତମାନ ସମୟରେ ଏହାକୁ ବ୍ୟାନ୍ କରିବାର ଆବଶ୍ୟକତା ଅନୁଭୂତ ହେଲାଣି ବୋଲି ରାଷ୍ଟ୍ରପତି ମୁନ୍ କହିଛନ୍ତି।

ଦକ୍ଷିଣ କୋରିଆ ଭୋଜନ ଥାଳିରେ ଦୀର୍ଘ ସମୟ ଧରି କୁକୁର ମାଂସରୁ ପ୍ରସ୍ତୁତ ବ୍ୟଞ୍ଜନ ପରଷାଯାଉଛି। ମାଂସ ଲୋଭ ପାଇଁ ଏଠାରେ ବର୍ଷକୁ ହାରାହାରି ୧୦ ଲକ୍ଷ କୁକୁରଙ୍କୁ ହତ୍ୟା କରାଯାଉଛି। ଯଦିଓ କିଛିବର୍ଷ ହେଲା ଲୋକଙ୍କ ମାନସିକତାରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି, ତଥାପି ହୋଟେଲ, ରେଷ୍ଟୁରାଣ୍ଟ ମେନୁରେ ଏବେ ବି କୁକୁର ମାଂସରୁ ପ୍ରସ୍ତୁତ ବ୍ୟଞ୍ଜନକୁ ହଟାଯାଇପାରିନାହିଁ। ବିବେକପୂର୍ଣ୍ଣ ଢଙ୍ଗରେ କୁକୁର ମାଂସ ସେବନକୁ ବ୍ୟାନ୍ କରାଯିବା ଉପରେ ବିଚାର କରିବା ପାଇଁ କ'ଣ ସମୟ ଆସିନାହିଁ ବୋଲି ମୁନ୍ ପ୍ରଶ୍ନ କରିଥିବାବେଳେ ରାଷ୍ଟ୍ରପତିଙ୍କ ଏଭଳି ବକ୍ତବ୍ୟକୁ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା।

ରାଷ୍ଟ୍ରପତି ମୁନ୍ ଜଣେ ପ୍ରାଣୀପ୍ରେମୀ ଭାବେ ଜଣାଶୁଣା। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଷ୍ଟ୍ରପତି ଭବନ 'ବ୍ଲୁ ହାଉସ୍'ରେ ଅଛନ୍ତି ଅନେକ ପୋଷାଜୀବ। ତନ୍ମଧ୍ୟରେ 'ଟେରି' ନାମକ କୁକୁର ଅନ୍ୟତମ। 'ବ୍ଲୁ ହାଉସ୍'ରେ ସ୍ଥାନ ପକ୍କା କରିଥିବା ପ୍ରଥମ କୁକୁର 'ଟେରି'କୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାକୁ ଆପଣାଇବାକୁ ନିର୍ବାଚନ ଅଭିଯାନରେ ପ୍ରତିଶ୍ରୁତି ଦେଇଥିଲେ 'ମୁନ୍'।

### ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ସଙ୍କେତ

ସୂଚନାଯୋଗ୍ୟ, ଦକ୍ଷିଣ କୋରିଆରେ କୁକୁର, ବିଲେଇଙ୍କୁ ହତ୍ୟା କରିବା ଦଣ୍ଡନୀୟ ଅପରାଧ। ହେଲେ ବଡ଼ ରେଷ୍ଟୁରାଣ୍ଟ ଏବଂ ଭୋଜନାଳୟରେ ଏମାନଙ୍କ ମାଂସରୁ ପ୍ରସ୍ତୁତ ଖାଦ୍ୟକୁ ବ୍ୟାନ୍ କରାଯାଇନାହିଁ। ଦେଶର ବୟସ୍କମାନେ କୁକୁର ମାଂସରୁ ପ୍ରସ୍ତୁତ ସୁପ୍ ପିଇବାକୁ ବେଶ୍ ପସନ୍ଦ କରିଥାଆନ୍ତି। ସେମାନଙ୍କ କହିବା କଥା, ଏହା ଅତ୍ୟଧିକ ଥଣ୍ଡାରୁ ରକ୍ତକୁ ଗରମ ରଖିବାରେ ସହାୟକ ହେଉଛି। ଅନ୍ୟପଟେ ଦକ୍ଷିଣ କୋରିଆରେ କୁକୁର ମାଂସ ପୌରାଣିକ କିମ୍ବଦନ୍ତୀ ସହିତ ଜଡ଼ିତ। ତେଣୁ ଦେଶର ରୂଢ଼ିବାଦୀଙ୍କ ପ୍ରତିକ୍ରିୟାକୁ ଭୟ କରି ସରକାର ଏହି ନିୟମକୁ ସଂଶୋଧନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ତେବେ କଡ଼ା ନିୟମ ଆଣିବା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଅନେକ ବିଶ୍ଳେଷକ ମତ ଦେଇଛନ୍ତି। କେବଳ ଦକ୍ଷିଣ କୋରିଆ ନୁହେଁ, ଚାଇନା ମଧ୍ୟ କୁକୁର ମାଂସ ସେବନକୁ ବ୍ୟାନ୍ କରିବା ଲାଗି ଚିନ୍ତା କରୁଛି। ଏସିଆ ମହାଦେଶର ଅନେକ ରାଷ୍ଟ୍ରରେ କୁକୁର ମାଂସରୁ ଭୋଜନ ପ୍ରସ୍ତୁତ କରାଯାଉଛି। ଏହି କାରଣରୁ ବାର୍ଷିକ ପ୍ରାୟ ୩୦ ମିଲିୟନ କୁକୁରଙ୍କୁ ହତ୍ୟା କରାଯାଉଥିବା 'ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାଶନାଲ' ପକ୍ଷରୁ ଆକଳନ କରାଯାଇଛି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଅଭୟ ଚରଣ ପଟ୍ଟନାୟକ**
(ପୂର୍ବତନ ଜିଲ୍ଲା ପରିବହନ ପରିଚାଳକ OSRTC ରେଡକ୍ରସ ରୋଡ଼, ପୁରୀ-୨)
ଆବିର୍ଭାବ-୨୫।୧୧।୧୯୩୬
ତିରୋଧାନ- ୧୦।୧୦।୨୦୨୦
ସମୟ ଆପଣଙ୍କୁ ଆମ ପାଖରୁ ଛଡ଼ାଇ ନେଇଥିଲେ ହେଁ ଆପଣ ସର୍ବଦା ଆମ୍ଭମାନଙ୍କ ହୃଦୟରେ ପ୍ରେରଣା ଦାୟକ ହୋଇ ରହିଥିବେ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଶାସନ ପଦ୍ଧତି ଆମ୍ଭମାନଙ୍କ ପାଇଁ ଚିରନ୍ତନ ପଥପ୍ରଦର୍ଶକ ସାବ୍ୟସ୍ତ ହୋଇ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶିରିଡି ସାଇବାବାଙ୍କ ଚରଣରେ ଭକ୍ତିପୂତ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:** ସହଧର୍ମିଣୀ, ତିନି ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ତଥା ପଟ୍ଟନାୟକ ପରିବାରର ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ।
ଧ-୭୦୭୩୭

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଇଂ ଚିତ୍ତରଞ୍ଜନ ମହାଖୁଡ (ଗୁନା)**
ମ୍ୟୁନିସିପାଲିଟି ରୋଡ, ଢେଙ୍କାନାଳ
ଆବିର୍ଭାବ: ୩୦।୦୬।୧୯୮୨
ତିରୋଧାନ: ୧୨।୦୯।୨୦୦୯
ତୋର ପବିତ୍ର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦୩୫୫

**ନବମ ଶ୍ରାଦ୍ଧବାର୍ଷିକୀ**
ତା.୨୯.୦୯.୨୦୨୧



**ସମରେନ୍ଦ୍ର କୁମାର ଦାସ**
ଆବିର୍ଭାବ: ତା. ୩.୧୨.୧୯୬୧
ତିରୋଧାନ : ତା.୮.୧୦.୨୦୧୨
ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ତ୍ୟାଗ, ସ୍ନେହ, କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ଜୀବନ ଆମ୍ଭମାନଙ୍କୁ ଦିଗ୍‌ଦର୍ଶନ ଦେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ-**
ପତ୍ନୀ-ସ୍ନେହଲତା, ଝିଅ-ପୂଜା, ଭାଇ-ଭଉଣୀ, ଭାଇ- ଭାଉଜ, ଭାଇବୋହୂ, ଶାଳୀ, ଶଳା-ଶଳାଭାଉଜ, ଶଶୁ, ଦେଢ଼ଶାଶୁ, ପୁତୁରା, ଝିଆରୀ, ଭଉଣୀ- ଭିଣୋଇ, ଭଣଜା, ଭାଣିଜୀ।
ଧ-୨୧୭୯୪


# କୃତ୍ରିମ କଫି

**ନୂଆଦିଲ୍ଲୀ:** ବୈଜ୍ଞାନିକମାନେ ଲ୍ୟାବରେ କୃତ୍ରିମ ଉପାୟରେ ମାଂସ ଏବଂ କ୍ଷୀର ପ୍ରସ୍ତୁତ କରିଥିବା କଥା ଆମେ ପୂର୍ବରୁ ଶୁଣିଛେ। ଠିକ୍ ଏହି ଢଙ୍ଗରେ ଏବେ କୃତିମ ଉପାୟରେ ତିଆରି ହୋଇଛି କଫି। କଫି ପାଇଁ ଲୋକଙ୍କ ଚାହିଦା ବୃଦ୍ଧି ପାଉଥିବାରୁ ବୈଜ୍ଞାନିକମାନେ ଏହି ବିକଳ୍ପ ଚିନ୍ତା କରିଛନ୍ତି। ଚାଷ ନ କରି ଏବେ ଲ୍ୟାବରେ ମଧ୍ୟ କଫି ପ୍ରସ୍ତୁତ କରାଯାଇପାରିବ। ପ୍ରଥମ ଥର ପାଇଁ ଫିନ୍‌ଲାଣ୍ଡ ବିଟିଟି ଟେକ୍ନିକାଲ ରିସର୍ଚ୍ଚ ସେଣ୍ଟରର ଲ୍ୟାବରେ କୃତ୍ରିମ କଫି ବିକଶିତ କରାଯାଇଛି। ଏହି କଫିର ସ୍ୱାଦ ଏବଂ ଗନ୍ଧ ସମ୍ପୂର୍ଣ୍ଣରୂପେ ପ୍ରାକୃତିକ କଫିଭଳି। ଲ୍ୟାବରେ କଫି ତିଆରି ନିମନ୍ତେ ବୈଜ୍ଞାନିକମାନେ ପ୍ରଥମେ ଅରୋବିକାର କୋଷକୁ ନେଇଥିଲେ। ଅରୋବିକା କୋଷର ନମୁନା ଅନୁସାରେ ଜେନେଟିକାଲି ଇଞ୍ଜିନିୟର୍ଡ କଫି ତିଆରି କରିଥିଲେ। କୋଷ ମାଧ୍ୟମରେ ଏଭଳି ଉପାୟରେ କଫି ତିଆରି କରିବାର ଶୈଳୀକୁ ସେଲୁଲାର ଏଗ୍ରିକଲଚର କୁହାଯାଏ। ବୈଜ୍ଞାନିକମାନଙ୍କ କହିବା କଥା ହେଉଛି ଅରୋବିକା ଗଛ ମାଧ୍ୟମରେ ଯେତିକି ପରିମାଣର କଫି ତିଆରି ହେଉଛି ତାହା ଅନୁସାରେ ଲୋକଙ୍କ ଚାହିଦା ଆହୁରି ଅଧିକ ରହୁଛି। ଏହି କଫି ୨୦୨୫ ମସିହା ସୁଦ୍ଧା ମାର୍କେଟରେ ଉପଲବ୍ଧ ହୋଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



(ବୁବୁଲୁ)
**ଶ୍ରୁତିଶ୍ରୀ ସିହ୍ନା**
ତୋର ୧୪ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଅଜା, ଆଈ, ଗୁଗୁଲ, ଡୁଡୁଲୁ, ବନ୍ଧୁ ଓ ପରିବାର।
ଧ-୭୭୭୩୦

DSPL - 157
## ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
### ଉପ ନିର୍ବାଚନ-୨୦୨୧ : ୧୧୦ -ପିପିଲି
ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ପାଇଁ ଜରୁରୀ ମାର୍ଗ ଦର୍ଶିକା

- ଘରୁ ମାସ୍କ (MASK) ପିନ୍ଧି ଭୋଟ ଗ୍ରହଣ କେନ୍ଦ୍ରକୁ ଆସନ୍ତୁ
- ଭୋଟ ଗ୍ରହଣ କେନ୍ଦ୍ର ସାମ୍ନାରେ ନିଜ ନିଜର ତାପମାତ୍ରା ପରୀକ୍ଷା (Thermal Scanning) କରାନ୍ତୁ ଏବଂ ହାତକୁ ସାନିଟାଇଜର ରେ ବିଶୋଧନ କରାନ୍ତୁ
- ବୁଥ୍ ସ୍ତରୀୟ ଅଧିକାରୀ (BLO)ଙ୍କ ପାଖରୁ ହାତରେ ପିନ୍ଧିବା ପାଇଁ ଗୋଟିଏ ଗ୍ଲୋଭ୍ସ (GLOVE) ସଂଗ୍ରହ କରନ୍ତୁ
- ବୁଥ୍‌ରେ ସର୍ବଦା ସାମାଜିକ ଦୂରତା ବଜାୟ ରଖନ୍ତୁ। ଭୋଟ ଗ୍ରହଣ କେନ୍ଦ୍ର ଭିତରକୁ ଜଣଙ୍କ ପରେ ଜଣେ ଯାଆନ୍ତୁ। ପୋଲିଂ ଅଧିକାରୀ ମାନଙ୍କ ସାମ୍ନାରେ ଜଣେରୁ ଅଧିକ ଠିଆ ହୁଅନ୍ତୁ ନାହିଁ
- ନିର୍ଦ୍ଧାରିତ ଅଙ୍ଗୁଳିରେ ଭୋଟିଂରେ ବ୍ୟବହୃତ ଅଲିଭା କାଳି (Indelible Ink) ଧାରଣ କରନ୍ତୁ। ଗ୍ଲୋଭ୍ସ ପିନ୍ଧି ଭୋଟର ରେଜିଷ୍ଟରରେ ଦସ୍ତଖତ କରନ୍ତୁ
- ପୋଲିଂ ଅଧିକାରୀଙ୍କ ପାଖରୁ ଗ୍ଲୋଭ୍ସ ପିନ୍ଧା ହାତରେ ଚିରକୁଟ ଗ୍ରହଣ କରନ୍ତୁ ଏବଂ ଭୋଟିଂ ପ୍ରକୋଷ୍ଠ (VOTING COMPARTMENT) ଭିତରେ (EVM) ରେ ଭୋଟ ଦେବା ସମୟରେ ଗ୍ଲୋଭ୍ସ ପିନ୍ଧା ଆଙ୍ଗୁଳିର ଉପଯୋଗ କରନ୍ତୁ

କୋଭିଡ-୧୯ ପାଇଁ ଭୋଟ ଗ୍ରହଣ କେନ୍ଦ୍ରର ସର୍ବାଧିକ ଭୋଟରଙ୍କ ସଂଖ୍ୟା ୧୦୦୦ରେ ସିମିତ ରଖାଯାଇଛି। କେତେକ ସ୍ଥାନରେ ସହାୟକ ଭୋଟ ଗ୍ରହଣ କେନ୍ଦ୍ର ଅନ୍ୟତ୍ର ଖୋଲାଯାଇଛି। ତେଣୁ ଭୋଟ ଗ୍ରହଣ ପୂର୍ବରୁ ଆପଣମାନେ ନିଜର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଠାରୁ କିମ୍ବା ସେମାନଙ୍କ ଦ୍ୱାରା ପ୍ରଦତ୍ତ ଭୋଟ ଚିରକୁଟି ମାଧ୍ୟମରେ ନିଜ ନିଜର ବୁଥ୍ ସମ୍ବନ୍ଧରେ ପୂର୍ବରୁ ସୂଚନା ସଂଗ୍ରହ କରନ୍ତୁ।

OIPR-12001/13/0010/2122

DSPL-154
NATIONAL HEALTH MISSION
Ipas Development Foundation
## ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ
୨୮ ସେପ୍ଟେମ୍ବର,୨୦୨୧

ଡାକ୍ତରଙ୍କ ପରାମର୍ଶରେ ଏବଂ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଗର୍ଭଧାରଣଠାରୁ ୨୦ ସପ୍ତାହ ପର୍ଯ୍ୟନ୍ତ ଯେକୌଣସି ସମୟରେ ଗର୍ଭପାତ କରାଇବା ନିରାପଦ।




କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ କରାନ୍ତୁ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଶା/ଅଙ୍ଗନୱାଡ଼ି/ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।
OIPR-10003/13/0070/2122

ନିର୍ଦ୍ଧାରିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଗର୍ଭପାତ ବିନାମୂଲ୍ୟରେ ଉପଲବ୍ଧ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

# ସୂର୍ଯ୍ୟମୁଖୀ ବିହନ ଚୟନ



ସୂର୍ଯ୍ୟମୁଖୀ ବିହନ ଲଗାଇବା ପୂର୍ବରୁ ଏହାର ଉନ୍ନତ କିସମ ବିଷୟରେ ଜାଣିନିଅନ୍ତୁ। ଏଥିପାଇଁ ମଡର୍ଣ୍ଣ, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପି.ଏ.ସି.-୩୬, କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪ ଓ ଏମ୍.ଏସ୍. ଏଫ୍.ଏଚ୍.-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ୧ କି.ଗ୍ରା. ବିହନ ପ୍ରତି କାର୍ବୋସ୍କିନ୍ ସହ ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

# ଚିନାବାଦାମ ମଞ୍ଜି ପାକଳ ହୋଇଥିଲେ..



ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇ ଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ସ୍ମୃତି, ଦେବୀ, ଧରଣୀ, ଟି.ଜି.-୩୮, ଟି.ଏସ୍.ଭି.-୨ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରିପାରିବେ।

# ମାଛ ଯାଆଁଳର ଯତ୍ନ



ବର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଜାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

# ଧାନ କାଟିବା ପୂର୍ବରୁ...




ସଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ। ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳ କରି ୨/୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ବିଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ଡାଇକ୍ଲୋରୋଭସ୍ ୧ ମି.ଲି.କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ / କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରୀ କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ।

-ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ।

-ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।

-କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ।

-ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ।

-ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।

-ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ।

-କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।

କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗ କଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରୀରୁ ଲେଡ଼ା ପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା, ଫସଲରେ ୧ ଲିଟର କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ପ୍ରୋଫେନୋଫସ୍ / ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ। ବୀଜାଣୁ ଜନିତ ପତ୍ରପୋଡ଼ା ଓ ପୋକ ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ। କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ। ଉନ୍ନତ ବିହନ ଯଥା:- ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ।

**ଡାଲିଜାତୀୟ ଫସଲ**

**ମୁଗର ଉନ୍ନତ କିସମ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ୱଳା, ଶେଖର-୨, ସାରଳା, ମାହୁରି, ଶଶି।

**ହରଡ଼ :** ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**କୋଳଥ :** ଉର୍ମି, ଡି.ଏସ୍. ୧-୨, ଡି.ଏସ୍.୧-୨-୨, ନୟାଗଡ଼-୧ ଆଦି କିସମ ସଂଗ୍ରହ କରି ଅକ୍ଟୋବର ୧୫ ତାରିଖ ସୁଦ୍ଧା ବୁଣାକାମ ଶେଷ କରନ୍ତୁ। ଜମି ପ୍ରସ୍ତୁତ କରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ।

**ଆଖୁ :** ବର୍ଷା ଯୋଗୁ ଆଖୁ କିଆରିରେ ପାଣି ଜମିଥିଲେ ନିଷ୍କାସନ କରନ୍ତୁ। ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ। ନାଲି ଶଢ଼ା ଆକ୍ରାନ୍ତ ବୁଦା ଓପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

**କପା :** ଜଉ ପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ ୩୦ ମି.ଲି. ଡାଇମିଥୋଏଟ୍ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

**ଅଦା ଓ ହଳଦୀ ଚାଷ :** ମୂଳଶଢ଼ା ରୋଗ ଆକ୍ରମଣ କଲେ ମେଟାଲାକ୍ସିଲ ସହ ମାନ୍‌କୋଜେବ୍ ୨ ଗ୍ରାମ୍/ଲିଟର ପାଣି ମିଶାଇ ମୂଳଭିଜା କରନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର*
*ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି*
*ଭୁବନେଶ୍ୱର - ୭୫୧୦୦୩*

## ଫଳବଗିଚାରୁ ଜଳ ନିଷ୍କାସନ

ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳ ସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଟ୍‌ଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୪ ମି.ଲି. / ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛ ମୂଳରେ ପ୍ରୟୋଗ ପରେ ମାଟି ଟେକି ଦିଅନ୍ତୁ। କଲମୀ ଗଛର କାଟ୍‌ଛାଣ୍ଟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।



## ଗୋପାଳନ

ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ। ଗୋରୁଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ। ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ। ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ। ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।



# ଅଭିନେତାରୁ ଜୈବିକ ଚାଷୀ



ଦୁର୍ଯ୍ୟୋଧନ ନାୟକ

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମୁରୁସୁଆଁ ଗ୍ରାମର ଦୁର୍ଯ୍ୟୋଧନ ନାୟକ। ୫୧ ବର୍ଷ ବୟସ୍କ ଏହି ଚାଷୀ ସ୍ଥାନୀୟ ଅଞ୍ଚଳରେ ଜୈବିକ ଚାଷ ପାଇଁ ଉଦାହରଣ ପାଲଟିଛନ୍ତି। ମାଟ୍ରିକ ପରୀକ୍ଷା ଦେବା ପରେ ପାଠ ଛାଡ଼ି ଘରେ ରହିଥିଲେ । ତା'ପରେ ରୋଜଗାର ସନ୍ଧାନରେ ବାହାରିଥିଲେ ସେ। ଶେଷରେ ୧୯୮୯ରେ ଅପେରା ଜଗତରେ ପ୍ରବେଶ କରିଥିଲେ। ପ୍ରଥମେ ନବଗଠିତ ଗଜପତି ଗଣନାଟ୍ୟ, ତା'ପରେ ଦିଗବିଜୟ ଓ ପରେ ଶିବାନୀ ଗଣନାଟ୍ୟରେ ଯୋଗଦେଇ ଛୋଟ ଛୋଟ ଭୂମିକାରେ ଅଭିନୟ କରିଥିଲେ । ଶିବାନୀ ଗଣନାଟ୍ୟ ଦ୍ୱାରା ପରିବେଷିତ ତଥା ଅପେରା ଜଗତର ସୁପରହିଟ୍ ନାଟକ 'ମୋ ପେଁକାଳୀ ବଜେଇ ଦେ'ରେ କନଷ୍ଟେବଲ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିଥିଲା।

ନିଜ ଚାଷ ସମ୍ପର୍କରେ ଦୁର୍ଯ୍ୟୋଧନ (ମୋବାଇଲ ନମ୍ବର-୮୭୫୮୨୯୧୩୨୦) କହନ୍ତି, ''ରାସାୟନିକ ସାର ବ୍ୟବହାର ବହୁଳ ଭାବରେ ହେଉଛି । ତେଣୁ ଜୈବିକ ସାର ପ୍ରୟୋଗ କରି ଚାଷ କରିବାକୁ ସ୍ଥିର କରିଥିଲି ଏବଂ ଏଥିରେ ସଫଳ ମଧ୍ୟ ହୋଇଛି। ପ୍ରଥମେ ଉଦ୍ୟାନ ବିଭାଗ ସହାୟତାରେ ଆଖପାଖ ୫ଟି ଗ୍ରାମର ଆଗ୍ରହୀ ଚାଷୀଙ୍କୁ ନେଇ ଜୈବିକ ଚାଷ ଆରମ୍ଭ କରିଥିଲି। ମୋର ଗୋଟିଏ ଲକ୍ଷ୍ୟ ରହିଛି । ଏହି ପ୍ରଣାଳୀରେ କିପରି ବହୁଳ ଭାବରେ ଚାଷ କରାଯାଇପାରିବ ଏବଂ ଅନ୍ୟ ଚାଷୀମାନେ ଏହାକୁ କିପରି ଆପଣେଇ ପାରିବେ ସେ ନେଇ ଚେଷ୍ଟା ଜାରି ରଖିଛି। ଚାଷକୁ ରୋଜଗାରର ମୁଖ୍ୟ ମାଧ୍ୟମ ଭାବରେ ଗ୍ରହଣ କରିନେବା ପରେ ଏଥିରୁ ମୋତେ ବର୍ଷକୁ ଲକ୍ଷାଧିକ ଟଙ୍କା ମିଳିଥାଏ। ଏବେ ମୁଁ ଘରକୁ ସୁରୁଖୁରୁରେ ଚଳାଇପାରୁଛି। ଘରେ ମା'ବାପାଙ୍କ ଦେଖାଶୁଣା କରିବା ସହିତ ଚାଷବାସ ବୁଝିବା ପାଇଁ କେହି ନ ଥିଲେ । ତେଣୁ ୨୦୦୧ରେ ଅଭିନୟ ଛାଡି ଚାଷ କାମକୁ ଆପଣେଇ ନେଇଥିଲି।'' ପତ୍ନୀ ବିଷ୍ଣୁପ୍ରିୟା ତାଙ୍କୁ ଚାଷ କାମରେ ସହାୟତା କରନ୍ତି ବୋଲି କହନ୍ତି ଦୁର୍ଯ୍ୟୋଧନ। ତାଙ୍କର ପାଖାପାଖି ୮ ଏକର ଜମି ରହିଛି । ଏହି ଜମିରେ ସେ ଖରିଫ ଋତୁରେ ଧାନ ଚାଷ, ପନିପରିବା ଚାଷ ଏବଂ ଖରାଦିନରେ ସୂର୍ଯ୍ୟମୁଖୀ, ସୋରିଷ, ମୁଗ, ବିରି, ସୋଲା ଆଦି ଚାଷ କରନ୍ତି।

**-ନରେଶ ଚନ୍ଦ୍ର ପଟ୍ଟନାୟକ**

## ଚାଷୀଙ୍କ ପାଇଁ

- ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।
- ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ସହଳ କିସମ ଫୁଲକୋବିରେ ସଁବାଲୁଆ ଲାଗିଲେ ୪ ମି.ଲି. ନିମ ତେଲକୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।
- ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ ।
- ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।
- ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।



# କୁକୁଡ଼ାଘରର ଯତ୍ନ



ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ। ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ। କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ। ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

# ଫୁଲଚାଷ କରୁଥିଲେ...



ତରଳ ଖତ - ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ। ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଷ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେପ୍ଟେମ୍ବର ମାସରେ ସେବତୀ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ)। ବଡ଼ କିସମରେ ଗୋଟିଏ ଗଛରେ ୨-୩ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଅକ୍ଟୋବର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟ୍‌ଛାଣ୍ଟ କରନ୍ତୁ ଓ ବୋର୍ଡ଼ୋପେଷ୍ଟ ପ୍ରୟୋଗ କରନ୍ତୁ।

# ରାଶି ସମ୍ପର୍କରେ



ରାଶି ବୁଣିବା ସମୟରେ ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ। ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ ହିସାବରେ ଟେବୁକୋନାଜୋଲ୍ ୨% ଡିଏସ୍ ଗୋଳାଇ ବିଶୋଧନ କରନ୍ତୁ। ବିହନ ସହିତ ସମାନ ପରିମାଣର ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ। ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା।

# କ୍ରମାଗତ ୪ ବିଜୟ ପରେ ଦିଲ୍ଲୀର ପରାଜୟ

ଶାରଜା,୨୮।୯

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୧୪ତମ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟରେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ କ୍ରମାଗତ ୪ଟି ବିଜୟ ପରେ ପ୍ରଥମ ପରାଜୟ ବରଣ କରିଛି। ମଙ୍ଗଳବାର ଖେଳାଯାଇଥିବା ଏକ ଲୋ-ସ୍କୋରିଂ ମ୍ୟାଚ୍‌ରେ ଦିଲ୍ଲୀ ଇଅନ ମୋର୍ଗାନଙ୍କ କୋଲକାତା ନାଇଟ ରାଇଡର୍ସଠାରୁ ୩ ଉଇକେଟରେ ପରାସ୍ତ ହୋଇଛି।

ପ୍ରଥମେ ବ୍ୟାଟିଂକରି ଦିଲ୍ଲୀ ଏହି ସ୍ଲୋ ଟ୍ରାକ୍‌ରେ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରିଥିଲା। କୋଲକାତା ୧୮.୨ଓଭରରେ ୭ ଉଇକେଟ ହରାଇ ୧୩୦ ରନକରି ବିଜୟୀ ହୋଇଥିଲା। କୋଲକାତା ୧୧ ମ୍ୟାଚ୍ ଖେଳି ୫ ବିଜୟ ଓ ୬ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ଚତୁର୍ଥସ୍ଥାନ ବଜାୟ ରଖିଛି। ୧୮ ରନ ଦେଇ ୨ ଉଇକେଟ ନେବା ସହ ଉପଯୋଗୀ ଦ୍ରୁତ ୨୧ ରନ (୧୦ ବଲ, ୧ ଚୌକା, ୨ ଛକା) କରି ସୁନୀଲ ନାରିନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅନ୍ୟପଟେ ଦିଲ୍ଲୀ ୧୧ ମ୍ୟାଚ୍ ଖେଳି ୮ ବିଜୟ, ୩ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।

୧୨୮ ଟାର୍ଗେଟର ପିଛା କରି କୋଲକାତା ଭେଙ୍କଟେଶ ଆୟାର (୧୪ରନ)ଙ୍କୁ ପ୍ରଥମେ ହରାଇଥିଲା। କୋଲକାତା ଏକଦା ୬୭ ରନରେ ୪ ଉଇକେଟ ହରାଇଥିଲା। ତେବେ ନୀତୀଶ ରାଣା ଓ ନାରିନ ଉପଯୋଗୀ ବ୍ୟାଟିଂ କରି ଦଳକୁ ବିଜୟୀ କରାଇଥିଲେ। ନୀତୀଶ ସର୍ବାଧିକ ୩୬ ରନକରି ଅପରାଜିତ ରହିଥିଲେ। ସେହିପରି ଓପନର ଶୁବମନ ଗିଲ ୩୦, ନାରିନ ୨୧ ରନକରି ଆଉଟ ହୋଇଥିଲେ। ୧୬ତମ ଓଭରରେ କାଗିସୋ ରାବାଡାଙ୍କୁ ନାରିନ ୨ ଛକା, ୧ ଚୌକା ସହ ୨୧ ରନ ସଂଗ୍ରହ କରି କୋଲକାତାକୁ ବିଜୟର ନିକଟରେ ପହଞ୍ଚାଇଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଆଭେସ ଖାଁ ସର୍ବାଧିକ ୩, ଅନରିଚ ନୋର୍ଜ, ରବିଚନ୍ଦ୍ରନ ଅଶ୍ୱିନ, ଲଳିତ ଯାଦବ, କାଗିସୋ ରାବାଡ଼ା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀର ୩ ଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଦମ୍‌ଦାର ଆରମ୍ଭ କରିଥିଲେ ମଧ୍ୟ ପରେ ଦିଲ୍ଲୀ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଦୁଇ ଓପନର ଶିଖର ଧାୱନ ଓ ଷ୍ଟିଭ ସ୍ମିଥ୍ ୨୪ ଓ ୩୯ (୩୪ ବଲ, ୪ ଚୌକା) ରନକରି ଆଉଟ ହୋଇଥିଲେ। ଅଧିନାୟକ ରିଷଭ ପନ୍ତ ୩୬ ବଲରୁ ୩ ଚୌକା ସହ ୩୯ ରନ ସଂଗ୍ରହ କରିଥିଲେ। ଅ ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କୁ ପଛରେ ପକାଇ ପନ୍ତ ଦିଲ୍ଲୀର ସର୍ବାଧିକ ରନ ସ୍କୋରର ହୋଇଛନ୍ତି। କୋଲକାତା ତରଫରୁ ଭେଙ୍କଟେଶ ଆୟାର, ସୁନୀଲ ନାରିନ, ଲୋକି ଫର୍ଗୁଶନ ୨ଟି ଲେଖାଏ, ଟିମ୍ ସୌଦି ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୨୭/୯ (ପନ୍ତ- ୩୯, ସ୍ମିଥ୍-୩୯, ଧାୱନ-୨୪, ଫର୍ଗୁଶନ-୨/୧୦, ନାରିନ-୨/୧୮, ଭେଙ୍କଟେଶ-୨/୨୯)। କୋଲକାତା ନାଇଟ ରାଇଡର୍ସ ୧୮.୨ ଓଭରରେ ୧୩୦/୭ (ନୀତୀଶ-୩୬*, ଶୁବମନ-୩୦, ନାରିନ-୨୧, ଭେଙ୍କଟେଶ-୧୪, କାର୍ତ୍ତିକ-୧୨, ଆଭେସ ଖାଁ-୩/୧୩)।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସୁନୀଲ ନାରିନ।

**ଆଜିର ମ୍ୟାଚ**

ରାଜସ୍ଥାନ ରୟାଲ୍ସ **ବନାମ** ରୟାଲ ଚ୍ୟାଲେଞ୍ଜର୍ସ

ସ୍ଥାନ : ଦୁବାଇ
ସମୟ : ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପଞ୍ଜାବକୁ ହରାଇଲା ମୁମ୍ବାଇ



ଟି୨୦ କ୍ରିକେଟରେ ୩୦୦ ଉଇକେଟ ପୂରଣର ସଙ୍କେତ ଦେଉଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର କିରନ ପୋଲାର୍ଡ।

ଆବୁଧାବି, ୨୮।୯

ପ୍ରଭାବୀ ବୋଲିଂ ପରେ ଦୃଢ଼ ବ୍ୟାଟିଂ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ୬ ଉଇକେଟରେ ପରାସ୍ତ କରିଛି। ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରିଥିଲା। ମୁମ୍ବାଇ ୧୯ ଓଭରରେ ୪ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରି ନେଇଥିଲା। ଦଳ ୧୬ ରନରେ ୨ଟି ଉଇକେଟ ହରାଇଥିଲେ ହେଁ ସୌରଭ ତିୱାରୀଙ୍କ ୩୭ ବଲ୍‌ରୁ ୪୫(୩ ଚୌକା, ୨ ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୩୦ ବଲ୍‌ରୁ ୪୦*(୪ ଚୌକା, ୨ ଛକା) ଓ କିରନ ପୋଲାର୍ଡଙ୍କ ୭ ବଲ୍‌ରୁ ୧୫*(୧ ଚୌକା, ୧ ଛକା) ରନ ବଳରେ ଗୋଟିଏ ଓଭର ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। କ୍ରମାଗତ ୩ ପରାଜୟ ପରେ ମୁମ୍ବାଇର ଏହାଥିଲା ପ୍ରଥମ ବିଜୟ।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲା। ଦଳ ପକ୍ଷରୁ ଏଡେନ ମାରକ୍ରମ ସର୍ବାଧିକ ୪୨, ଦୀପକ ହୁଡା ୨୮, ଅଧିନାୟକ ଲୋକେଶ ରାହୁଲ ୨୧ ଓ ମନଦୀପ ସିଂ ୧୫ ରନ କରି ପାରିଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରାଓ କିରନ ପୋଲାର୍ଡ ୨ଟି ଲେଖାଏ ଉଇକେଟ ନେଇଥିଲେ। ଗୋଟିଏ ଓଭରରେ ୨ଟି ଉଇକେଟ ନେଇଥିବା ପୋଲାର୍ଡ ଲୋକେଶଙ୍କୁ ଆଉଟ କରି ଟି୨୦ ଫର୍ମାଟରେ ୩୦୦ ଉଇକେଟ ପୂରଣ କରିଥିଲେ। କ୍ରୁନାଲ ପାଣ୍ଡ୍ୟା ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୩୫/୬(ଏଡେନ ମାରକ୍ରମ-୪୨, ଦୀପକ ହୁଡା-୨୮, ଲେକେଶ ରାହୁଲ ୨୧, କିରନ ପୋଲାର୍ଡ-୨/୮, ଯଶପ୍ରୀତ୍ ବୁମରା-୨/୨୪, କ୍ରୁନାଲ ପାଣ୍ଡ୍ୟା-୧/୨୪, ରାହୁଲ ଚହର-୧/୨୭)। ମୁମ୍ବାଇ ଇଣ୍ଡିଆନ୍ସ ୧୯ ଓଭରରେ ୧୩୭/୪(ସୌରଭ ତିୱାରୀ-୪୫, ହାର୍ଦ୍ଦିକ ପାଣ୍ଡ୍ୟା-୪୦*, ରବି ବିଷ୍ଣୋଇ-୨/୨୫, ମହମ୍ମଦ ସାମି-୧/୪୨, ନାଥାନ ଏଲିସ-୧/୧୨)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୮ | ୨ | ୧୬ | +୧.୦୬୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୮ | ୩ | ୧୬ | +୦.୫୬୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୬ | ୪ | ୧୨ | -୦.୩୫୯ |
| ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | +୦.୩୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୫ | ୬ | ୧୦ | -୦.୪୫୩ |
| ପଞ୍ଜାବ କିଙ୍ଗ୍ସ | ୧୧ | ୪ | ୭ | ୮ | -୦.୨୮୮ |
| ରାଜସ୍ଥାନ ରୟାଲ୍ସ | ୧୦ | ୪ | ୬ | ୮ | -୦.୩୬୯ |
| ସନ୍‌ରାଇଜର୍ସ | ୧୦ | ୨ | ୮ | ୪ | -୦.୫୦୧ |




# ପ୍ରଥମ ମ୍ୟାଚରେ ଓଡ଼ିଶା ପରାସ୍ତ

**ଭିନୁ ମଙ୍କଡ଼ ଟ୍ରଫି**

ଭୁବନେଶ୍ୱର, ୨୮।୯(କ୍ରୀଡ଼ା ପ୍ରତିନିଧି)

ଚଳିତ ସିଜନର ୧୯ ବର୍ଷରୁ କମ୍ ଦିନିକିଆ ଭିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ମୋହାଲିର ମୁଲନପୁରସ୍ଥିତ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୦୮ ରନରେ ଉତ୍ତର ପ୍ରଦେଶଠାରୁ ହାରି ଯାଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତର ପ୍ରଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୨୫୧ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଆରାଧ୍ୟ ଯାଦବ ସର୍ବାଧିକ ୫୮, ବିପରାଜ ନିଗମ ୪୨, ଅନ୍ନଭ ବଲିୟାନ ୩୯ ଓ ସ୍ୱସ୍ତିକ ୩୬ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରମାନେ ଅତିରିକ୍ତଭାବେ ୩୦ ରନ ବ୍ୟୟ କରିଥିଲେ। ବୋଲରଙ୍କ ମଧ୍ୟରେ ସୁଶୀଲ କୁମାର ବାରିକ ୩ଟି, ଆଦିତ୍ୟ ଜୟସିଂ ଓ ସାଇଦୀପ ମହାପାତ୍ର ୨ଟି ଲେଖାଏ ଏବଂ ଶ୍ରେଷ୍ଠ ସିଂ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ବ୍ୟାଟରମାନେ ପ୍ରତିପକ୍ଷ ବୋଲିଂକୁ ଠିକ୍‌ଭାବେ ମୁକାବିଲା କରି ନ ପାରିବାରୁ ଦଳ ୪୪.୪ ଓଭରରେ ୧୪୩ ରନକରି ଅଲଆଉଟ ହୋଇ ଯାଇଥିଲା। ସମ୍ବିତ ବରାଳ ସର୍ବାଧିକ ୩୮, ସାଇଦୀପ ମହାପାତ୍ର ୩୪ ଓ ସୂର୍ଯ୍ୟ ମହାପାତ୍ର ୩୦ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ବାସୁ ଭଟ୍ଟ ୪ଟି, ନିର୍ଦ୍ଦେଶ ବୈଷୋୟା ୨ଟି ଏବଂ ରିଷଭ ରାଜପୁତ, ବିଜୟ କୁମାର, ଅଭିଷେକ ତୋମାର ଓ ବିପରାଜ ନିଗମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦିଲ୍ଲୀ, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ବିହାର ଓ ଛତିଶଗଡ଼ ସହ ଓଡ଼ିଶା ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି।

# ଭେନ୍ୟୁରୁ ଭୁବନେଶ୍ୱର ବାଦ୍ ପଡ଼ିଲା

**ନୂଆଦିଲ୍ଲୀ, ୨୮।୯ (ପି.ଟି.):** ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ମହିଳା ଏସିଆନ୍ କପ୍ ଆସନ୍ତାବର୍ଷ ଜାନୁୟାରୀ-ଫେବୃୟାରୀରେ ଭାରତରେ ହେବ। ୧୯୭୯ ପରେ ଭାରତରେ ଦ୍ୱିତୀୟ ଥର ପାଇଁ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଏହା ଜାନୁୟାରୀ ୨୦ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ମୁମ୍ବାଇ, ନଭି ମୁମ୍ବାଇ ଓ ପୁଣେଠାରେ ଖେଳାଯିବ। ଟୁର୍ନାମେଣ୍ଟ ପୂର୍ବରୁ ଅହମ୍ମଦାବାଦ, ଭୁବନେଶ୍ୱର ଓ ନଭି ମୁମ୍ବାଇରେ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଭେନ୍ୟୁରେ ପରିବର୍ତ୍ତନ କରାଯାଇଛି। ଅଂଶଗ୍ରହଣକାରୀ ଦଳ ପାଇଁ ଯାତାୟାତ ସମୟ ହ୍ରାସ ବାୟୋ-ସିକିଓର ବବଲ ପାଇଁ ଉପଯୋଗୀ ପରିବେଶ ଦୃଷ୍ଟିରୁ ଅହମ୍ମଦାବାଦ ଓ ଭୁବନେଶ୍ୱରକୁ ବାଦ୍ ଦେଇ ବିକଳ୍ପ ସ୍ୱରୂପ ମୁମ୍ବାଇ ଓ ପୁଣେକୁ ମନୋନୀତ କରାଯାଇଥିଲା। ଏଥିରେ ଭାଗ ନେବା ପାଇଁ ନବାଗତ ଇରାନ ସମେତ ଆହୁରି ୫ ଦେଶ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁସାନ୍‌ବେଠାରେ ଅନୁଷ୍ଠିତ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ଗ୍ରୁପ୍ ସି'ରେ ଇଣ୍ଡୋନେସିଆ ଶୀର୍ଷ ସ୍ଥାନ ଅଧିକାର କରିଛି। ତାଜିକସ୍ତାନ ୫ଥର ଏହି ଟୁର୍ନାମେଣ୍ଟରେ ଖେଳିବାକୁ ଯାଉଛି। ଏସିଆ ମହାଦେଶର ୧୨ଟି ମହିଳା ଫୁଟ୍‌ବଲ ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ପାଇଁ ପୂର୍ବତନ ଚାମ୍ପିୟନ ଥାଇଲାଣ୍ଡ, ଦକ୍ଷିଣ କୋରିଆ ଓ ଫିଲିପାଇନ୍ସ ମଧ୍ୟ ଯୋଗ୍ୟତା ହାସଲ କରିଛି। ଏହି ଟୁର୍ନାମେଣ୍ଟ ଆହୁରିମଧ୍ୟ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଏକ ସମୟରେ ହେବାକୁଥିବା ୨୦୨୩ ଫିଫା ମହିଳା ବିଶ୍ୱକପ୍ ପାଇଁ ଶେଷ ପର୍ଯ୍ୟାୟ ଏସିଆନ କ୍ୱାଲିଫିକେଶନ।




# କର୍ଣ୍ଣାଟକଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨୮।୯ (କ୍ରୀଡ଼ା ପ୍ରତିନିଧି):** ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିର ମଙ୍ଗଳବାର ଅନୁଷ୍ଠିତ ଏଲିଟ ଗ୍ରୁପ 'ଇ' ମ୍ୟାଚରେ ଓଡ଼ିଶା ୭ ଉଇକେଟରେ କର୍ଣ୍ଣାଟକଠାରୁ ହାରି ଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଦଳ ପକ୍ଷରୁ ତନ୍ମୟୀ ବେହେରା ୬୬, ଜି.ଏମ. ଅଳକାନନ୍ଦା ୩୦ ଓ ଅଧିନାୟିକା ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ୨୮ ରନ କରିଥିଲେ। ବିପକ୍ଷ ଦଳର କେ. ଚନ୍ଦସି ୩ଟି, ମିଥିଲା ବିନୋଦ ୨ଟି ଏବଂ ସ୍ନେହା ଜଗଦୀଶ ଓ ପୂଜା କୁମାର ଏମ୍. ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୭୬ ରନ ବିଜୟ ଲକ୍ଷ୍ୟର ପିଛା କରି କର୍ଣ୍ଣାଟକ ୪୨.୫ ଓଭରରେ ୩ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରି ନେଇଥିଲା। ପ୍ରେରଣା ଜି.ଆର. ସର୍ବାଧିକ ୬୦ ଓ ନିକି ପ୍ରସାଦ ୪୧ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଓଡ଼ିଶା ବୋଲରମାନେ ଅତିରିକ୍ତଭାବେ ୪୨ ରନ ବ୍ୟୟ କରିଥିଲେ। ତନ୍ମୟୀ ବେହେରା ଓ ଅଲିପ୍ସା ବିଶ୍ୱାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଇଞ୍ଜାମାମ୍‌ଙ୍କ ହେଲା ଆଞ୍ଜିଓପ୍ଲାଷ୍ଟି

ଲାହୋର, ୨୮।୯ (ପି.ଟି.)

ପାକିସ୍ତାନର ପୂର୍ବତନ ଅଧିନାୟକ ତଥା ଅଧିକ ମ୍ୟାଚ ଖେଳିଥିବା କ୍ରିକେଟର ଇଞ୍ଜାମାମ୍ ଉଲ୍ ହକ୍‌ଙ୍କର ଏକ ଘରୋଇ ହସ୍ପିଟାଲରେ ଆଞ୍ଜିଓପ୍ଲାଷ୍ଟି ହୋଇଛି। ସେ ତାଙ୍କ ଛାତିରେ ଯନ୍ତ୍ରଣା ଏବଂ ଶ୍ୱାସ ପ୍ରଶ୍ୱାସରେ ଅସୁବିଧା ଅନୁଭବ କରିଥିଲେ। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ବହୁ ସ୍ୱାସ୍ଥ୍ୟଗତ ଟେଷ୍ଟ ପରେ ତାଙ୍କୁ ସାମାନ୍ୟ ହୃଦ୍‌ଘାତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ତାଙ୍କର ଆଞ୍ଜିଓପ୍ଲାଷ୍ଟି କରିବା ଜରୁରୀ ବୋଲି ଡାକ୍ତରମାନଙ୍କର ହୃଦ୍‌ବୋଧ ହୋଇଥିଲା। ଜଣାଶୁଣା ଡାକ୍ତର ପ୍ରଫେସର ଆବାସ କାଜିମ୍ ଇଞ୍ଜାମାମ୍‌ଙ୍କର ଚିକିତ୍ସା କରିଥିଲେ। ଇଞ୍ଜାମାମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି। ସେ ଡାକ୍ତରଖାନାରୁ ଛାଡ଼ ପାଇଛନ୍ତି। ଏହି ୫୧ ବର୍ଷୀୟ ପୂର୍ବତନ କ୍ରିକେଟର ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ୧୨୦ ଟେଷ୍ଟ ଏବଂ ୩୭୮ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ୨୦୧୬-୨୦୧୯ ମଧ୍ୟରେ ସେ ମୁଖ୍ୟ ଚୟନକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ।



# ଫାଓ ଆନ୍ତଃକ୍ଲବ ଫୁଟ୍‌ସାଲ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୯(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆନ୍ତଃକ୍ଲବ ଫୁଟସାଲ (ପ୍ରତି ଦଳରେ ୫ ଖେଳାଳି) ଚାମ୍ପିୟନଶିପ୍ ମଙ୍ଗଳବାର କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମୋଟ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ କଟକର ମଙ୍ଗଳା କ୍ଲବ ୧୫-୨ ଗୋଲରେ କିଟ୍‌କୁ ପରାସ୍ତ କରିଛି। ଯାଜପୁରର କଳିଙ୍ଗ ନଗର ସ୍ପୋର୍ଟ୍ସ ଏକାଡେମୀ ଓ କେନ୍ଦୁଝରର ବିଚାକୁଣ୍ଡି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ୭-୭ ଗୋଲରେ ଡ୍ର ରହିଛି। ତୃତୀୟ ମ୍ୟାଚରେ କଟକ ବିଡ଼ାନାସୀ କ୍ଲବ ୪-୩ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ, ୪ର୍ଥ ମ୍ୟାଚରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ୯-୩ ଗୋଲରେ କେନ୍ଦ୍ରାପଡ଼ାର ରାଜକନିକା ଆଥଲେଟିକ୍ ଆସୋସିଏଶନ, ୫ମ ମ୍ୟାଚରେ କଟକ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୫-୧ ଗୋଲରେ ଭୁବନେଶ୍ୱରର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଏବଂ ୬ଷ୍ଠ ମ୍ୟାଚରେ ସୋନପୁରର ରାମଧୁନ କ୍ଲବ ୮-୩ ଗୋଲରେ ପୁରୀର ନୀଳଚକ୍ର କ୍ଲବକୁ ପରାସ୍ତ କରିଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ମୁଖ୍ୟ ଅତିଥି, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ଦିଲୀପ କୁମାର ସାହୁ, ବିଶ୍ୱରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ।

## ଫୁଟ୍‌ବଲର ରୋଜର ହଣ୍ଟଙ୍କ ପରଲୋକ

**ଲିଭରପୁଲ, ୨୮।୯:** ଇଂଲଣ୍ଡ ପୂର୍ବତନ ଫୁଟବଲର ରୋଜର ହଣ୍ଟ ୮୩ ବର୍ଷ ବୟସରେ ପରାଲୋକ ଗମନ କରିଛନ୍ତି। ଜଣେ ଷ୍ଟ୍ରାଇକର ଭାବେ ଖ୍ୟାତି ଅର୍ଜନ କରିଥିବା ହଣ୍ଟ ଇଂଲଣ୍ଡକୁ ବିଶ୍ୱକପ୍ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ମଧ୍ୟ ଜଣାଶୁଣା କ୍ଲବ ଲିଭରପୁଲର ସର୍ବକାଳୀନ ଗୋଲ ସ୍କୋରର ହୋଇଥିଲେ। ଦୀର୍ଘ ଦିନର ଅସୁସ୍ଥତା ପରେ ସେ ସୋମବାର ମୃତ୍ୟୁ ବରଣ କରିଛନ୍ତ ବୋଲି ଲିଭରପୁଲ ତରଫରୁ କୁହାଯାଇଛି। କ୍ୟାରିୟରର ଅଧିକାଂଶ ସମୟ ଲିଭରପୁଲ ପାଇଁ ବିନିଯୋଗ କରିଛନ୍ତି। ୧୯୯୬ ବିଶ୍ୱକପ୍‌ରେ ତାଙ୍କ ୩ଟି ଗୋଲ ବଳରେ ଇଂଲଣ୍ଡ ଗ୍ରୁପ୍ ପର୍ଯ୍ୟାୟ ପାର କରିଥିଲା। ସେ ଏହି ବିଶ୍ୱକପ୍‌ର ସବୁ ୬ଟି ମ୍ୟାଚ୍ ଖେଳିଥିଲେ। ଇଂଲଣ୍ଡ ୪-୨ ଗୋଲରେ ପଶ୍ଚିମ ଜର୍ମାନୀକୁ ହରାଇ ବିଶ୍ୱକପ୍ ହାସଲ କରିଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ